ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ଜୁଲାଇ ୩୧/୨୦୨୦ (୧୨ ପୃଷ୍ଠା) | Balasore, Friday, July 31/2020 | ★★★★
୪୬ଶ ଭାଗ ୨୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ପିତା ହେଲେ ହାର୍ଦ୍ଦିକ ପାଣ୍ଡ୍ୟା

ଭାରତୀୟ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପିତୃତ୍ୱ ଲାଭ କରିଥିବା ଟୁଇଟ୍ କରି ଜଣାଇଛନ୍ତି।

୧୧

୧୦

## ଭାଇରାଲ ହେଉଛି ଶେହନାଜ୍‌ଙ୍କ ହଟ୍ ଅବତାର

ବିଗବସ୍‌ର ୧୩ତମ ସିଜନରେ ଦର୍ଶକଙ୍କ ହୃଦୟ ଜିଣିଥିଲେ ଶେହନାଜ କୌର ଗିଲ। ତାଙ୍କର କିଛି ହଟ୍ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



# ଆଦାନୀର ଓପିଜିସି ଅଂଶଧନ ଅଧିଗ୍ରହଣକୁ ମଞ୍ଜୁରୀ

ଭୁବନେଶ୍ୱର,୩୦।୭

ଓଡିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ (ଓପିଜିସି)ର ୪୯% ଇକ୍ୱିଟି ଶେୟାର ଅଧିଗ୍ରହଣକୁ କମ୍ପିଟିସନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ)ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆଦାନୀ ପାୱାର ଲିମିଟେଡ(ଏପିଏଲ୍) ଆଦାନୀ ଗ୍ରୁପର ଏକ କମ୍ପାନୀ ହୋଇଥିବା ବେଳେ ଏହା ମୁଖ୍ୟତଃ ଶକ୍ତି ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଏପିଏଲ୍ ଏକ ପବ୍ଲିକ ଲିମିଟେଡ କମ୍ପାନୀ। ଏହାର ଶେୟାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡରେ ସୂଚୀଭୁକ୍ତ ହୋଇଛି। ସେହିଭଳି ଓପିଜିସି ଓଡିଶା ସରକାରଙ୍କ ଏକ ସାର୍ବଜନୀନ କମ୍ପାନୀ। ଏହା ଓଡିଶା ସରକାର, ଏଇଏସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଏବଂ ଏଇଏସ୍ ଓପିଜିସି ହୋଲ୍ଡିଂର ଏକ ଯୌଥ ଉଦ୍ୟୋଗ। ଓପିଜିସି ଶକ୍ତି ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି ପ୍ରସ୍ତାବିତ ଅଧିଗ୍ରହଣ ସମ୍ପର୍କିତ ସିସିଆଇର ବିସ୍ତୃତ ନିର୍ଦ୍ଦେଶ ପରବର୍ତ୍ତୀ ସମୟରେ ଜାରି କରାଯିବ ବୋଲି ଜଣାପଡିଛି।

# ୩୦ ହଜାର ଟପିଲା

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

## ଆଉ ୧୦ ଜୀବନ ନେଲା

### ପୁଣି ୧୨୦୩ ଚିହ୍ନଟ, ୮୦୭ ସୁସ୍ଥ



କରୋନା ମୁକାବିଲା ଲାଗି ରାଜ୍ୟ ସରକାର ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଏହାସତ୍ତ୍ୱେ ରାଜ୍ୟରେ ସଂକ୍ରମଣ ଥମିବାର ନାଁ ଧରୁନି। ଜୁଲାଇରେ ଏହି ମହାମାରୀ ସବୁଠୁ ଅଧିକ ସକ୍ରିୟ ହୋଇଉଠିଛି। କିଛିଦିନ ହେବ ହଜାରେ ଉପରେ ସଂକ୍ରମଣ ହେଉଥିବାବେଳେ ଶେଷ ୨୪ ଘଣ୍ଟାରେ ଆଉ ୧୨୦୩ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୦,୩୮୭କୁ ବୃଦ୍ଧି ପାଇଛି। ସେହିଭଳି ପୁଣି ୧୦ଜଣଙ୍କ ଜୀବନ ନେଇଛି ଘାତକ କୋଭିଡ୍-୧୯। ଇତିମଧ୍ୟରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୬୯ ଛୁଇଁଛି।

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟ ଅନୁସାରେ, ରାଜ୍ୟରେ ୨୮ ଜିଲାରୁ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ☞ପୃଷ୍ଠା-୪

# ଓଇଆର୍‌ସି ମୁହାଁଇବ କୁଆଡ଼େ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

## ରାଜ୍ୟ ନା ଟାଟା

ରାଜ୍ୟବାସୀଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ବିଦ୍ୟୁତ୍ ବ୍ୟବସ୍ଥାକୁ ଘରୋଇକରଣ କରିଛନ୍ତି। ଗତ ଶତାବ୍ଦୀର ୮୦ ଦଶନ୍ଧିରୁ ଆରମ୍ଭ ହୋଇଥିବା ଏହି ପ୍ରୟାସ ବାରମ୍ବାର ଗୋଟିଏ ପ୍ରକାର ଫଳ ଦର୍ଶାଉଛି। କରଦାତାଙ୍କ ଅର୍ଥରେ ସୃଷ୍ଟି ହୋଇଥିବା ବିରାଟକାୟ ବିଦ୍ୟୁତ୍ ଭିତ୍ତିଭୂମିକୁ ବ୍ୟବହାର କରି ଘରୋଇ କମ୍ପାନୀଗୁଡ଼ିକ ଲୁଟ୍ କରି ରାଜ୍ୟ ଛାଡ଼ି ପଳାଉଛନ୍ତି। ଏହି ନାଟକ ଆମେରିକା କମ୍ପାନୀ ଏଇଏସ୍ ଠାରୁ ଆରମ୍ଭ ହୋଇଥିଲା। ମଝିରେ ରିଲାଏନ୍ସ(ବିଏସ୍‌ଇସ୍) ପଶିଆସିଥିଲା। ଏବେ ସେହି ଆସନରେ ଟାଟା ଆସି ବସିଛି।

ଟାଟା ପାୱାର ଏବେ ସେସୁକୁ ହାତେଇ ନେଇଛି। ୧ ଟଙ୍କା ବିନିଯୋଗ ନ କରି ଟାଟା କମ୍ପାନୀ ଗତ ଜୁନ୍ ମାସରୁ ଗ୍ରାହକଙ୍କ ଠାରୁ ଅର୍ଥ ଆଦାୟ ଆରମ୍ଭ କରିଦେଲାଣି। ମାତ୍ର ୨ ମାସ ବିତି ନ ଥିବା ବେଳେ ଟାଟା ପାୱାର ନିଜେ ରାଜି ହୋଇଥିବା ତା'ର ମୂଳ ସର୍ତ୍ତାବଳୀ ସହିତ ଅସନ୍ତୋଷ ପ୍ରକାଶ କଲାଣି। ସେଥିପାଇଁ ଟାଟା ଏବେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ଙ୍କ ଦ୍ୱାରସ୍ଥ ହେଲାଣି।

ଏହି ଆବେଦନ ଉପରେ ଜୁଲାଇ ୨୮ରେ ଶୁଣାଣି ହେବାର ଥିଲା। ହେଲେ ଓଇଆର୍‌ସି ଏହାକୁ ଆସନ୍ତା ସେପ୍ଟେମ୍ବର ପହିଲାକୁ ଘୁଞ୍ଚାଇ ଦେଇଛନ୍ତି। ତେବେ ଶୁଣାଣି ବେଳେ ଓଇଆର୍‌ସିଙ୍କ ନିଷ୍ପତ୍ତି ରାଜ୍ୟବାସୀଙ୍କ ସପକ୍ଷରେ ଯିବ ନା ଟାଟା କମ୍ପାନୀ ପକ୍ଷରେ ଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ମୁମ୍ବାଇ ଏବଂ ଦିଲ୍ଲୀ ଭଳି ବୃହତ୍ ସହରର ବିଦ୍ୟୁତ୍ ବ୍ୟବସ୍ଥା ଯୋଗାଣରେ ଟାଟା ପାୱାର କମ୍ପାନୀର ଦୀର୍ଘ ଅନୁଭୂତି ରହିଛି। ତଥାପି ୬୦ ଦିନ ମଧ୍ୟରେ ଅସନ୍ତୋଷ ପ୍ରକାଶ ଦର୍ଶାଉଛି ଯେ ପୂର୍ବ ଖେଳାଳିମାନଙ୍କ ଭଳି ଟାଟା ମଧ ଓଡ଼ିଶାକୁ ଲୁଟିବାକୁ ଆସିଛି। ମୂଳ ବୁଝାମଣାରେ ସ୍ୱୀକୃତି ପ୍ରଦାନ କରି ସେସୁ ଭଳି ଏକ ଲାଭଦାୟକ ସଂସ୍ଥାକୁ ପ୍ରଥମେ ହାତେଇ ନେବା ଥିଲା ଟାଟା ପାୱାରର ଲକ୍ଷ୍ୟ। ସେଥିରେ ସହଜରେ ସଫଳତା ପ୍ରାପ୍ତ ହେଲା ପରେ ଏବେ ବିଭିନ୍ନ ଆଳ ଦେଖାଇ ନିଜର ଲାଭାଂଶ ବୃଦ୍ଧି ପାଇଁ ଚେଷ୍ଟା ଆରମ୍ଭ କରିଦେଲାଣି। ସେଥିପାଇଁ ଓଇଆର୍‌ସି ପାଖରେ ଟାଟା ଏବେ ଆବେଦନକାରୀ ପାଲଟିଛି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କର ଗ୍ରୀଡ୍‌କୋ ଏବଂ ଓଡ଼ିଶା ପାୱାର୍ ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ(ଓପିଟିସିଏଲ୍) ଦୁଇଟି ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା। ଏହି ଦୁଇ ସଂସ୍ଥା ବଣ୍ଟନ କମ୍ପାନୀଗୁଡ଼ିକୁ ବିଦ୍ୟୁତ୍ ବିକ୍ରି କରିଥାଆନ୍ତି। ୨୦୨୦ ଜୁନ୍ ପହିଲା ସୁଦ୍ଧା ଗ୍ରିଡ୍‌କୋର ସେସୁ ଉପରେ ବିଦ୍ୟୁତ୍ ବକେୟା ବାବଦରେ ୨ ହଜାର କୋଟି ଟଙ୍କା ଥିବା ବେଳେ ଓପିଟିସିଏଲ୍‌ର ୧୧ କୋଟି ଟଙ୍କା ବାକି ପଡିଛି। ଏ ବିଷୟରେ ଟାଟା କରିଥିବା ଚୁକ୍ତିରେ କିଛି ଉଲ୍ଲେଖ କରାଯାଇ ନାହିଁ। ଏହି ଦୁଇ ସରକାରୀ ସଂସ୍ଥା ନିଜର ବକେୟା ବାବଦରେ ଓଇଆର୍‌ସି ନିକଟରେ ଆବେଦନ କରିଛନ୍ତି।

ଟାଟା ପାୱାର ସହିତ ରାଜ୍ୟ ସରକାର ସେସୁ ହସ୍ତାନ୍ତରକୁ ନେଇ ମୂଳ ଚୁକ୍ତିରେ ଏହି ୨ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ବକେୟା ସମ୍ପର୍କରେ କୌଣସି ଉଲ୍ଲେଖ ରହି ନ ଥିବା କଥା ଜଣାପଡିଛି। ଏହାର ଅର୍ଥ ହେଲା ସେସୁ ବହନ କରି ଆସୁଥିବା ଆର୍ଥିକ ବୋଝ ବିଷୟରେ କୌଣସି ଉଲ୍ଲେଖ କରାଯାଇ ନ ଥିବା ହେତୁ ତାହାକୁ ଟାଟା ପାୱାର ବହନ କରିବ କି ନାହିଁ ଏବେ ସନ୍ଦେହ ଘେରକୁ ଆସିଯାଇଛି। ସେଥିପାଇଁ ଉଭୟ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍ ମଧ ☞ପୃଷ୍ଠା-୪



**ସେସୁ ଆଦାୟ କରିଥିବା ବିଦ୍ୟୁତ୍ ଦେୟ (୨୦୧୯-୨୦)**

| କାହାଠାରୁ କେତେ | ଟଙ୍କା(କୋଟି) |
|---|---|
| ଏଲ.ଟି. ଉପଭୋକ୍ତା | ୧୫୯୮.୭୦ |
| ଏଚ.ଟି. ଉପଭୋକ୍ତା | ୭୮୫.୫୮ |
| ଇ.ଏଚ.ଟି. ଉପଭୋକ୍ତା | ୫୭୫.୮୨ |
| ସମୁଦାୟ | ୨୯୬୦.୧୦ |



BEFORE THE ODISHA ELECTRICITY REGULATORY COMMISSION, BHUBANESWAR

CASE NO. 27/2020

IN THE MATTER OF:

IN RE:

THE TATA POWER COMPANY LTD. ...PETITIONER

INDEX

| Sl no. | Particulars | Page nos. |
|---|---|---|
| 1. | Review Petition alongwith affidavit | 1-57 |
| 2. | ANNEXURE A-1 Copy of order dated 26.05.2020 in Case no. 11 of 2020 passed by Hon'ble Odisha Electricity Regulatory Commission | 58-121 |
| 3. | ANNEXURE A-2 Copy of Request for Proposal dated 24.11.2017 issued by Odisha Electricity Regulatory Commission for the sale of utlity of CESU | 122-265 |
| 4. | ANNEXURE A-3 Copy of Letter of Intent no. RA/CESU-17/2015/1973 dated 20.12.2019 | 266-271 |
| 5. | ANNEXURE A-4 Copy of letter no. T&D / BD/ DOM/ FY20/OERC/CESU/034 dated 02.01.2020 | 272-278 |
| 6. | ANNEXURE A-5(Colly) Copies of letters no. T&D /BD/DOM/FY20/OERC/CESU/041 and T&D/BD/DOM/FY20/OERC/CESU/042 dated 11.03.2020 | 279-295 |
| 7. | ANNEXURE A-6 Copy of letter no. T&D / BD/ DOM/ FY20/OERC/CESU/028 dated 17.10.2019 | 296 |

"2.4.5 Treatment of existing Employees:

2.4.5.1 All the existing staff of CESU would be transferred to the Deemed Licensee through the Vesting Order. All existing staff as on the Effective Date would form a part of the Deemed Licensee and shall be governed by the terms of their appointment. However, the Successful Licensee would have the operational flexibility to design the organisation structure of the Deemed Licensee to ensure efficiency in operations and staff deployment."

(emphasis supplied)

ଓଇଆର୍‌ସିକୁ ଟାଟା ପାୱାର ଦେଇଥିବା ରିଭ୍ୟୁ ପିଟିଶନ୍‌ର ନକଲ।





# ଜୟା ଜେଟ୍‌ଲୀଙ୍କୁ ୪ ବର୍ଷ ଜେଲ

**ପ୍ରତିରକ୍ଷା ଦୁର୍ନୀତି ମାମଲା**

**ଅନ୍ୟ ୨ ଅଭିଯୁକ୍ତ ଦଣ୍ଡିତ**



ଜୟା ଜେଟ୍‌ଲୀ

ନୂଆଦିଲ୍ଲୀ, ୩୦।୭(ପି.ଟି.)

ପ୍ରତିରକ୍ଷା ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ସମତା ପାର୍ଟିର ପୂର୍ବତନ ଅଧ୍ୟକ୍ଷା ଜୟା ଜେଟ୍‌ଲୀ ଓ ଅନ୍ୟ ଦୁଇଜଣଙ୍କୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ୪ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୦୦-୦୧ରେ ପ୍ରତିରକ୍ଷା ସାମଗ୍ରୀ କିଣାରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏହି ପ୍ରତିରକ୍ଷା ଚୁକ୍ତିନାମାରେ ଦେଶର ସମଗ୍ର ପ୍ରତିରକ୍ଷା ବ୍ୟବସ୍ଥା ସହ ସାଲିସ୍ କରାଯାଇଥିଲା ବୋଲି ସ୍ୱତନ୍ତ୍ର ସିବିଆଇ ଜଜ୍ ବୀରେନ୍ଦର ଭଟ୍ଟ କହିବା ସହ ଏହି ମାମଲାରେ ଜୟାଙ୍କ ପୂର୍ବତନ ଦଳୀୟ ସହକର୍ମୀ ଗୋପାଳ ପଚେରୱାଲ ଏବଂ ଅବସରପ୍ରାପ୍ତ ମେଜର ଜେନେରାଲ ଏସ୍.ପି. ମୁର୍ଗାଇଙ୍କୁ ☞ପୃଷ୍ଠା-୪

କାଠଗଡ଼ାରେ ଟେକ୍ନୋ ଟାଇକୁନ୍ ........୨........
ଆଜି ଆଇଜିଏର୍ ପ୍ଲାଜମା ଥେରାପିର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ........୩........
ମହାନଦୀ ପାଇଁ କଟକକୁ ଭୂକମ୍ପ ଭୟ ........୧୨........

# ଆଇଟିଆର୍ ପଇଠ ସୀମା ବଢ଼ିଲା

ନୂଆଦିଲ୍ଲୀ,୩୦।୭

ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଆୟକର ରିଟର୍ନ (ଆଇଟିଆର୍) ପଇଠ କରିବା ସୀମାକୁ ସରକାର ଚଳିତ ବର୍ଷ ସେପ୍ଟେମ୍ବର ଶେଷ ଯାଏ ବଢ଼ାଇଛନ୍ତି। ବର୍ତ୍ତମାନ କରୋନା ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଆୟକରଦାତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଆୟକର ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଆୟକର ବିଭାଗର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ରିଟର୍ନ ଫାଇଲ କରିବା କ୍ଷେତ୍ରରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ପୂର୍ବରୁ ରିଟର୍ନ ଫାଇଲ କରିବାର ଶେଷ ତାରିଖ ଜୁଲାଇ ୩୧ ରହିଥିଲା, ଯାହାକୁ ବର୍ତ୍ତମାନ ସେପ୍ଟେମ୍ବର ୩୦ କରାଯାଇଛି। ସୂଚନାଯୋଗ୍ୟ, ୨୦୧୮-୧୯ର ମୂଳ କିମ୍ବା ସଂଶୋଧିତ ଆଇଟି ରିଟର୍ନ ଭରିବାର ଶେଷ ତାରିଖକୁ ତୃତୀୟ ଥର ଲାଗି ବଢ଼ାଯାଇଥିବା ଜଣାପଡ଼ିଛି।

**ଆଜିର ସମ୍ପାଦକୀୟ**

**ଜଗିବାରେ ଢିଲା ନ ରହୁ**

# ଲାଲ୍‌ଗ୍ରହରେ ଜୀବସତ୍ତା ଅନ୍ୱେଷଣ

**ପର୍ସିଭରାନ୍ସ ୭ ମାସ ପରେ ମଙ୍ଗଳରେ ଅବତରଣ କରିବ। ୩.୫୦୦ ବିଲିୟନ ବର୍ଷ ପୂର୍ବେ ଲାଲ୍‌ଗ୍ରହରେ ଥିବା ଜେଜିରୋ ହ୍ରଦ ଏକ ବୃହତ୍ ଗର୍ତ୍ତରେ ପରିଣତ ହୋଇଛି। ୮୨୦ ଫୁଟ୍ ଗଭୀର ଏହି ଗର୍ତ୍ତରେ ପର୍ସିଭରାନ୍ସ ଅତୀତର ସମ୍ଭାବ୍ୟ ସୂକ୍ଷ୍ମ ଜୀବସତ୍ତା ଅନ୍ୱେଷଣ କରିବ।**

## ଚାଇନା, ୟୁଏଇ ପରେ ନାସାର ମଙ୍ଗଳ ଅଭିଯାନ

ୱାଶିଂଟନ,୩୦।୭

ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଏହାର ମାର୍ସ ୨୦୨୦ ପର୍ସିଭରାନ୍ସ ରୋଭର ମିଶନକୁ ମଙ୍ଗଳ ଅଭିମୁଖେ ପ୍ରେରଣ କରିଛି। ଫ୍ଲୋରିଡାଥର କେପ୍ କାନାଭେରାଲ ଏୟାରଫୋର୍ସ ଷ୍ଟେଶନରୁ ରକେଟ ଆଟଲାସ୍ ଭି-୫୪୧ ଜରିଆରେ ଗୁରୁବାର ଅପରାହ୍ନ ୫ଟା ୨୦ ମିନିଟରେ ଏହାକୁ ଉତ୍କ୍ଷେପଣ କରି ଆଉ ଏକ ମଙ୍ଗଳ ଅଭିଯାନର ଶୁଭାରମ୍ଭ କରାଯାଇଛି। ୩୦୦ ନିୟୁତ ମାଇଲ ଯାତ୍ରା କରି ୭ ମାସ ପରେ ଏହା ମଙ୍ଗଳରେ ପହଞ୍ଚିବ। ପଡ଼ୋଶୀ ଗ୍ରହକୁ ଯାଇଥିବା ଏହି ମିଶନରେ ଏକ ରୋଭର ଓ ହେଲିକପ୍ଟର ରହିଛି। ଏହି ସ୍ପେସ୍‌କ୍ରାଫ୍ଟ ଆସନ୍ତା ବର୍ଷ ଫେବୃୟାରୀରେ ମଙ୍ଗଳରେ ପହଞ୍ଚିବ। ସେହିପରି ପର୍ସିଭରାନ୍ସ ରୋଭର ୨୦୨୧ ଫେବୃୟାରୀ ୧୮ରେ ଜେଜିରୋ କ୍ରାଟରକୁ ଛୁଇଁବ ବୋଲି ଆଶା କରାଯାଉଛି। ସାଙ୍ଗରେ ଯାଇଥିବା ଇନ୍‌ଜେନୁଇଟି ହେଲିକପ୍ଟର ଅନ୍ୟ ଗ୍ରହକୁ ଯାଇ ଉଡ଼ାଣ କରିବାରେ ପ୍ରଥମ ହେଲିକପ୍ଟର ବା ଏକ ଫ୍ଲାଇଂ ରୋବଟ ହେବ। ଏହି ମିଶନରେ ଅର୍ବିଟର ବ୍ୟବସ୍ଥା କରାଯାଇ ନାହିଁ।

ଆଷ୍ଟ୍ରୋବାଇଓଲୋଜି ଉପରେ ଗୁରୁତ୍ୱ ଦେବା ଏବଂ ଅତୀତ କିମ୍ବା ବର୍ତ୍ତମାନ ମଙ୍ଗଳରେ ଜୀବସତ୍ତାର ପ୍ରମାଣ ଖୋଜିବା ହେଉଛି ଏହି ମିଶନର ଲକ୍ଷ୍ୟ। ☞ପୃଷ୍ଠା-୪



ଫ୍ଲୋରିଡାର କେପ୍ କାନାଭେରାଲ ଏୟାରଫୋର୍ସ ଷ୍ଟେଶନରେ ମାର୍ସ ୨୦୨୦ ପର୍ସିଭରାନ୍ସ ରୋଭର ଉତ୍କ୍ଷେପଣ କରାଯାଉଛି।



ଧରିତ୍ରୀ
DHARITRI
ଶୁକ୍ରବାର, ୩୧ ଜୁଲାଇ, ୨୦୨୦

**ଭାରତ ଫେରିବ ନବମ ଶତାବ୍ଦୀର ଶିବମୂର୍ତ୍ତି**

ରାଜସ୍ଥାନର ଏକ ମନ୍ଦିରରୁ ଚୋରି କରିନେଇ ବ୍ରିଟେନ ଚାଲାଣ ହୋଇଥିବା ଭଗବାନ ଶିବଙ୍କ ନବମ ଶତାବ୍ଦୀର ବିରଳ ପ୍ରସ୍ତର ମୂର୍ତ୍ତି ଭାରତର ପ୍ରତ୍ନତାତ୍ତ୍ୱିକ ସର୍ଭେ (ଏଏସ୍ଆଇ)କୁ ଫେରିବ। ରାଜସ୍ଥାନର ବରୋଲିରେ ଥିବା ଘଟେଶ୍ୱର ମନ୍ଦିରରୁ ଏହି ମୂର୍ତ୍ତି ୧୯୯୮ ଫେବୃୟାରୀରେ ଚୋରି ହୋଇଥିଲା। ଏହା ବ୍ରିଟେନ ଚାଲାଣ ହୋଇଥିବା ୨୦୦୩ରେ ଜଣାପଡିଥିଲା। ପରେ ତାହା ଘଟେଶ୍ୱର ମନ୍ଦିରର ମୂର୍ତ୍ତି ବୋଲି ସ୍ପଷ୍ଟ ହୋଇଥିଲା।






ଜର୍ମାନୀର ବର୍ଲିନସ୍ଥିତ ବ୍ରାଣ୍ଡେନବର୍ଗ ଗେଟ୍ ଆଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ବେଶରେ ଦୁଇଜଣ କର୍ମୀ ଦୁଇଟି ଅଟୋମେଟିକ୍ ବମ୍ ମଡେଲ ଉପରେ ବସି ବିକ୍ଷୋଭ କରୁଛନ୍ତି। ଆମେରିକା ଓ ରୁଷିଆ ମଧ୍ୟରେ ଆଲୋଚନା ପୂର୍ବରୁ ପର୍ସିଜର ପ୍ଲାଜ୍‌ରେ ଅନେକ ମହାକାଶ ଓ ନିରସ୍ତ୍ରୀକରଣ ସଙ୍ଗଠନ ତଥା ପରିବେଶ ସୁରକ୍ଷା ଗୋଷ୍ଠୀ ପକ୍ଷରୁ ଆଣବିକ ଅସ୍ତ୍ରମୁକ୍ତ ବିଶ୍ୱ ପ୍ରତିଷ୍ଠା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ନିର୍ବାଚନ ଘୁଞ୍ଚାଇବାକୁ ଟ୍ରମ୍ପଙ୍କ ପ୍ରସ୍ତାବ

**ୱାଶିଂଟନ, ୩୦।୭**

ମେଲ୍ ଜରିଆରେ ଭୋଟ ହେଲେ ଜାଲିଆତି ସମ୍ଭାବନା ଥିବା ଆଶଙ୍କା କରି ନଭେମ୍ବର ମାସରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରସ୍ତାବ ଦେଇଛନ୍ତି। ତେବେ ଜାଲିଆତି ହେବା ନେଇ ସେ କୌଣସି ପ୍ରମାଣ ଦେଇନାହାନ୍ତି। ଗୁରୁବାର ସକାଳେ ଟ୍ରମ୍ପ ଟୁଇଟ୍ କରି କହିଥିଲେ, ମେଲ୍ ଜରିଆରେ ଭୋଟ ହେଲେ ବ୍ୟାପକ ଜାଲିଆତି ହୋଇପାରେ। ତେଣୁ ଲୋକେ ସୁରକ୍ଷିତ ଓ ନିରାପଦର ସହ ଭୋଟ ଦେବା ପର୍ଯ୍ୟନ୍ତ ଅପେକ୍ଷା କରାଯିବା ଉଚିତ ବୋଲି ସେ କହିଥିଲେ। କରୋନା ମହାମାରୀ ଆମେରିକାରେ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲାବେଳେ ଇତିମଧ୍ୟରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ଭୋଟକେନ୍ଦ୍ରକୁ ଯାଇ ଭୋଟ ଦେଲେ କରୋନା ବ୍ୟାପିବା ସମ୍ଭାବନା ଥିବାରୁ ମେଲ୍ ଜରିଆରେ ଭୋଟ ଦେବାକୁ କେତେକ ରାଜ୍ୟ ଭୋଟିଂ ନିୟମରେ ପରିବର୍ତ୍ତନ କରିଛନ୍ତି। ତେବେ ଏଭଳି ଭୋଟିଂକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଦ୍ୱିତୀୟ ତ୍ରୈମାସିକରେ ଆମେରିକାର ଅର୍ଥନୀତି ୩୨.୯ ପ୍ରତିଶତ ଖସିଥିବା ବାଣିଜ୍ୟ ବିଭାଗ ରିପୋର୍ଟ କରିବାର କିଛି ସମୟ ପରେ ଟ୍ରମ୍ପ ଏଭଳି ଟୁଇଟ୍ କରିଛନ୍ତି। ସେହିପରି ଦେଶରେ ବେରୋଜଗାରୀ ବଢୁଥିବାରୁ ଅଧିକରୁ ଅଧିକ ଆମେରିକୀୟ ବେରୋଜଗାରୀ ସହାୟତା ପାଇବା ପାଇଁ ଚାହୁଁଥିବା ଶ୍ରମ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ପୂର୍ବତନ ରାଷ୍ଟ୍ରପତି ଜନ୍ ଟାଇଲରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଆଇନ ଅନୁଯାୟୀ ରାଷ୍ଟ୍ରପତି ନିର୍ବାଚନ ନଭେମ୍ବର ମାସର ପ୍ରଥମ ସୋମବାର ପରେ ପ୍ରଥମ ମଙ୍ଗଳବାର ଅନୁଷ୍ଠିତ ହୋଇଥାଏ। କଂଗ୍ରେସ ଯଦି ଆଇନ ନ ଆଣେ ତେବେ ନିର୍ବାଚନ ତିଥିରେ ପରିବର୍ତ୍ତନ କରାଯାଇପାରିବ ନାହିଁ। ଗୃହ ଏବେ ଡେମୋକ୍ରାଟ୍ ପାର୍ଟି ନିୟନ୍ତ୍ରଣରେ ଥିବାରୁ ଏହା କରାଯିବା ସହଜ ନୁହେଁ।

# ୨୪ରେ ୨ ରାଜ୍ୟ ସଭା ଆସନ ଲାଗି ଉପନିର୍ବାଚନ

**ନୂଆଦିଲ୍ଲୀ,୩୦।୭**

ଉତ୍ତରପ୍ରଦେଶ ଓ କେରଳର ୨ ରାଜ୍ୟ ସଭା ଆସନ ଲାଗି ଅଗଷ୍ଟ ୨୪ରେ ଉପନିର୍ବାଚନ କରାଯିବ। ଏନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ପାର୍ଲାମେଣ୍ଟର ୨ ସଦସ୍ୟଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡ଼ିଥିଲା। ଉତ୍ତରପ୍ରଦେଶ ଏମ୍‌ପି ବେଣୀପ୍ରସାଦ ବର୍ମା ମାର୍ଚ୍ଚ ୨୭ରେ ଓ କେରଳ ଏମ୍‌ପି ବୀରେନ୍ଦ୍ର କୁମାର ମେ ୨୮ରେ ଦେହତ୍ୟାଗ କରିଥିଲେ। ଏ ଦୁହିଙ୍କ କାର୍ଯ୍ୟକାଳ ଏପ୍ରିଲ ୨୦୨୨ରେ ଶେଷ ହେବାକୁ ଥିଲା। ଅଗଷ୍ଟ ୬ରେ ଉପନିର୍ବାଚନ ଲାଗି ବିଜ୍ଞପ୍ତି ଜାରି କରାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ନାମାଙ୍କନପତ୍ର ଦାଖଲ ଶେଷ ତାରିଖ ଅଗଷ୍ଟ ୧୩ ରଖାଯାଇଥିବାବେଳେ ପ୍ରାର୍ଥିପତ୍ର ଯାଞ୍ଚ ୧୪ ଓ ପ୍ରତ୍ୟାହାରର ଶେଷ ତାରିଖ ଅଗଷ୍ଟ ୧୭ ରଖାଯାଇଛି। ୨୪ ତାରିଖ ପୂର୍ବାହ୍ଣ ୯ରୁ ଅପରାହ୍ଣ ୪ଟା ମଧ୍ୟରେ ଭୋଟଗ୍ରହଣ କରାଯିବ। ସେହିଦିନ ସନ୍ଧ୍ୟା ୫ଟା ସୁଦ୍ଧା ଭୋଟଗଣତି ଶେଷ ହେବ।

# ମରିସସ୍ ସୁପ୍ରିମକୋର୍ଟ ବିଲ୍ଡିଂ ଉଦ୍‌ଘାଟନ କଲେ ମୋଦି

**ନୂଆଦିଲ୍ଲୀ, ୩୦।୭**

ଭାରତ ମହାସାଗରୀୟ ରାଷ୍ଟ୍ରଗୁଡ଼ିକ ସହ ସହଯୋଗକୁ ନୂଆଦିଲ୍ଲୀ ପ୍ରାଧାନ୍ୟ ଦେଉଛି। ଭାରତ ସହାୟତାରେ ମରିସସ୍‌ରେ ନିର୍ମିତ ସୁପ୍ରିମକୋର୍ଟର ନୂତନ ଅଟ୍ଟାଳିକାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ମରିସସ୍ ପ୍ରତିପକ୍ଷ ପ୍ରବିନ୍ଦ ଜଗନ୍ନାଥ ମିଳିତ ଭାବେ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଭାରତ ମହାସାଗର ଅଞ୍ଚଳ ମଧ୍ୟକୁ ଭାରତ ପ୍ରବେଶର କେନ୍ଦ୍ରସ୍ଥଳରେ ମରିସସ୍ ରହିଛି ବୋଲି ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ବୋଧନ ଦେଇ କହିଥିଲେ। ଉକ୍ତ ଅଞ୍ଚଳର ସୁରକ୍ଷା ଓ ବିକାଶ ନେଇ ଭାରତର ଦୃଷ୍ଟିଭଙ୍ଗୀ ସମ୍ପର୍କରେ ସେ ପ୍ରଥମେ ମରିସସ୍‌ରେ ଘୋଷଣା କରିଥିଲେ। ତେବେ ବିକାଶ ନାମରେ ଯଦି ଭୁଲ୍ ନୀତି କିମ୍ବା ଅଂଶୀଦାରଙ୍କୁ ଚୟନ କରାଯାଏ ତେବେ ବିଶ୍ୱ କ୍ଷମତା ଅବରୋଧ ସୃଷ୍ଟି ହେବ ବୋଲି ମୋଦି ସତର୍କ କରାଇଦେଇଥିଲେ।

# କୁଳଭୂଷଣ ମାମଲାର ଶୁଣାଣି ଲାଗି ସ୍ୱତନ୍ତ୍ର ବେଞ୍ଚ

**ଇସ୍‌ଲାମାବାଦ,୩୦।୭**

ଇସ୍‌ଲାମାବାଦ ହାଇକୋର୍ଟ ପକ୍ଷରୁ ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବ ମାମଲାର ଶୁଣାଣି ଲାଗି ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଇଛି। ମୁଖ୍ୟ ବିଚାରପତି ଆଥର ମିନ୍‌ଅଲ୍ଲାହ ଏହି ଖଣ୍ଡପୀଠର ନେତୃତ୍ୱ ନେବେ। ଯାଦବଙ୍କ ଲାଗି ଓକିଲ ନିଯୁକ୍ତ କରାଯିବ। ଆସନ୍ତା ୩ରୁ ସ୍ୱତନ୍ତ୍ର ଖଣ୍ଡପୀଠରେ ମାମଲାର ଶୁଣାଣି ହେବ। ଗିରଫ ଯାଦବଙ୍କୁ ଗୁପ୍ତଚରଗିରି ଲାଗି ପାକ୍ ସେନା ଅଦାଲତରେ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। ଜୁଲାଇ ୨୨ରେ ପାକିସ୍ତାନ ସରକାର ଯାଦବଙ୍କ ଲାଗି ଓକିଲ ନିଯୁକ୍ତି କରିବା ପାଇଁ ଇସ୍‌ଲାମାବାଦ ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ। ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ର ନିର୍ଦ୍ଦେଶକୁ ଗ୍ରହଣ କରି ପାକିସ୍ତାନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

# ସୋନିଆ ଗାନ୍ଧୀ ହସ୍ପିଟାଲରେ



**ନୂଆଦିଲ୍ଲୀ, ୩୦।୭**

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଗୁରୁବାର ରାତିରେ ନୂଆଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସେ ହସ୍ପିଟାଲ ଯାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ଅଧ୍ୟକ୍ଷ ଡ. ଡି.ଏସ୍. ରାଣା କହିଛନ୍ତି। ଗତ ଫେବୃୟାରୀ ମାସରେ ପେଟରେ ଯନ୍ତ୍ରଣା ହେବାରୁ ସୋନିଆଙ୍କୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥତା ଯୋଗୁ ସେତେବେଳେ ସୋନିଆ ପାର୍ଲାମେଣ୍ଟର ବଜେଟ ଅଧିବେଶନରେ ଯୋଗଦେଇ ପାରି ନ ଥିଲେ।

# ହାର୍ଦ୍ଦିକ ଶାହା ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ



**ନୂଆଦିଲ୍ଲୀ,୩୦।୭(ଆଇଏଏନ୍‌ଏସ୍)**

ଗୁଜରାଟ କ୍ୟାଡର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ହାର୍ଦ୍ଦିକ ସତୀଶଚନ୍ଦ୍ର ଶାହାଙ୍କୁ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ କରାଯାଇଛି। ୨୦୧୦ ବ୍ୟାଚ୍ ଅଧିକାରୀ ଶାହା ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଉପସଚିବ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଶାହାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ସେ ପଦ ସମ୍ଭାଳିବା ପରେ ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# କାଠଗଡ଼ାରେ ଟେକ୍ନୋ ଟାଇକୁନ

**ୱାଶିଂଟନ,୩୦।୭**

**ଆମାଜନ, ଆପଲ, ଗୁଗଲ୍ ଓ ଫେସ୍‌ବୁକ୍‌କୁ ଆମେରିକା କଂଗ୍ରେସର ଜେରା**



ଜେଫ୍ ବେଜୋସ୍ (ଆମାଜନ)



ଟିମ୍ କୁକ୍ (ଆପଲ୍)



ସୁନ୍ଦର ପିଚାଇ(ଗୁଗଲ୍ )



ମାର୍କ ଜୁକରବର୍ଗ (ଫେସ୍‌ବୁକ୍)

ବିଶ୍ୱର ୪ ବଡ଼ କମ୍ପାନୀ ଆମାଜନ, ଆପଲ, ଫେସ୍‌ବୁକ୍ ଓ ଗୁଗଲର ପ୍ରଭାବଶାଳୀ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ମାନଙ୍କୁ ଆମେରିକା କଂଗ୍ରେସ ପକ୍ଷରୁ ଘନ ଘନ ଜେରା କରାଯାଇଛି। ଟେକ୍ନୋଲୋଜି ଦୁନିଆର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଆଗକୁ ବଢ଼ିବାରେ ରୋକିବା ମାମଲାରେ କଂଗ୍ରେସରେ ବୁଧବାରଠାରୁ ଶୁଣାଣି ଚାଲିଛି। ଫଳରେ ଫେସ୍‌ବୁକ୍, ଆପଲ ଓ ଗୁଗଲ ଭଳି କମ୍ପାନୀଗୁଡ଼ିକୁ ନିଜ ଫର୍ମକୁ ନେଇ ସଂସଦର ଆଣ୍ଟିଟ୍ରଷ୍ଟ ସବ୍ କମିଟି ଆଗରେ ସଫେଇ ଦେବାକୁ ପଡ଼ିଛି। ଶୁଣାଣି ବେଳେ ଏହି ୪ କମ୍ପାନୀର ସିଇଓ ନିଜ ଉପରେ ଲାଗିଥିବା ବଳର ଅପବ୍ୟବହାର ସମ୍ପର୍କିତ ଅଭିଯୋଗ ବିରୋଧରେ ସଫେଇ ଦେଇଛନ୍ତି। ରିପବ୍ଲିକାନ୍ ଓ ଡେମୋକ୍ରାଟ୍ସ ସାଂସଦମାନେ ଦିଗ୍‌ଗଜ କମ୍ପାନୀଗୁଡ଼ିକର ସିଇଓମାନଙ୍କୁ ଗୁଡ଼ାଇତୁଡ଼ାଇ ଅନେକ ପ୍ରଶ୍ନ କରିଛନ୍ତି। ଏହି କମ୍ପାନୀଗୁଡ଼ିକ ନିଜ ଶକ୍ତିର ଅପବ୍ୟବହାର କରି ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଦବାଉଛନ୍ତି। ଏହାସହ ଡାଟା ଏକତ୍ରିତ କରି ବହୁ ଲାଭ କମାଇଛନ୍ତି ବୋଲି ଏମାନଙ୍କ ବିରୋଧରେ ଅଭିଯୋଗ ରହିଛି।

ୱାଶିଂଟନ ପୋଷ୍ଟରେ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ଟେକ୍ନୋ ଜ୍ୟାଣ୍ଟମାନେ ଆଣ୍ଟିଟ୍ରଷ୍ଟ ସବ୍‌କମିଟି ଆଗରେ ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର ହୋଇଛନ୍ତି। ସେମାନଙ୍କୁ ପ୍ରାୟ ୬ ଘଣ୍ଟା ଧରି ଜେରା କରାଯାଇଛି। ସବ୍‌କମିଟି ଏହି ସମୟରେ ଅନେକ ଦସ୍ତାବିଜ ଉପସ୍ଥାପନ କରିଥିଲା। ସେମାନଙ୍କ ପାଖରେ ଅନେକ ଘଣ୍ଟାର ଇଣ୍ଟରଭିଉ ଓ ସିଲିକନ୍ ଭ୍ୟାଲିର ଦିଗ୍‌ଗଜମାନଙ୍କ କେତେକ ପ୍ରାଇଭେଟ ମେସେଜ ମଧ୍ୟ ରହିଛି। ଏହି ସମସ୍ତ ତଥ୍ୟ ପ୍ରମାଣରୁ ଏହା ଜଣାପଡୁଛି ଯେ ଟେକ୍ ସେକ୍ଟରରେ କେତେଜଣ ଲୋକ ଅଧିକ ଶକ୍ତିଶାଳୀ ହୋଇଯାଇଛନ୍ତି। ସେମାନଙ୍କ ପ୍ରଭାବ ଏତେ ବଢ଼ିଯାଇଛି ଯେ ଗ୍ରାହକ ଓ ଏପରି କି ଗଣତନ୍ତ୍ରକୁ ମଧ୍ୟ ସେମାନେ ଭୟଭୀତ କରାଉଛନ୍ତି। ଆଣ୍ଟିଟ୍ରଷ୍ଟ ପ୍ୟାନେଲ ଅଧ୍ୟକ୍ଷ ସିସିଲିନ୍ ଗତବର୍ଷ ଆମାଜନ, ଆପଲ, ଫେସ୍‌ବୁକ୍ ଓ ଗୁଗଲ ଉପରେ କଂଗ୍ରେସର ତଦନ୍ତ ଆରମ୍ଭ କରିଥିଲେ। ଏହି କମ୍ପାନୀଗୁଡ଼ିକ ହାସଲ କରିଥିବା ଶକ୍ତି ଆଣ୍ଟିଇ କମ୍ପିଟିଭ୍ ଉପାୟରେ ହୋଇଛି କି ନାହିଁ ତାହା ଜାଣିବା ପାଇଁ ତଦନ୍ତ ଚାଲିଛି।

ଶୁଣାଣି ବେଳେ ଆମାଜନ ସିଇଓ ଜେଫ୍ ବେଜୋସ୍, ଆପଲର ଟିମ୍ କୁକ୍, ଫେସ୍‌ବୁକ୍ ମୁଖ୍ୟ ମାର୍କ ଜୁକରବର୍ଗ ଓ ଗୁଗଲ ସିଇଓ ସୁନ୍ଦର ପିଚାଇ ଉପସ୍ଥିତ ଥିଲେ। ଜେଫ୍ ବେଜୋସ୍ ବିଶ୍ୱକୁ ବଡ଼ କମ୍ପାନୀର ଆବଶ୍ୟକତା ଥିବା କହିଥିବାବେଳେ ଜୁକରବର୍ଗ ଓ ସୁନ୍ଦର ପିଚାଇ କୌଣସି ପ୍ରକାର ଭୁଲ୍ କାର୍ଯ୍ୟ କରିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେମାନଙ୍କ କମ୍ପାନୀଗୁଡ଼ିକ ଇନୋଭେଶନ (ନବ ଅନ୍ୱେଷଣ) ପାଇଁ ପରିବେଶ ସୃଷ୍ଟି କରିଥିବା ଯୁକ୍ତି ବାଢ଼ିଛନ୍ତି। ଏହାସହ ଆମେରିକା ନିୟମ କାନୁନ ଅନୁସାରେ ସମସ୍ତ କାର୍ଯ୍ୟ ହୋଇଥିବା କହିଛନ୍ତି। ଶୁଣାଣି ସମୟରେ ସମସ୍ତ କମ୍ପାନୀ ଉପରେ ଅନେକ ସଙ୍ଗିନ ଅଭିଯୋଗ ଅଣାଯାଇଥିଲା। ଜଣେ ଡେମୋକ୍ରାଟ ପ୍ରତିନିଧି ମାର୍କ ଜୁକରବର୍ଗଙ୍କୁ ୨୦୧୨ର ଏକ ମେସେଜ୍ ଦେଖାଇଥିଲେ, ଯେଉଁଥିରେ ସେ ଇନ୍‌ଷ୍ଟାଗ୍ରାମକୁ ଅଧିଗ୍ରହଣ କରିବା ପାଇଁ ଦାବି କରିଥିଲେ। ସେହି ସମୟରେ ଇନ୍‌ଷ୍ଟାଗ୍ରାମ ଏକ ପ୍ରତିଦ୍ୱନ୍ଦ୍ୱୀ ଫଟୋ ଶେୟାରିଂ ଆପ୍ ଥିଲା। ଇନ୍‌ଷ୍ଟାଗ୍ରାମ୍ ତାର କ୍ଷତି କରିବ ବୋଲି ଫେସ୍‌ବୁକ୍‌ର ଭୟ ଥିଲା । ସେତେବେଳେ ଆଉ ଏକ ପ୍ରତିଦ୍ୱନ୍ଦ୍ୱୀ ଫେସ୍‌ବୁକ୍‌ର ଅଧିଗ୍ରହଣ ନୀତି ଉପରେ ପ୍ରଶ୍ନ ଉଠାଇ ଏହାକୁ ଭୂମି ଅଧିଗ୍ରହଣ ଭାବେ ଅଭିହିତ କରିଥିଲେ। ପ୍ରତିଦ୍ୱନ୍ଦ୍ୱୀ ଫେସ୍‌ବୁକ୍‌କୁ କହିଥିଲେ, ଆପଣ କୌଣସି ସମ୍ଭାବ୍ୟ ପ୍ରତିଯୋଗିତାର ବିପଦକୁ ଟାଳିବା ପାଇଁ ଇନ୍‌ଷ୍ଟାଗ୍ରାମକୁ କିଣିଲେ। ମିଶ୍ରଣ ଓ ଅଧିଗ୍ରହଣ ଅନୁସାରେ ସମ୍ଭାବ୍ୟ ପ୍ରତିଯୋଗିତା ବିପଦକୁ କିଣିବା ଆଣ୍ଟିଟ୍ରଷ୍ଟ ନିୟମର ଉଲ୍ଲଂଘନ। ସେହିପରି ଆପଲ ବିରୋଧରେ ଅଭିଯୋଗ ଅଣାଯାଇଛି ଯେ, ଏହି କମ୍ପାନୀ ନିଜ ଆପ୍ ଷ୍ଟୋର ଉପରେ ଅନ୍ୟ ଆପ୍‌ଗୁଡ଼ିକ ସ୍ଥାନରେ ନିଜର ଆପ୍‌କୁ ବେଶି ପ୍ରୋତ୍ସାହନ ଦେଇଥାଏ, ଯାହାକି ପ୍ରତିଯୋଗିତାର ବିରୁଦ୍ଧାଚରଣ। ଏପରି ସମୟରେ ଏହି କମ୍ପାନୀଗୁଡ଼ିକୁ ବିଭାଜିତ କରିଦିଆଯାଉ ବୋଲି କେତେଜଣ ସମାଲୋଚକ ଚାହୁଁଛନ୍ତି। ଟେକ୍ ଏକ୍ସପର୍ଟ ଡେନ୍ ଆଇସ୍‌ଙ୍କ ମତରେ ୱାଶିଂଟନରେ ଝଡ଼ର ବାଦଲ ଘୋଟିଛି। କିନ୍ତୁ କଂଗ୍ରେସ ବଡ଼ ଟେକ୍ କମ୍ପାନୀଗୁଡ଼ିକୁ ବଦଳିବା ପାଇଁ ବାଧ କରିବା ଭଳି କୌଣସି ନୂଆ ଆଇନ ଆଣିବା ସମ୍ଭାବନା କମ୍।

**କ’ଣ କହିଲେ ଟ୍ରମ୍ପ**

ଆମାଜନର ବଡ଼ ସମାଲୋଚକ ଭାବେ ପରିଚିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଏନେଇ ଟୁଇଟ୍ କରିଥିଲେ। ସେ ଲେଖିଥିଲେ, ଯଦି କଂଗ୍ରେସ ବଡ଼ ବଡ଼ ଟେକ୍ନୋଲୋଜି କମ୍ପାନୀଗୁଡ଼ିକର କାର୍ଯ୍ୟଶୈଳୀରେ ପାରଦର୍ଶିତା ନ ଆଣୁଛି, ଯାହାକି ବହୁ ପୂର୍ବରୁ କରାଯିବା ଆବଶ୍ୟକ ଥିଲା ତେବେ କାର୍ଯ୍ୟକାରୀ ଆଦେଶ (ଏକ୍‌ଜିକ୍ୟୁଟିଭ୍ ଅର୍ଡର) ବଳରେ ସେ ନିଜେ ଏହି କାର୍ଯ୍ୟ କରିବେ। ହ୍ୱାଇଟ୍ ହାଉସ୍‌ର ଅଧିକାରୀ ଏହି ଶୁଣାଣି ଉପରେ କଡ଼ା ନଜର ରଖିଛନ୍ତି। ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକ ଯାହା କରୁଛନ୍ତି, ତାହା ଅତ୍ୟନ୍ତ ଖରାପ ବୋଲି ସେ ଖବରଦାତାମାନଙ୍କୁ କହିଥିଲେ।

# ଦିନକରେ ୫୨ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ

**ନୂଆଦିଲ୍ଲୀ,୩୦।୭**

ମହାମାରୀ କରୋନାର ପ୍ରକୋପ କମିବାର ନାଁ ନେଉନାହିଁ। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫୨,୧୨୦ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ସହ ୭୭୫ ଲୋକଙ୍କ ଜୀବନ ଯାଇଛି। ଏଥିସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୬.୩୨ ଲକ୍ଷକୁ ବୃଦ୍ଧି ପାଇଛି। ପ୍ରଥମ ଥର ଲାଗି ଦିନକରେ ୫୦ ହଜାରରୁ ଅଧିକ ଆକ୍ରାନ୍ତ ହେବା ଚିନ୍ତା ବଢ଼ାଇଦେଇଛି। ଭାରତରେ ଏପର୍ଯ୍ୟନ୍ତ ୩୫ ହଜାର ୭୧୫ ଜୀବନ ଗଲାଣି। ସମ୍ପ୍ରତି ୧୦ ଲକ୍ଷ ୫୩ ହଜାର ଲୋକ ସୁସ୍ଥ ହୋଇଥିଲେ ହେଁ ଆକ୍ଟିଭ୍ ମାମଲା ୫.୪୨ ଲକ୍ଷ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ ସୁସ୍ଥହାର ୬୪.୪୫%କୁ ବୃଦ୍ଧିପାଇଛି। ଦେଶରେ ୧.୮୧ କୋଟି ଲୋକଙ୍କ କରୋନା ପରୀକ୍ଷା କରାଯାଇସାରିଲାଣି। ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ଉଗ୍ର ସଂକ୍ରମଣ ଦେଖିବାକୁ ମିଳିଛି। ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ୪.୧୧ ଲକ୍ଷକୁ ବୃଦ୍ଧି ପାଇଥିବାବେଳେ ପ୍ରାଣ ହରାଇଲେଣି ୧୪,୭୩୦। ତାମିଲନାଡୁରେ ୨.୪୦ ଲକ୍ଷ ଆକ୍ରାନ୍ତ ଥିବାବେଳେ ୩,୮୪୦ ଲୋକଙ୍କ ଜୀବନ ଗଲାଣି। ଆନ୍ଧ୍ରପ୍ରଦେଶରେ ୧.୩୦ ଲକ୍ଷ ରୋଗୀ ଥିବାବେଳେ ୧,୨୮୧ ଲୋକଙ୍କ ପ୍ରାଣ ଗଲାଣି। କର୍ଣ୍ଣାଟକରେ ୧.୧୮ ଲକ୍ଷ, ଉତ୍ତରପ୍ରଦେଶରେ ୮୧ ହଜାର ଲୋକଙ୍କ ଜୀବନ ଗଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ରରେ ୧୧ ହଜାର, ତାମିଲନାଡୁରେ ୬ ହଜାର, ଆନ୍ଧ୍ରପ୍ରଦେଶରେ ୧୦ ହଜାର, କର୍ଣ୍ଣାଟକରେ ୬ ହଜାର ଓ ଉତ୍ତରପ୍ରଦେଶରେ ୪ ହଜାର ନୂଆ ମାମଲା ନଜରକୁ ଆସିଛି।

# ମ୍ୟାନ୍‌ମାର ସୀମାରେ ୩ ଯବାନ ଶହୀଦ

**ନୂଆଦିଲ୍ଲୀ, ୩୦।୭(ଆଇଏଏନ୍‌ଏସ୍)**

ଭାରତ-ମ୍ୟାନ୍‌ମାର ସୀମାନ୍ତ ମଣିପୁରର ଚାଣ୍ଡେଲ୍ ଅଞ୍ଚଳରେ ବୁଧବାର ରାତିରେ ଉଗ୍ରପନ୍ଥୀଙ୍କ ଅତର୍କିତ ଆକ୍ରମଣରେ ଆସାମ ରାଇଫଲ୍ସର ୩ ଯବାନ ଶହୀଦ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ୧୫ ଜଣ ଯବାନ ପାଟ୍ରୋଲିଂ ସାରି ଫେରୁଥିବାବେଳେ ଚାଣ୍ଡେଲ୍‌ର ଖୋଙ୍ଗତାଲଠାରେ ଆଇଇଡି ବିସ୍ଫୋରଣ ଘଟିଥିଲା। ଏହା ପରେ ଉଗ୍ରପନ୍ଥୀମାନେ ଯବାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଭାରତ-ମ୍ୟାନ୍‌ମାର ଅନ୍ତର୍ଜାତୀୟ ସୀମାରୁ ୩ କିଲୋମିଟର ଦୂରରେ ଏହି ଆକ୍ରମଣ ହୋଇଛି। ମୃତକମାନେ ହେଲେ ହାବିଲଦାର ପ୍ରଣୟ କାଳିତା, ରାଇଫଲମ୍ୟାନ୍ ୱାଇ.ଏମ୍. କୋନ୍ୟକ ଏବଂ ରାଇଫଲମ୍ୟାନ୍ ରତନ ସଲିମ। ଆହତ ୫ ଯବାନଙ୍କୁ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣ ପାଇଁ କୌଣସି ଉଗ୍ରପନ୍ଥୀ ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ଆକ୍ରମଣ ସମ୍ପୃକ୍ତ ଉଗ୍ରବାଦୀଙ୍କୁ ଖୋଜି ବାହାର କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଗୋଇନ୍ଦା ସଂସ୍ଥା ପକ୍ଷରୁ ଉଦ୍ୟମ ଜାରି ରହିଛି।

# ସରକାରୀ ବଙ୍ଗଳା ଖାଲିକଲେ ପ୍ରିୟଙ୍କା



**ନୂଆଦିଲ୍ଲୀ, ୩୦।୭(ପି.ଟି.)**

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁବାର ଲୋଧି ଇଷ୍ଟେଟ ସରକାରୀ ବଙ୍ଗଳା ଖାଲି କରିଛନ୍ତି। ସେ କେନ୍ଦ୍ରୀୟ ଦିଲ୍ଲୀକୁ ଘର ବଦଳାଇବା ପୂର୍ବରୁ କିଛିଦିନ ଗୁରୁଗ୍ରାମ ପେଣ୍ଟହାଉସ୍‌ରେ ରହିବେ। କେନ୍ଦ୍ରୀୟ ଦିଲ୍ଲୀରେ ତାଙ୍କ ନୂଆ ଘରର ନବୀକରଣ କାର୍ଯ୍ୟ ଜାରି ରହିଛି। ବଙ୍ଗଳା ଖାଲି କରିବା ପାଇଁ ଜୁଲାଇ ୧ରେ ପ୍ରିୟଙ୍କାଙ୍କୁ ନୋଟିସ୍ ଜାରି କରାଯାଇଥିଲା।

# ଅଯୋଧ୍ୟା ପୂଜକ, ୧୫ ପୋଲିସଙ୍କୁ କରୋନା

**ଅଯୋଧ୍ୟା,୩୦।୭**

ବହୁ ପ୍ରତୀକ୍ଷିତ ରାମମନ୍ଦିର ଭୂମିପୂଜା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ପର୍ବ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ରେ ସେଠାକୁ ଯିବାର କାର୍ଯ୍ୟକ୍ରମ ରହିଛି। ଏଭଳି ସ୍ଥିତିରେ ଅଯୋଧ୍ୟାର ରାମମନ୍ଦିର ନିକଟରେ କର୍ତ୍ତବ୍ୟରତ ୧୫ ପୋଲିସ ଓ ଜଣେ ପୂଜକଙ୍କୁ କରୋନା ହୋଇଥିବା ଜଣାପଡ଼ିଛି। ଏମାନଙ୍କ ରିପୋର୍ଟ ଗୁରୁବାର ପଜିଟିଭ୍ ଆସିଛି। ଦେଶର ବିଭିନ୍ନ କୋଣ ଅନୁକୋଣରେ ଥିବା ସାଧୁସନ୍ଥମାନଙ୍କୁ ଅଗଷ୍ଟ ୫ ପୂର୍ବାହ୍ଣ ୧୧.୩୦ରୁ ଅପରାହ୍ଣ ୧୨.୩୦ ପର୍ଯ୍ୟନ୍ତ ନିଜର ମଠ ଓ ମନ୍ଦିରରେ ପୂଜା କରିବା ଲାଗି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଅପିଲ କରାଯାଇଛି। ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାଇ ଭୂମିପୂଜାର ଲାଇଭ୍ ଟେଲିକାଷ୍ଟ ଟିଭିରେ ଦେଖିବା ସହ ଘରେ ସନ୍ଧ୍ୟାରେ ମାଟି ଦୀପ ଜାଳିବା ଲାଗି ଅନୁରୋଧ କରିଛନ୍ତି। ଅଗଷ୍ଟ ୫ ଉତ୍ସବରେ ଅଯୋଧ୍ୟା ଓ ବାରାଣସୀରୁ ୧୧ ପୂଜକ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ତେବେ କରୋନା ପଜିଟିଭ୍ ହୋଇଥିବା ପୂଜକ ପ୍ରଦୀପ ଦାସ ଏହି ପୂଜକମାନଙ୍କ ମଧ୍ୟରେ ନାହାନ୍ତି। ତେଣୁ କାର୍ଯ୍ୟକ୍ରମ ଲାଗି ବ୍ୟସ୍ତ ହେବାର ନାହିଁ ବୋଲି ମହନ୍ତ କମଳ ନୟନ ଦାସ ପ୍ରକାଶ କରିଛନ୍ତି। ୫ରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ୨୦୦ ଭିଭିଆଇପି ଭୂମି ପୂଜା କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଟ୍ରଷ୍ଟ କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି କହିଛନ୍ତି।

# ଆଉ ୩୫ ହଜାର ଯବାନ ମୁତୟନ ହେବେ

**ନୂଆଦିଲ୍ଲୀ, ୩୦।୭**



**ଚାଇନା ସୀମାରେ ବଢୁଛି ଉତ୍ତେଜନା**

ଚାଇନା ସୀମାରେ ଦୀର୍ଘଦିନ ହେଲା ଉତ୍ତେଜନା ଲାଗି ରହିଛି। ବିବାଦର ସମାଧାନ ପାଇଁ ଦୁଇଦେଶ ପକ୍ଷରୁ ଉଦ୍ୟମ ଜାରି ରହିଥିଲାବେଳେ ଭାରତ ଅତିରିକ୍ତ ୩୫ ହଜାର ଯବାନଙ୍କୁ ପୂର୍ବ ସୀମାରେ ମୁତୟନ କରିବା ପାଇଁ ପ୍ରସ୍ତୁତି ଚଳାଇଛି। ଏହା ଫଳରେ ୩,୪୮୮ କିଲୋମିଟର ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖାରେ ସ୍ଥିତାବସ୍ଥା ବଦଳିପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଗତ ଜୁନ୍ ୧୫ରେ ଭାରତ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିଲାବେଳେ ଚାଇନା ପଟୁ ମଧ୍ୟ କେତେଜଣ ସୈନ୍ୟ ନିହତ ହୋଇଥିଲେ। ଏହା ପରେ ଉଭୟ ଦେଶ ସୀମାକୁ ଅଧିକ ସେନା ଓ ଅସ୍ତ୍ରଶସ୍ତ୍ର, କମାଣ ଓ ଟ୍ୟାଙ୍କ ପ୍ରେରଣ କରିଥିଲେ। ଭାରତ-ଚାଇନା ସୀମା ରାଜିନାମା ଯଦି କାର୍ଯ୍ୟକାରୀ ନ ହୁଏ ତେବେ ଅଧିକ ସୈନ୍ୟ ମୁତୟନ କରିବାକୁ ପଡ଼ିବ ବୋଲି ଉକ୍ତ ଅଧିକାରୀ କହିଛନ୍ତି। ଯଦି ସର୍ବୋଚ୍ଚ ରାଜନୈତିକ ସ୍ତରରେ ଘନିଷ୍ଠତା ନ ଆସେ ତେବେ କୌଣସି ଗୋଟିଏ ପକ୍ଷ ପଠାଇଥିବା ଅତିରିକ୍ତ ସେନା ପ୍ରତ୍ୟାହାର କରିବେ ନାହିଁ ବୋଲି ୟୁନାଇଟେଡ ସର୍ଭିସ୍ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ମେଜର ଜେନେରାଲ ବି.କେ. ଶର୍ମା କହିଛନ୍ତି। ଯଦିଓ ସୀମାରେ ଏବେ ମୁହାଁମୁହିଁ ସ୍ଥିତି ନାହିଁ ତେବେ ବହୁପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ହୋଇନାହିଁ। ଅଧିକାଂଶ ଅଞ୍ଚଳରୁ ସୈନ୍ୟ ଫେରାଇ ନେଇଥିବା ବେଜିଂ କହୁଛି। ବିବାଦର ସମାଧାନ ପାଇଁ ଦୁଇଦେଶ ମଧ୍ୟରେ ପଞ୍ଚମ କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି।

## ସଚିବାଳୟ କର୍ମଚାରୀଙ୍କ କରୋନା ଟେଷ୍ଟିଂ ଲାଗି ଅନୁମତି

ଭୁବନେଶ୍ୱର(ବ୍ୟୁରୋ): ଓଡ଼ିଶା ସଚିବାଳୟ କର୍ମଚାରୀମାନଙ୍କ କରୋନା ଟେଷ୍ଟ ହେବ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ କର୍ମଚାରୀମାନେ କରୋନା ଲକ୍ଷଣ ଅନୁଭବ କରିବେ ସେମାନେ ଟେଷ୍ଟ ପାଇଁ କ୍ୟାପିଟାଲ ହସ୍ପିଟାଲ ଯାଇ ସ୍ୱାବ୍ ଦେଇପାରିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ସଚିବାଳୟ କର୍ମଚାରୀ ସଂଘକୁ ଚିଠି ଦିଆଯାଇଛି।



ଜେଏସ୍‌ଡବ୍ଲ୍ୟୁ ଖଣିରେ ପ୍ରତିବାଦକାରୀ ଶ୍ରମିକ।

# ଜେଏସ୍‌ଡବ୍ଲ୍ୟୁ ପାଇଁ ଅଶାନ୍ତ ଖଣି ଉପତ୍ୟକା

**ଯୋଡ଼ା,୩୦।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅଧୀନ ଜଜାଙ୍ଗସ୍ଥିତ ଜେଏସ୍‌ଡବ୍ଲ୍ୟୁ ଖଣିରେ ସ୍ଥାନୀୟ ନିଯୁକ୍ତି ପ୍ରଦାନରେ ଅଣଦେଖା କରାଯାଇଥିବାରୁ ବୁଧବାର ଅପରାହ୍ଣଠାରୁ ଶତାଧିକ ମହିଳାପୁରୁଷ ଖଣି ଘେରାଉ କରି କାର୍ଯ୍ୟ ବନ୍ଦ କରିଛନ୍ତି। ଯୋଡ଼ା ବ୍ଲକର କମଳପୁର, ଜାମିର୍ଡା, ବନ୍ଧୁଆବେଡ଼ା, ଗୁରୁତୁଆଁ, ଗୁରୁବେଡ଼ା, ଲହୁଣିପଶି ସମେତ ଜୁରୁଡ଼ି, ଜଲହରି ପ୍ରଭୃତି ଗାଁ ଲୋକେ ଖଣି ମଧ୍ୟରେ ପୋଲିସ ଫୋର୍ସ ଥିଲେ ହେଁ ଠେଙ୍ଗାବାଡ଼ି ଧରି ଭିତରକୁ ପ୍ରବେଶ କରି ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ସେଠାରେ ଜଗି ରହିଥିଲେ।

ଆନ୍ଦୋଳନକାରୀ ମହିଳା ଓ ପୁରୁଷମାନେ କମ୍ପାନୀକୁ ସମାଲୋଚନା କରି କହିଛନ୍ତି ଯେ, ସରକାରଙ୍କର ଖଣି ନିଲାମ ପରେ ରୁଙ୍ଗଟା ମାଇନ୍ସ ଲିମିଟେଡ କମ୍ପାନୀଠାରୁ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଲିଜ୍ ହାତେଇଥିଲା। ପୂର୍ବରୁ ରୁଙ୍ଗଟା ଖଣିରେ ପ୍ରାୟ ୨୮୦୦ ସ୍ଥାନୀୟ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ କରୁଥିଲେ। ଜୁଲାଇ ୧ ତାରିଖଠାରୁ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଉକ୍ତ ଖଣି କାର୍ଯ୍ୟ ଆରମ୍ଭ କରିବା ପରେ, ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଖଣିରେ ପୁନଃ ନିଯୁକ୍ତି ଦେବା ପାଇଁ ଜେଏସ୍‌ଡବ୍ଲ୍ୟୁ କମ୍ପାନୀକୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ବହୁ ଦିନ ବିତିଯାଇ ଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ନିଯୁକ୍ତି ଓ ପୂର୍ବ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ନ ଦେଇ ଅଣଦେଖା କରିଚାଲିଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳବାସୀ କେନ୍ଦୁଝର ଜିଲାପାଳଙ୍କଠାରେ ମଧ୍ୟ ଅଭିଯୋଗ କରିଥିଲେ। ଉକ୍ତ କମ୍ପାନୀ ସ୍ଥାନୀୟ ଲୋକଙ୍କୁ ବଞ୍ଚିତ କରି ଏକ ଅଣଓଡ଼ିଆ ଠିକାକମ୍ପାନୀକୁ ଖଣି କାର୍ଯ୍ୟ ଟେକି ଦେଇ ମେଶିନ୍ ଦ୍ୱାରା ସମ୍ପୂର୍ଣ୍ଣ ଖଣି କାର୍ଯ୍ୟ କରୁଥିବାରୁ ଗ୍ରାମବାସୀ କାର୍ଯ୍ୟହରା ହୋଇଥିବା ଅଭିଯୋଗ କରିଛନ୍ତି। ଖଣିପ୍ରଭାବିତ ଅଞ୍ଚଳବାସୀ କାମ ନ ପାଇ କାର୍ଯ୍ୟହରା ହୋଇ ବହୁ କଷ୍ଟରେ କାଳାତିପାତ କରୁଥିବାରୁ ଅତିଷ୍ଠ ହୋଇ ନୂତନ ଭାବେ ଖଣି ଲିଜ୍ ପାଇଥିବା ଜେଏସ୍‌ଡବ୍ଲ୍ୟୁ କମ୍ପାନୀରେ କାର୍ଯ୍ୟ ପାଇବା ଆଶାରେ ଦୌଡ଼ି ନୟାନ୍ତ ହେବା ପରେ ଏକ ଷ୍ଟ୍ରାଇକ୍ କରିଛନ୍ତି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ବୁଧବାର ସନ୍ଧ୍ୟା ସମୟରେ ମା'ଲଜିଷ୍ଟିକ୍ ଟ୍ରାନ୍ସପୋର୍ଟ ସଂସ୍ଥା ପରିବହନ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଜାଣିପାରି ଏହି ପରିବହନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନାରା ଲଗାଇଛନ୍ତି। ଜେଏସ୍‌ଡବ୍ଲ୍ୟୁଠାରୁ କାର୍ଯ୍ୟ ପାଇଥିବା ତ୍ରିବେଣୀ ଆର୍ଥ ମୁଭର୍ସ କମ୍ପାନୀ ପକ୍ଷରୁ ଲୋକଙ୍କର ଦାବି ଗୁଡ଼ିକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିବା ସତ୍ତ୍ୱେ ଦାବି ପୂରଣ ହୋଇ ନ ଥିବାରୁ ଖବର ଲେଖାହେବା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଅଧିକାରୀ ପ୍ରସନ୍ନଜିତ ରାୟଙ୍କୁ ପଚାରିବାରୁ ଜଜାଙ୍ଗ ପଞ୍ଚାୟତର ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ଅଞ୍ଚଳବାସୀଙ୍କର ତାଲିକା ମଗାଯାଇଛି। ସେମାନଙ୍କୁ ଲୋଡିଂ ଓ ପରିବହନ କାର୍ଯ୍ୟ ଦିଆଯିବ, ହେଲେ ସ୍ଥାନୀୟ ନିଯୁକ୍ତି ସମ୍ପର୍କରେ କମ୍ପାନୀ କୌଣସି ଚୁକ୍ତି କରିନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ରାଜ୍ୟରେ ୫ ଲକ୍ଷ ଛୁଇଁଲା ଟେଷ୍ଟ ସଂଖ୍ୟା

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

- ୫୪ ପରୀକ୍ଷାଗାରରେ ଚାଲିଛି କୋଭିଡ୍ ଟେଷ୍ଟିଂ
- ଗଞ୍ଜାମ, ଖୋର୍ଦ୍ଧା, କଟକରେ ଟେଷ୍ଟିଂ ବଢ଼ିଥିବାରୁ ଅଧିକ ଚିହ୍ନଟ
- ପ୍ଲାଜ୍‌ମା ଥେରାପି ପରେ ସୁଧୁରିଛି ୨୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା
- ରାଜ୍ୟରେ ମହିଳାଙ୍କ ତୁଳନାରେ ପୁରୁଷ ଅଧିକ ସଂକ୍ରମିତ

ରାଜ୍ୟରେ କୋଭିଡ୍ ସଂକ୍ରମଣ ରୋକିବାକୁ ହେଲେ ପ୍ରଥମେ ସବୁ ଆକ୍ରାନ୍ତଙ୍କୁ ଚିହ୍ନଟ କରିବାକୁ ହେବ। ଏଥିପାଇଁ ସରକାର ଟେଷ୍ଟିଂକୁ ଗୁରୁତ୍ୱ ଦେଉଛନ୍ତି। ପ୍ରଥମ ୧୦ ସପ୍ତାହରେ ୧ଲକ୍ଷ କୋଭିଡ୍ ପରୀକ୍ଷା ହୋଇଥିଲା। ବର୍ତ୍ତମାନ ୫୪ ପରୀକ୍ଷାଗାର କାର୍ଯ୍ୟ କରୁଥିବାବେଳେ ୧୦ଦିନରେ ୧ଲକ୍ଷ ନମୁନା ପରୀକ୍ଷଣ କରାଯାଇଛି। ଫଳରେ ଇତିମଧ୍ୟରେ ରାଜ୍ୟରେ କୋଭିଡ୍ ଟେଷ୍ଟ ପରିମାଣ ୫ଲକ୍ଷ ୨୩୮ରେ ପହଞ୍ଚିଛି। ରାଜ୍ୟ ସରକାର ଓ କୋଭିଡ୍ ଯୋଦ୍ଧାଙ୍କ ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି।

ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନରେ ଶାଳିନୀ କହିଛନ୍ତି, ବର୍ତ୍ତମାନ ଆଣ୍ଟିଜେନ୍ ଟେଷ୍ଟିଂ ମଧ୍ୟ ବହୁମାତ୍ରାରେ ଚାଲିଛି। ଗଞ୍ଜାମରେ ଦିନକୁ ୧୫୦୦ରୁ ୨୦୦୦ ଟେଷ୍ଟିଂ କରାଯାଉଥିବାବେଳେ ଖୋର୍ଦ୍ଧା ଓ ଭୁବନେଶ୍ୱରରେ ମଧ୍ୟ ଟେଷ୍ଟିଂ ପରିମାଣ ବୃଦ୍ଧିପାଇଛି। ମୟୂରଭଞ୍ଜ, କଳାହାଣ୍ଡି, ମାଲକାନଗିରି ଓ ରାୟଗଡ଼ା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଟେଷ୍ଟିଂ ହେଉଛି। ଅଧିକ ଟେଷ୍ଟିଂ ହେଉଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ତେଣୁ ଯେତେଶୀଘ୍ର ଆମେ ଟେଷ୍ଟିଂ ବଢ଼ାଇବା, ସେତେଶୀଘ୍ର ସଂକ୍ରମିତ ଚିହ୍ନଟ ହେବେ। ବିଗତ ଦିନରେ ଟେଷ୍ଟିଂ ସଂଖ୍ୟା ବଢ଼ିଥିବାରୁ ଗଞ୍ଜାମରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ହେଲେ ଗତ କିଛିଦିନ ମଧ୍ୟରେ ଜିଲାରେ ପଜିଟିଭ୍ ସଂଖ୍ୟା ହ୍ରାସ ପାଇଛି। ଗଞ୍ଜାମଠାରୁ ଆମ ସମସ୍ତଙ୍କୁ କିଛି ନା କିଛି ଶିଖିବାର ଅଛି। ଏବେଠୁ ଆମକୁ ଅଧିକ ସତର୍କ ଓ ଯତ୍ନବାନ୍ ହେବାକୁ ପଡ଼ିବ। କରୋନା ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ରାଜ୍ୟ ସରକାରଙ୍କୁ ଜଣାନ୍ତୁ ଓ ଟେଷ୍ଟିଂ କରାନ୍ତୁ। ଦିନକୁ ୨୦ ହଜାର ଟେଷ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଭିତ୍ତିଭୂମି ରହିଛି। ଭିନ୍ନ ସମୟରେ ଜଣେ ଲୋକର ଭିନ୍ନ ରିପୋର୍ଟ ଆସିପାରେ, କିନ୍ତୁ ରାଜ୍ୟରେ କୋଭିଡ୍ ଟେଷ୍ଟିଂ ଠିକ ରୂପେ ଚାଲିଛି ବୋଲି ସେ କହିଛନ୍ତି।

ପ୍ଲାଜ୍‌ମା ଥେରାପିକୁ ନେଇ ସେ କହିଲେ, ବର୍ତ୍ତମାନ ସୁଦ୍ଧା ମୋଟ୍ ୨୮ ଜଣଙ୍କଠାରୁ ପ୍ଲାଜ୍‌ମା ସଂଗ୍ରହ କରାଯାଇ ୩୩ଜଣ ଗୁରୁତର ଆକ୍ରାନ୍ତଙ୍କୁ ଦିଆଯାଇଛି। ୨୩ଜଣ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବାବେଳେ ଏମାନଙ୍କ ମଧ୍ୟରୁ ୮ଜଣ ସୁସ୍ଥହୋଇ ଘରକୁ ଫେରିଛନ୍ତି। ଗଞ୍ଜାମ, ଖୋର୍ଦ୍ଧା ଓ କଟକରେ ପ୍ଲାଜ୍‌ମା ଥେରାପି ପାଇଁ ସୁବିଧା କରାଯାଇଛି। ଏଥିସହ ଗତ ୭ ଦିନରେ ଏହି ୩ଜିଲାରେ ଥିବା ୭ ନୂଆ ହସ୍ପିଟାଲରେ ୧୦୦୦ ଶଯ୍ୟା ବଢ଼ାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ମହିଳାଙ୍କଠାରୁ ଅଧିକ ପୁରୁଷ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ୪୦ ବର୍ଷରୁ କମ୍ ବୟସର ଆକ୍ରାନ୍ତ ସର୍ବାଧିକ ୬୪% ରହିଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ବୟସର ଆକ୍ରାନ୍ତ ମାତ୍ର ୭% ରହିଛନ୍ତି ଓ ୬୩ ପ୍ରତିଶତ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଅଧିକାଂଶ ଆକ୍ରାନ୍ତ ବିବାହ କିମ୍ବା ଅନ୍ତ୍ୟେଷ୍ଟି କ୍ରିୟା କାର୍ଯ୍ୟକ୍ରମରେ ଯୋଗ ଦେବାରୁ ସଂକ୍ରମିତ ହୋଇଛନ୍ତି। ତେଣୁ ଲୋକମାନେ ନିଜ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ରୁହନ୍ତୁ। କୋଭିଡ୍ ଭ୍ୟାକ୍ସିନ୍ ବାହାରିବା ଯାଏ ଅପେକ୍ଷା କରନ୍ତୁ ନାହିଁ। ସାମାଜିକ ଟିକା ନିଅନ୍ତୁ। ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖନ୍ତୁ। ଘରେ ସୁସ୍ଥ ରୁହନ୍ତୁ ବୋଲି ଶାଳିନୀ କହିଛନ୍ତି।



ଭୁବନେଶ୍ୱରର କେତେକ ସ୍ଥାନରେ ଗୁରୁବାର ବର୍ଷା ହେବାରୁ ଇସ୍କନ ମନ୍ଦିର ସମ୍ମୁଖ ଜାତୀୟ ରାଜପଥରେ ଜମି ରହିଥିବା ଆଣ୍ଠୁଏ ଉଚ୍ଚର ପାଣି।

## ଗୋପାଳପୁର ଏନ୍‌ଏସି କରୋନାମୁକ୍ତ

**ଛତ୍ରପୁର,୩୦।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲାର ଗୋପାଳପୁର ଏନ୍‌ଏସି କରୋନାମୁକ୍ତ ହୋଇଛି। ଗତ ୧୫ରୁ ୨୯ ତାରିଖ ମଧ୍ୟରେ ଜଣେ ହେଲେ ବି କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଗୋପାଳପୁର ଏନ୍‌ଏସିରେ ରେଡ୍ ଜୋନ୍‌ରେ ଥିବା ୱାର୍ଡକୁ ଗ୍ରୀନ୍‌ରେ ପରିଣତ କରିବା ପାଇଁ ଜିଲା ପ୍ରଶାସନ ଚଳାଇଥିବା ମିଶନ ସଫଳ ହୋଇଛି। ଲକ୍ଷଣ ଚିହ୍ନଟ, ଆଇସୋଲେଶନ ଆଦିର ଠିକ ମନିଟରିଂ ପାଇଁ ଏହି ସଫଳତା ହାସଲ କରାଯାଇପାରିଛି ବୋଲି ଜିଲାପାଳ କହିଛନ୍ତି।

## ମୃତ ୨ ଖବରଦାତାଙ୍କ ପରିବାରକୁ ୧୫ ଲକ୍ଷ ସହାୟତା

**ଭୁବନେଶ୍ୱର,୩୦।୭(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛନ୍ତି। କରୋନା ସମୟରେ ସାହସର ସହ ଦାୟିତ୍ୱ ନିର୍ବାହ କରି ସଂକ୍ରମଣରେ ପ୍ରାଣ ହରାଇଥିବା ଦୁଇ ଖବରଦାତାଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ୧୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ଟୁଇଟ୍ ଯୋଗେ ଗୁରୁବାର ସୂଚନା ଦେଇଛନ୍ତି। କରୋନା ଯୋଦ୍ଧା ଭାବେ ମୃତ୍ୟୁ ଘଟିଥିବା ଦୁଇ ଖବରଦାତା ହେଲେ ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ ସମାଜ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ ଏବଂ ଗଜପତି ଜିଲାର ନ୍ୟୁଜ୍ ଗୁଡେ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିନିଧି କେ. ସିଏଚ. ରତ୍ନମ। ଏହି ଦୁଇ ଜଣ ମହାମାରୀକୁ ଭ୍ରୂକ୍ଷେପ ନ କରି କାର୍ଯ୍ୟ କରୁଥିବା ବେଳେ କରୋନା ଆକ୍ରାନ୍ତ ହୋଇଥିଲେ। ପରେ ତାଙ୍କୁ ଚକିତ୍ସା ଲାଗି ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରତ୍ନମଙ୍କୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ରିପୋର୍ଟ ପଜିଟିଭ୍ ଆସିଥିଲା। ତାଙ୍କୁ କୋଭିଡ୍ ହସ୍ପିଟାଲ ନେବା ପୂର୍ବରୁ ମୃତ୍ୟୁ ଘଟିଥିଲା।

## କରୋନା ସଂକ୍ରମଣ ସ୍ଥିତି (ଗୁରୁବାର ରାତି ୧୦ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୭୩,୦୧,୦୩୯ | ୬,୭୨,୩୬୯ | ୧,୦୭,୮୯,୫୪୫ |
| ଭାରତ | ୧୬,୩୨,୪୨୨ | ୩୫,୭୧୨ | ୧୦,୨୯,୦୬୯ |
| ଓଡ଼ିଶା | ୩୦,୩୭୮ | ୧୬୯(+୩୬) | ୧୯,୭୪୬ |

(+ ଅନ୍ୟ ରୋଗରେ କରୋନା ରୋଗୀଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରାଜ୍ୟରେ ମରୁଡ଼ିର ପଦଧ୍ୱନି

- ଅଧା ଜିଲାରେ ବିଲ ଫାଟିଲାଣି
- ୪ରେ ଲଘୁଚାପ ସମ୍ଭାବନା

**ଭୁବନେଶ୍ୱର,୩୦।୭(ବ୍ୟୁରୋ):** ରାଜ୍ୟରେ ମୌସୁମୀ ଦାଉ ସାଧିଲାଣି। ଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ହେବ ବର୍ଷାର ନାଁ ଗନ୍ଧ ନାହିଁ। କେଉଁଠି କେମିତି କାଁ ଭାଁ ବର୍ଷା ହେଉଥିବା ବେଳେ ରାଜ୍ୟର ଅଧା ଜିଲାରେ ଏବେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ୧୫ ଜିଲାରେ ପରିସ୍ଥିତି ସଙ୍ଗିନ ହେଲାଣି। ଧାନ ବିଲ ଫାଟି ଆଁ କଲାଣି। ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ବର୍ଷା ନ ହେଲେ ଚାଷ ଉଜୁଡିବା ସମ୍ଭାବନା ସୃଷ୍ଟି ହେଲାଣି।

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟରେ ଜୁନ୍ ପହିଲାରୁ ଜୁଲାଇ ୩୦ ପର୍ଯ୍ୟନ୍ତ ସ୍ୱାଭାବିକ ଠାରୁ ୧୪ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ଭାବେ ରାଜ୍ୟରେ ୫୫୧.୧ ପ୍ରତିଶତ ସ୍ଥାନରେ ୪୭୪.୪ ପ୍ରତିଶତ ବର୍ଷା ହୋଇଛି। ପୁରୀ ଜିଲାରେ ୫୦ ପ୍ରତିଶତ କମ୍ ହୋଇଥିବା ବେଳେ ବାଲେଶ୍ୱରରେ ୩୮, ଭଦ୍ରକ ୨୭, କଟକ ୩୯, ଜଗତ୍‌ସିଂହପୁର ୩୦, ଯାଜପୁର ୪୨, କେନ୍ଦ୍ରାପଡ଼ା ୪୩, ଖୋର୍ଦ୍ଧା ୪୬, କେନ୍ଦୁଝର ୨୩, ସୁବର୍ଣ୍ଣପୁର ୩୩, ମୟୂରଭଞ୍ଜରେ ୨୨, ନୟାଗଡ଼ ୨୧, ବଲାଙ୍ଗୀର, ନୂଆପଡ଼ା ଏବଂ ଝାରସୁଗୁଡ଼ାରେ ୧୭ ପ୍ରତିଶତ କମ୍ ବର୍ଷା ହୋଇଛି। କୌଣସି ଜିଲାରେ ଅଧିକ ବର୍ଷା ହୋଇ ନ ଥିବା ବେଳେ ଅନ୍ୟ ଜିଲାଗୁଡ଼ିକରେ ୧ରୁ୧୭ ପ୍ରତିଶତ କମ୍ ବର୍ଷା ହୋଇଥିବା କୁହାଯାଇଛି। ସେହିପରି ଜୁନ୍ ୧୧ରେ ମୌସୁମୀ ପ୍ରବେଶ କରିବା ପରେ ସେହି ମାସରେ ୨୭ ପ୍ରତିଶତ ଅଧିକ ବର୍ଷା ହୋଇଥିଲା। କିନ୍ତୁ ଜୁଲାଇ ୨୫ ତାରିଖ ସୁଦ୍ଧା ୧୪ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ୍ ମାସରେ ୨ଟି ଲଘୁଚାପ ହୋଇଥିବା ବେଳେ ଜୁଲାଇରେ ଆଦୌ ଲଘୁଚାପ ହୋଇନାହିଁ। ଏପରି କି ମୌସୁମୀ ମଧ୍ୟ ଦୁର୍ବଳ ରହିଛି। ଆସନ୍ତା ୩ ତାରିଖ ଯାଏ ରାଜ୍ୟରେ ବର୍ଷା ହେବାର କୌଣସି ସୂଚନା ଦେଖା ଯାଉ ନ ଥିବାରୁ ପରିସ୍ଥିତି ଆହୁରି ବିଗିଡିବା ଅନୁମାନ କରାଯାଇଛି। ତେବେ ଆସନ୍ତା ଅଗଷ୍ଟ ୪ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି, ଯାହା ଚାଷୀଙ୍କ ପାଇଁ ଆଶ୍ୱସ୍ତି ଆଣିପାରେ।

## ଆଜି ଆଇଜିଏଚ୍ ପ୍ଲାଜ୍‌ମା ଥେରାପିର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

**ସୁନ୍ଦରଗଡ଼,୩୦।୭(ଡି.ଏନ୍.ଏ.):** ରାଉରକେଲା ଇସ୍ପାତ୍ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ରେ ପ୍ଲାଜ୍‌ମା ଥେରାପିର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁରୁତର କରୋନା ରୋଗୀଙ୍କ ଦ୍ରୁତ ଆରୋଗ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ଲାଜମା ବ୍ୟାଙ୍କ୍ ଖୋଲାଯାଇଛି। ରାଉରକେଲା କୋଭିଡ୍ ହସ୍ପିଟାଲରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଚିକିତ୍ସିତ ହେଉଥିବା କରୋନା ଆକ୍ରାନ୍ତଙ୍କୁ ପ୍ଲାଜମା ଥେରାପି ପ୍ରଦାନ କରାଯିବ। ଶୁକ୍ରବାର ଅପରାହ୍ଣ ସାଢେ ୪ଟା ବେଳେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସରୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି।

**UTKAL UNIVERSITY**
CENTRE FOR IT EDUCATION
P.G. DEPARTMENT OF STATISTICS
VANI VIHAR, BHUBANESWAR-751004, ODISHA, INDIA
: 0674 - 2567711 / 9438014469, 6371615706.
Website : www.citeutkal.com
e-mail : admission@citeutkal.com, centreforiteducation@gmail.com
UTKAL UNIVERSITY
NAAC-A+ Accreditation

**ADMISSION NOTICE FOR M. TECH. (IT)**

EXTENSION OF LAST DATE OF SUBMISSION OF APPLICATION FORM

In continuation with our Admission Notification published in various news papers, the last date of issue and submission of application form for admission into **M.Tech. (IT)** course program for the academic session **2020-21** is hereby extended to **12.09.2020** by **05.00 p.m.** The Entrance Test which was scheduled to be held on **08.08.2020,** is shifted to **19.09.2020 (01.00 - 02.30 p.m.).**

Chairman, P.G. Council
Utkal University



**ଆଜିର ମନ୍ତବ୍ୟ**
“ଜର୍ମାନୀରୁ ୧୧,୯୦୦ ସୈନ୍ୟ ପ୍ରତ୍ୟାହାର କରିବ ଆମେରିକା।
–ମାର୍କ ଏସ୍ପର, ଆମେରିକା ପ୍ରତିରକ୍ଷା ସଚିବ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆକ୍ରିତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନ୍ୟୁୟର୍କ ଟାଇମ୍ସ ସ୍କୋୟାରରେ ଲାଗିବ ଭଗବାନ ରାମଙ୍କ ଫଟୋ

**ନ୍ୟୁୟର୍କ, ୩୦।୭:** ଅଯୋଧ୍ୟାରେ ହେବାକୁ ଥିବା ଭବ୍ୟ ରାମମନ୍ଦିରର ଶିଳାନ୍ୟାସ ଅଗଷ୍ଟ ୫ରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଭବ୍ୟ ମନ୍ଦିରର ଶିଳାନ୍ୟାସ କରିବେ। ଏହା ମାନବ ଜାତି ପାଇଁ ଏକ ଐତିହାସିକ ଦିନ ହୋଇଥିବାରୁ ଉକ୍ତ ଦିବସକୁ ପାଳନ କରିବା ପାଇଁ ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ଥିବା ବିଶାଳ ବିଲ୍‌ବୋର୍ଡରେ ଭଗବାନ ରାମଙ୍କ ଫଟୋ ସମେତ ଅଯୋଧ୍ୟା ରାମମନ୍ଦିରର ୩ଡି ଫଟୋ ଲଗାଯିବ। ଏହି ଦିନକୁ ପାଳନ କରିବା ଲାଗି ସମସ୍ତ ଆୟୋଜନ ହୋଇଥିବା ଆମେରିକୀୟ ଭାରତ ପବ୍ଲିକ୍ ଆଫେୟାର୍ସ କମିଟି ଅଧ୍ୟକ୍ଷ ଜଗଦୀଶ ସେୱାନୀ ବୁଧବାର କହିଛନ୍ତି। ଏଥିପାଇଁ ସବୁଠୁ ବଡ଼ ବିଲ୍‌ବୋର୍ଡ ନାସଡକ୍ ସ୍କ୍ରିନ୍ ଏବଂ ୧୭ ହଜାର ବର୍ଗଫୁଟ୍ ଏଲ୍‌ଇଡି ଡିସ୍‌ପ୍ଲେ ସ୍କ୍ରିନ୍‌କୁ ଲିଜ୍ ନିଆଯାଇଛି। ଅଗଷ୍ଟ ୫ ତାରିଖ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ହିନ୍ଦୀ ଓ ଇଂଲିଶରେ 'ଜୟ ଶ୍ରୀରାମ', ଭଗବାନ ରାମଙ୍କ ଫଟୋ ଓ ଭିଡିଓ ଏବଂ ମନ୍ଦିର ଡିଜାଇନର ୩ଡି ଛବି ପ୍ରଦର୍ଶିତ ହେବ।

**କରୋନା କବଳରେ ଜେଲ**

# ଅଗଷ୍ଟ ୨୮ ସୁଦ୍ଧା ରିପୋର୍ଟ ଦିଅ: ଓଏଚ୍‌ଆର୍‌ସି

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଜେଲରେ ରହୁଥିବା ଅନେକ କଏଦୀ ଏବଂ ଜେଲ କର୍ମଚାରୀ କରୋନା ସଂକ୍ରମିତ ହେଉଛନ୍ତି। ଆକ୍ରାନ୍ତଙ୍କୁ କି ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ଓ ଏନେଇ କି ପ୍ରକାର ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଅଗଷ୍ଟ ୨୮ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଓଡ଼ିଶା ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଗୃହ ବିଭାଗ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଡାଇରେକ୍ଟର ଜେନେରାଲ ଅଫ ପ୍ରିଜନ ଆଣ୍ଡ ଡିସିଏସକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମାନବାଧିକାର କର୍ମୀ ବିଶ୍ୱ ପ୍ରିୟ କାନୁନଗୋଙ୍କ କମିଶନଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଏହି ଆବେଦନ ଉପରେ ଶୁଣାଣି କରି କମିଶନ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଜାତୀୟ ଶିକ୍ଷାନୀତିକୁ ସମୀରଙ୍କ ପ୍ରଶଂସା

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଣାଯାଇଥିବା ନୂତନ ଶିକ୍ଷାନୀତିକୁ ନେଇ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ରମେଶ ପୋଖରିଆଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମୀର ଆହୁରି କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଜାତୀୟ ଶିକ୍ଷା ନୀତି ୨୦୨୦ ମଞ୍ଜୁର କରିଛି। ଏହାଦ୍ୱାରା ଦେଶରେ ଉଭୟ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାରମୂଳକ ପରିବର୍ତ୍ତନ ଆଣିହେବ। ନୂଆ ଶିକ୍ଷାନୀତି ଅନୁଯାୟୀ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ନିଜ ମାତୃଭାଷା ପଢିବା ବାଧ୍ୟତାମୂଳକ। ଏହାଦ୍ୱାରା ପିଲାମାନେ ନିଜ ମାତୃଭାଷା ସମ୍ବନ୍ଧରେ ବ୍ୟାପକ ତଥ୍ୟ ପାଇପାରିବେ। ପୁରାତନ ୧୦+୨ ପାଠଖସଡ଼ା ସ୍ଥାନରେ ୫+୩+୩+୪ ପାଠ୍ୟକ୍ରମ ଢାଞ୍ଚା ଲାଗୁ ହେବା ଲାଗି ପ୍ରସ୍ତାବ ଦିଆଯାଇଛି। ଏଥିପାଇଁ ବୟସ ୩-୮, ୮-୧୧, ୧୧-୧୪ ଏବଂ ୧୪-୧୮ ରଖାଯାଇଛି। ସାଧାରଣତଃ ୩-୬ ବର୍ଷ ବୟସ ଶିଶୁର ମେଧାଶକ୍ତି ବିକଶିତ ହେବାର ଗୁରୁତ୍ୱପୂର୍ଣ୍ଣ ସମୟ ବୋଲି ବିଶ୍ୱସ୍ତରରେ ଗ୍ରହଣ କରାଯାଇଛି। ଏହି ନୀତିରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଶିକ୍ଷା ଉପରେ ଗୁରୁତ୍ୱାରୋପ, ପାଠ୍ୟ ବିଷୟ, ପାଠ୍ୟ ବହିର୍ଭୂତ କାର୍ଯ୍ୟକଳାପ, ଧନ୍ଦାମୂଳକ ବିଷୟ ମଧ୍ୟରେ କୌଣସି ବାଧ୍ୟତାମୂଳକ ପୃଥକୀକରଣ ନାହିଁ। ଷଷ୍ଠଶ୍ରେଣୀରୁ ଇଣ୍ଟର୍ନଶିପ ସହିତ ଧନ୍ଦାମୂଳକ ଶିକ୍ଷା ଆରମ୍ଭ ହେବ। ୨୦୩୫ ସୁଦ୍ଧା ଉଚ୍ଚଶିକ୍ଷା ଜିଇଆର ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଲକ୍ଷ୍ୟ ରଖି ଉଚ୍ଚଶିକ୍ଷା କ୍ଷେତ୍ରରେ ୩.୫କୋଟି ଆସନ ଯୋଡ଼ାଯିବା ସହ ଏହି ନୀତି ଯୋଗୁ ଓଡ଼ିଶାରେ ଥିବା ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ସମୀର କହିଛନ୍ତି।

# ଭାଜପା-ବିଜେଡି କାଦୁଅ ଫିଙ୍ଗା

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

**ଗଞ୍ଜାମ କରୋନା ସ୍ଥିତି**

ଗଞ୍ଜାମରେ ବଢୁଥିବା କରୋନା ସ୍ଥିତିକୁ ନେଇ ଭାଜପା-ବିଜେଡି ମଧ୍ୟରେ ଆରମ୍ଭ ହୋଇଛି କାଦୁଅ ଫିଙ୍ଗା। ମୁଖ୍ୟମନ୍ତ୍ରୀ ନିର୍ବାଚିତ ହୋଇ ଆସିଥିବା ଜିଲାରେ ଏପରି ବିଷମସ୍ଥିତି ସ୍ୱାସ୍ଥ୍ୟସେବାର ବାସ୍ତବ ଚିତ୍ରକୁ ପଦାରେ ପକାଇଥିବା ଅଭିଯୋଗ ଆଣିଛନ୍ତି ଭାଜପା ନେତା ଭୃଗୁ ବକ୍ସିପାତ୍ର। ଗଞ୍ଜାମ ଜିଲାରେ କରୋନା ସ୍ଥିତି ଅଣାୟତ୍ତ ହୋଇସାରିଛି। ପ୍ରଶାସନିକ ଅଧିକାରୀମାନେ ପ୍ରକୃତ ଚିତ୍ର ଲୁଚାଉଛନ୍ତି। କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ଦିଲ୍ଲୀ ଏବଂ ମହାରାଷ୍ଟ୍ରରେ କରୋନା ନିୟନ୍ତ୍ରଣକୁ ଆସିପାରିଛି। ଗଞ୍ଜାମର ସ୍ଥିତି ନିୟନ୍ତ୍ରଣ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସାହାଯ୍ୟ ଲୋଡ଼ନ୍ତୁ ବୋଲି ଭୃଗୁ କହିଛନ୍ତି। ଅନ୍ୟପଟେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଭାଜପାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ପ୍ରତିକ୍ରିୟାରେ କହିଛନ୍ତି, ୩-୪ ମାସ ହେଲା ଗଞ୍ଜାମରେ କରୋନା ଯୋଦ୍ଧାମାନେ ଦିନରାତି ଖଟୁଛନ୍ତି। ସେମାନଙ୍କ ମନୋବଳ ବଢ଼ାଇବା ପରିବର୍ତ୍ତେ ଭାଜପା ନେତାମାନେ ତାଚ୍ଛଲ୍ୟ କରିବା ଦୁର୍ଭାଗ୍ୟଜନକ। କରୋନା ମୁକାବିଲା ନେଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହେବାରେ ଲାଗିଛି ବୋଲି ସସ୍ମିତ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦକ୍ଷିଣା ପବନ ସବୁରି ହିତ, ଉତ୍ତରା ପବନ ଆଣଇ ଶୀତ**
**ପୂବେଇ ପବନ ଧାନକୁ ଭଲ , ପଶ୍ଚିମା ପବନ ଜରର ମୂଳ।**

ଦକ୍ଷିଣା ପବନ ଦେହ ମନରେ ଶୀତଳତା ଭରିଦିଏ। ଉତ୍ତରା ପବନ ବହିଲେ ଶୀତ ବଢିଥାଏ। ପୁରୁବା ପବନ ବହିଲେ ଧାନ ଗଛ ଭଲ ବଢିଥାଏ। ସେହିପରି ପଶ୍ଚିମ ଦିଗରୁ ପବନ ବହିଲେ ଦେହ ଖରାପ ହେବାର ସମ୍ଭାବନା ରହିଥାଏ। ଦିଗ ଅନୁସାରେ ପବନ ବହିବାର ଭଲ ମନ୍ଦ ଫଳ ଏବଂ ପ୍ରତିକ୍ରିୟା ଏଠାରେ ବର୍ଣ୍ଣନା କରାଯାଇଛି।

**ଦେ କଉଡ଼ି ଖା ପିଠା**
**ଏଥିପାଇଁ କିଆଁ ଦାନ୍ତ ନିକୁଟା।**

ପଇସା ଦେଇ ଖାଇବା ପଦାର୍ଥ ଗ୍ରହଣ କର, ସିଧା କଥା। ପଇସା ଥିଲେ ସବୁ କିଛି ହାତ ମୁଠାରେ। ଟଙ୍କା ପଇସା ରୋଜଗାର କରିବା ପାଇଁ ପରିଶ୍ରମ ଲୋଡ଼ା। ତେଣୁ ପରିଶ୍ରମ ବିନା କିଛି ବି ସମ୍ଭବ ନୁହେଁ, ସବୁ କିଛି ଦୁଷ୍ପ୍ରାପ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:**


# classifieds Everyday
0674-2580101, 2549302




**SALE**

5 Acre land of one patch near Khurda, available for sale. Contact: 6371643578, 7655053781. D-17815

**4 BHK Semi furnished TRIPLEX for sale at Tankapani Road, Gated Community. No GST applicable. Urgent Call 8260657123, 8260673884.** D-17849

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131




Newly open SPA Centre full body massage Bamikhal, Bhubaneswar. 7205187702. D-59955

**AFFIDAVIT**

Affidavit before Executive Magistrate, Angul my name has changed from Chandra Sekhar Sahoo to Sikhar Sahu, S/o Gandharba Sahu, Ranjasingha, Meramandali, PS-Motanga, Dhenkanal for all purposes. D-66873

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Affidavit before Executive Magistrate, Angul my name has changed from Rudrakshya Das to Rudranarayan Das, S/o Laxman Das, Nimabahali, PS-Balimi, Dhenkanal for all purposes. D-66874

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଓଇଆର୍‌ସି ମୁହାଁଇବ...

ଓଇଆର୍‌ସିଙ୍କ ଦ୍ୱାରସ୍ଥ ହୋଇ ଟାଟାଠାରୁ ନିଜର ବକେୟା ମାଗିବାକୁ ଆବେଦନ କରିଛନ୍ତି। ଓଇଆର୍‌ସି ଯଦି ରାଜ୍ୟ ସରକାରଙ୍କ ଏହି ୨ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାର ଆବେଦନକୁ ଏଠାରେ ବିଚାରକୁ ନ ନିଅନ୍ତି ତେବେ ସେହି କ୍ଷତି ରାଜ୍ୟ ସରକାରଙ୍କ ଉପରେ ଲଦି ଦିଆଯିବାର ସବୁ ସମ୍ଭାବନା ରହିଛି। ଏଥିସହିତ ଉଭୟ ଗ୍ରୀଡ୍‌କୋ ଏବଂ ଓପିଜିସିଏଲ୍ ବକେୟା ଅର୍ଥ ନ ପାଇ ଆର୍ଥିକ ଦୃଷ୍ଟିରୁ ରୁଗ୍‌ଣ ହୋଇଯିବା ଅବଶ୍ୟମ୍ଭାବୀ। ସେତେବେଳେ ସମ୍ଭବତଃ ଏହି ଦୁଇ କମ୍ପାନୀକୁ କିଣିବା ପାଇଁ, ବ୍ୟବସ୍ଥା ଭିତରେ ପ୍ରବେଶ କରିସାରିଥିବା ଟାଟା ପାୱାର ସବୁଠାରୁ ଯୋଗ୍ୟ ଦାବିଦାର ହୋଇଯିବ।

ଏଠାରେ ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାର ଗତ ୧୦ ବର୍ଷ ମଧ୍ୟରେ କେବଳ ସେସୁ ଅଞ୍ଚଳର ଭିତ୍ତିଭୂମି ବିକାଶ କରିବା ପାଇଁ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା, ଦିନ୍ ଦୟାଲ ଗ୍ରାମ ଜ୍ୟୋତି ଯୋଜନା, ସୌଭାଗ୍ୟ ଯୋଜନା, ରିଷ୍ଟ୍ରକ୍ଚରଡ୍ ଆକ୍ସିଲରେଟେଡ ପାୱାର ଡେଭଲପମେଣ୍ଟ ଆଣ୍ଡ ରିଫର୍ମସ ପ୍ରୋଗ୍ରାମ (ଆର୍‌ଏପିଡିଆର୍‌ପି), ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଷ୍ଟ୍ରେଙ୍ଗଦେନିଂ ପ୍ରୋଜେକ୍ଟ( ଓଡିଏସ୍‌ଏସ୍‌ପି) ଏବଂ ବିଜୁ ଗ୍ରାମ ଜ୍ୟୋତି (ବିଜିଜେୱାଇ) ଭଳି ଯୋଜନାରେ ୫୫୫୨.୬୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ତେବେ ଏହାକୁ ଅଣଦେଖା କରି ସେସୁ ସମ୍ପତ୍ତିକୁ ମାତ୍ର ୩୫୦ କୋଟି ଟଙ୍କାରେ ଆକଳନ କରି ଟାଟା ପାୱାର ସହ ବୁଝାମଣା କରାଯାଇଛି। ସେସୁକୁ ହାତେଇବା ପରେ ଏହାର ନାମ ବଦଳାଇ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିସିଓଡିଏଲ)ରଖାଯାଇଛି। ଟାଟା ପାୱାରକୁ ସେସୁ ହସ୍ତାନ୍ତର କରିବା ପୂର୍ବରୁ ଓଇଆର୍‌ସି ଜନ ଶୁଣାଣି ପାଇଁ ୭ ଦିନିଆ ନୋଟିସ କରିବା ସହ ସେସୁ ଉପରେ ବିଦ୍ୟୁତ୍ ବକେୟା ଥିବା ସଂସ୍ଥାଗୁଡ଼ିକର ମତାମତ ଲୋଡାଯିବାକୁ ଓଇଆର୍‌ସି ନିୟମରେ ବ୍ୟବସ୍ଥା ରହିଛି। ମାତ୍ର ଏସବୁକୁ ଏଡ଼େଇ ଚତୁରତାର ସହ ଟାଟା ପାୱାରକୁ ସେସୁର ମାଲିକାନା ହସ୍ତାନ୍ତର କରାଯାଇଛି। ବୁଝାମଣା ଅନୁଯାୟୀ ସେସୁରେ ଥିବା ୪,୯୧୭ ଜଣ ସ୍ଥାୟୀ କର୍ମଚାରୀ ଏବଂ ୪୩୫ ଠିକା କର୍ମଚାରୀଙ୍କୁ ନିଜ ଅଧୀନରେ ରଖିବ। ସେମାନଙ୍କର ଚାକିରି ସର୍ତ୍ତାବଳୀ ସହ ପଦୋନ୍ନତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବ। ଏହାଛଡ଼ା ୨୦୨୫ ସୁଦ୍ଧା ବିଦ୍ୟୁତ୍ ବୈଷୟିକ ଓ ବାଣିଜ୍ୟିକ(ଏଟି ଆଣ୍ଡ ସି) କ୍ଷତିକୁ ୩୨.୫୭ ପ୍ରତିଶତରୁ ୨୦.୫୭ ପ୍ରତିଶତକୁ ହ୍ରାସ କରିବ। ଏହି ସମୟ ସୁଦ୍ଧା ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ୧,୫୪୧ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଚୁକ୍ତିରେ ଉଲ୍ଲେଖ ରହିଛି। ହେଲେ ଏବେ ଟିପିସିଏଲ୍ ସେସୁ କର୍ମଚାରୀଙ୍କର ଚାକିରି ସର୍ତ୍ତାବଳୀ, ଏଟି ଆଣ୍ଡ ସି କ୍ଷତି ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବାକୁ ରାଜି ହେଉ ନାହିଁ। ଚୁକ୍ତିରେ ଥିବା ଏହି ବିଷୟଗୁଡ଼ିକୁ ସଂଶୋଧନ କରିବାକୁ ଟାଟା କମ୍ପାନୀ ଭିତିରିଆ ଓଇଆର୍‌ସିଙ୍କ ନିକଟରେ ଏକ ରିଭ୍ୟୁ ପିଟିଶନ ଦାଖଲ କରିଛି। ଟିକସଦାତାଙ୍କ ଅର୍ଥରେ ଗଢି ଉଠିଥିବା ବହୁ କୋଟି ଟଙ୍କାର ଏହି ବିଦ୍ୟୁତ୍ ସମ୍ପତ୍ତିକୁ ଅଳ୍ପ କେତେକୋଟି ଟଙ୍କାରେ ଘରୋଇ କମ୍ପାନୀ ହାତରେ ଟେକିଦେବାକୁ ନେଇ ସାଧାରଣରେ ସନ୍ଦେହ ଘନୀଭୂତ ହୋଇଛି।

ଏବେ ରାଜ୍ୟବାସୀ ଓଇଆର୍‌ସିଙ୍କ ଭୂମିକା ଓ କାର୍ଯ୍ୟକଳାପକୁ ଦେଖିବା ପାଇଁ ଅପେକ୍ଷା କରିଛନ୍ତି। ଗୋଟିଏ ପଟରେ ଓଇଆର୍‌ସିଙ୍କ ପାଖରେ ଟାଟା ପାୱାର ହାତରେ ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଟେକି ଦେବାର ସୁଯୋଗ ରହିଛି। ଅନ୍ୟ ପଟରେ ନିଜର କ୍ଷମତା ପ୍ରଦର୍ଶନ କରି ରାଜ୍ୟର ବିଦ୍ୟୁତ୍ କ୍ଷେତ୍ର ଓ ରାଜ୍ୟର ଅନେକ କୋଟି ବିଦ୍ୟୁତ୍ ଗ୍ରାହକଙ୍କ ସ୍ୱାର୍ଥର ସୁରକ୍ଷାକାରୀ ଆଖ୍ୟା ଅର୍ଜନ କରିବାର ସମ୍ଭାବନା ରହିଛି।

## ୩୦ ହଜାର...

୪୪୫ଜଣ ସ୍ଥାନୀୟ ସଂକ୍ରମିତ ଥିବାବେଳେ ୭୫୮ଜଣ ସଙ୍ଗରୋଧରେ ଥିଲେ। ଗଞ୍ଜାମରୁ ସର୍ବାଧିକ ୨୫୦ଜଣ ପଜିଟିଭ୍ ରହିଥିବାବେଳେ ଖୋର୍ଦ୍ଧାରୁ ୨୨୦, କଟକ ୯୭, ଗଜପତି ୭୨, କୋରାପୁଟ ୬୬, ମାଲକାନଗିରି ୬୫, ଭଦ୍ରକ ୫୩, ଯାଜପୁର ୪୬, ରାୟଗଡ଼ା ୪୫, ସମ୍ବଲପୁର ୪୦, ନୟାଗଡ଼ ୨୪, ବାଲେଶ୍ୱର ୨୦, ମୟୂରଭଞ୍ଜ ୧୬, ଅନୁଗୋଳ ୧୫, କନ୍ଧମାଳ ଓ କେନ୍ଦ୍ରାପଡ଼ାରୁ ୧୪, ବରଗଡ଼ ୧୨, କେନ୍ଦୁଝର ୧୧, ପୁରୀ ୯, ଦେବଗଡ଼ ଓ ଜଗତ୍‌ସିଂହପୁରରୁ ୮ ଲେଖାଏ, ସୁନ୍ଦରଗଡ଼ ୭, ବଲାଙ୍ଗୀର ଓ ବୌଦ୍ଧରୁ ୬ ଲେଖାଏ, କଳାହାଣ୍ଡି, ନବରଙ୍ଗପୁର ଓ ସୋନପୁରରୁ ୪ ଜଣ ଲେଖାଏ ଏବଂ ଢେଙ୍କାନାଳରୁ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ସେପଟେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୧୦ଜଣ କରୋନା ମୃତକଙ୍କ ସମ୍ପର୍କରେ ସୂଚନା ଦେଇଛି। କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଥିବା ଏହି ମୃତକଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୪ଜଣ ଥିବାବେଳେ ଖୋର୍ଦ୍ଧାରେ ୨, ନୟାଗଡ଼, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଗଞ୍ଜାମର ୩ଜଣ ମୃତକ ପୁରୁଷ ହୋଇଥିବାବେଳେ ବୟସ ଯଥାକ୍ରମେ ୪୩, ୪୭ ଓ ୩୯ ବର୍ଷ। ସେହିଭଳି ଅନ୍ୟଜଣେ ୬୫ ବର୍ଷୀୟ ମହିଳାଙ୍କର କରୋନାରେ ମୃତ୍ୟୁ ଘଟିଛି। ସେ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ହାଇପୋଥାଇରଏଡିଜିମ୍ ରୋଗରେ ପୀଡ଼ିତ ଥିଲେ। ସେହିପରି ଖୋର୍ଦ୍ଧା ଜିଲାର ୨ ମୃତକଙ୍କ ଘର ଭୁବନେଶ୍ୱରରେ। ଜଣେ ୬୦ ବର୍ଷୀୟ ପୁରୁଷ ଓ ଅନ୍ୟଜଣେ ମହିଳା। ପୁରୁଷ ଜଣକ ମଧୁମେହ ସହ କ୍ରନିକ୍ କିଡ୍‌ନୀ ରୋଗରେ ଓ ମହିଳା ଜଣକ ମଧୁମେହରେ ପୀଡ଼ିତ ଥିଲେ। ରାୟଗଡ଼ା ଜିଲାର ମୃତ ୫୦ ବର୍ଷୀୟ ପୁରୁଷ କ୍ରନିକ୍ ଅବଷ୍ଟ୍ରକ୍ଟିଭ୍ ଫୁସଫୁସ ରୋଗରେ ପୀଡ଼ିତ ଥିଲେ। ସୁନ୍ଦରଗଡ଼ର ମୃତ ୭୧ ବର୍ଷୀୟ ପୁରୁଷ ମଧୁମେହରେ ପୀଡ଼ିତ ଥିବାବେଳେ ନୟାଗଡ଼ର ୬୫ ବର୍ଷୀୟ ପୁରୁଷ ୟୁରେମିକ୍ ଏନ୍‌ସେଫାଲୋପାଥି ସହ କ୍ରନିକ୍ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ସେହିପରି ସମ୍ବଲପୁରର ୬୭ ବର୍ଷୀୟ ପୁରୁଷ ଉଚ୍ଚ ରକ୍ତଚାପରେ ପୀଡିତ ଥାଇ କରୋନା ସଂକ୍ରମିତ ହୋଇଥିଲେ ଓ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

ଅନ୍ୟପକ୍ଷରେ ରାଜ୍ୟର ୨୩ ଜିଲାରୁ ଆଉ ୮୦୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଗଞ୍ଜାମରୁ ସର୍ବାଧିକ ୪୩୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ଆରୋଗ୍ୟଙ୍କ ସଂଖ୍ୟା ୧୯,୭୪୫ରେ ପହଞ୍ଚିଛି। ବର୍ତ୍ତମାନ ୧୦ ହଜାର ୪୨୭ଜଣ କରୋନା ଆକ୍ରାନ୍ତ ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ଲାଲଗ୍ରହରେ ଜୀବସତ୍ତା...

ଏହାସହ ଉକ୍ତ ରୋଭର ସେଠାରେ ମୃତ୍ତିକା ଓ ଶିଳାର ନମୁନାଗୁଡ଼ିକୁ ସଂଗ୍ରହକରି ଭବିଷ୍ୟତରେ ସାଙ୍ଗରେ ନେଇଆସିବ। ପର୍ସିଭରାନ୍ସକୁ ଉଚ୍ଚ ସଫଳତା ପ୍ରଦାନକାରୀ କ୍ୟୁରୋସିଟି ରୋଭର ଶୈଳୀରେ ଡିଜାଇନ୍ କରାଯାଇଛି, ଯାହାକି ବର୍ତ୍ତମାନ ମଧ୍ୟ ଲାଲଗ୍ରହରେ ଆବିଷ୍କାର କାର୍ଯ୍ୟରେ ନିୟୋଜିତ ରହିଛି। ଏହି ରୋଭର ୧ ମଙ୍ଗଳ ବର୍ଷ (ଅର୍ଥାତ୍ ପୃଥିବୀରେ ୬୮୭ ଦିନ) ସେଠାରେ ରହି କାର୍ଯ୍ୟ କରିବ।

ନାସା ହେଉଛି ବିଶ୍ୱର ଏକମାତ୍ର ମହାକାଶ ଗାବେଷଣା ସଂସ୍ଥା, ଯିଏକି ମଙ୍ଗଳରେ ସଫଳତାର ସହ ଏକ କ୍ରାଫ୍ଟର ଅବତରଣ କରାଇପାରିଛି। ତଥାପି ଏହି ବ୍ୟୟବହୁଳ ଅବତରଣ ଓ ଲାଲଗ୍ରହରେ ସ୍ପେସ୍‌କ୍ରାଫ୍ଟର ତୀବ୍ରତା ବୃଦ୍ଧି ଏକ ସ୍ମରଣୀୟ କାର୍ଯ୍ୟ ହୋଇ ରହିବ। ଏହାର ପ୍ରବେଶ, ଓହ୍ଲାଇବା ଓ ଅବତରଣ ବ୍ୟବସ୍ଥା (ଇଡିଏଲ୍‌ଏସ୍) କ୍ୟୁରୋସିଟି ରୋଭରର ପ୍ରସିଦ୍ଧ 'ସେଭେନ୍ ମିନିଟ୍ସ ଅଫ୍ ଟେରର୍' ଭଳି ହେବ। 'ସେଭେନ୍ ମିନିଟ୍ସ ଅଫ୍ ଟେରର୍' ହେଉଛି ସେହି ସମୟ, ଯାହା ମଙ୍ଗଳର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଗ୍ରହ ପୃଷ୍ଠରେ ଅବତରଣ ପାଇଁ ସ୍ପେସ୍‌କ୍ରାଫ୍ଟ ନେଇଥାଏ। ରୋଭରରେ ସଂଲଗ୍ନ କରାଯାଇଥିବା ରିଭର୍ସ ଥ୍ରଷ୍ଟର୍ସକୁ ବ୍ୟବହାର କରି ଏହା କ୍ରମଶଃ ଧୀର ହୋଇଯିବ ଓ ବେଲୁନ୍-ବ୍ୟାଗ୍‌ଗୁଡ଼ିକର ସୁରକ୍ଷା ବଳୟ ମଧ୍ୟରେ ପଥୁରିଆ ପୃଷ୍ଠରେ ଅବତରଣ କରିବ। ଏହାସହ ସ୍ପେସ୍‌କ୍ରାଫ୍ଟ ଏକ ସମତଳ ତଥା ସୁରକ୍ଷିତ ସ୍ଥାନ ଆଡ଼କୁ ଗଡ଼ି ଚାଲି ଛିଡ଼ାହେବ।

ପର୍ସିଭରାନ୍ସର ଓଜନ ୧,୦୨୫ କେ.ଜି. ହୋଇଥିବାବେଳେ ଏଥିରେ ୬ଟି ଡ୍ୟୁରେବଲ ଆଲୁମିନିୟମ୍ ଚକ ଓ ୫ ରୋବୋଟିକ୍ ଆର୍ମ ରହିଛି। ଏହି କ୍ରାଫ୍ଟ ସୌରଶକ୍ତିରେ ଚାଳିତ। ମଙ୍ଗଳରେ ବାଲିଝଡ଼ ହେଲେ ତାହା ଅନେକ ଦିନ ଧରି ଗ୍ରହକୁ ଆଚ୍ଛାଦିତ କରି ରଖିଥାଏ ଓ ସୂର୍ଯ୍ୟଙ୍କ ଦେଖା ମିଳି ନ ଥାଏ। ତେଣୁ ବ୍ୟାକ୍‌ଅପ୍ ଭାବେ ଏକ ଜେନେରେଟର ମଧ୍ୟ ରଖାଯାଇଛି। ଉକ୍ତ ଜେନେରେଟର ପ୍ଲୁଟୋନିୟମ୍‌କୁ ଶକ୍ତିରେ ପରିବର୍ତ୍ତିତ କରି ଚାଲିଥାଏ। ଏହା ବ୍ୟତୀତ ଏଥିରେ ୭ ସାଇଣ୍ଟିଫିକ୍ ପେଲୋଡ୍ସ, ୧୯ କ୍ୟାମେରା ଓ ଦୁଇଟି ମାଇକ୍ରୋଫୋନ୍ ଖଞ୍ଜାଯାଇଛି। ଏଗୁଡ଼ିକ ପ୍ରଥମଥର ପାଇଁ ମଙ୍ଗଳରେ ଶବ୍ଦ ରେକର୍ଡ କରିବ। ପେଲୋଡ୍‌ଗୁଡ଼ିକରେ ଥିବା ସ୍ପେକ୍ଟ୍ରୋମିଟର ମଙ୍ଗଳ ପୃଷ୍ଠର ଗଠନ ପ୍ରଣାଳୀ ସମ୍ପର୍କରେ ଅନୁଧ୍ୟାନ କରିବ। ରାଡାର ଇମେଜର୍ସ ପୃଷ୍ଠଭାଗ ଓ ଭୂତଳ ଜଳ ଠାବ କରିବ। ସେନ୍ସରଗୁଡ଼ିକ ପରିବେଶ ସ୍ଥିତି ସମ୍ପର୍କରେ ରେକର୍ଡ କରିବ। ଏହି ମିଶନକୁ ଲଞ୍ଚ କରିବାରେ ୨.୭ ବିଲିୟନ ଡଲାର ଖର୍ଚ୍ଚ କରାଯାଇଛି। ମୋଟାମୋଟି ଭାବେ ଏଥିରେ ୮ ବିଲିୟନ ଡଲାର ଖର୍ଚ୍ଚ କରାଯିବ। ଏହା ପୂର୍ବରୁ ଜୁଲାଇ ୧୯ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ଚାଇନା ଜୁଲାଇ ୨୩ ତାରିଖରେ ମଙ୍ଗଳକୁ ମିଶନ ପଠାଇଛନ୍ତି। ନାସା ଆଡ୍‌ମିନିଷ୍ଟ୍ରେଟର ଜିମ୍ ବ୍ରିଡେନଷ୍ଟାଇନ୍ ମିଶନ ଆରମ୍ଭ ବେଳେ କହିଛନ୍ତି, ମଙ୍ଗଳରେ ଜୀବନ ଅଛି କି ନାହିଁ ଆମେ ଜାଣିନାହୁଁ। କିନ୍ତୁ ଆମେ ଏତିକି ଜାଣିଛୁ ଯେ, ମଙ୍ଗଳ ହେଉଛି ଏପରି ଏକ ଗ୍ରହ ଯାହା ଅତୀତରେ ବାସୋପଯୋଗୀ ଥିଲା।

## ଜୟା ଜେଟ୍‌ଲୀଙ୍କୁ...

ମଧ୍ୟ ୪ ବର୍ଷ ଲେଖାଏ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି। ପ୍ରତିରକ୍ଷା ବିଭାଗ ଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱ ସହ ସିଧାସଳଖ ଜଡ଼ିତ ହୋଇଥିବାରୁ ଏଥିରେ କୌଣସି ପ୍ରକାର ଦୁର୍ନୀତିକୁ ବରଦାସ୍ତ କରାଯିବନି। ଦୋଷୀସାବ୍ୟସ୍ତ ବ୍ୟକ୍ତିମାନେ କରିଥିବା ଅପରାଧ ଅତି ଗର୍ହିତ ବୋଲି ଅଦାଲତ କହିଛନ୍ତି। କ୍ୟାମେରା ଆଗରେ ମାମଲାର ଶୁଣାଣି ଓ ଦଣ୍ଡବିଧାନ କରାଯାଇଥିଲା। ୩ ଦୋଷୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦାଖଲ କରିବା ସହ ଗୁରୁବାର ଅପରାହ୍ନ ୫ଟା ପୂର୍ବରୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କ ଦଣ୍ଡାଦେଶ ଉପରେ ଦିଲ୍ଲୀ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଫଳରେ ଜୟାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ବିଶିଷ୍ଟ ଆଇନଜୀବୀ ମୁକୁଲ ରୋହତଗୀ ଜୟାଙ୍କ ପକ୍ଷରୁ ହାଇକୋର୍ଟ ବିଚାରପତି ସୁରେଶ କୁମାର କୈତ୍‌ଙ୍କ ଖଣ୍ଡପୀଠରେ ଅପିଲ୍ କରିଥିଲେ। ତେବେ ଅନ୍ୟ ଦୁଇଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇନାହାନ୍ତି। ଥର୍ମାଲ ଇମେଜର କିଣାରେ ହୋଇଥିବା ଦୁର୍ନୀତି ଓ ଅପରାଧ ଷଡ଼ଯନ୍ତ୍ରରେ ୩ ଅଭିଯୁକ୍ତଙ୍କୁ ସିବିଆଇ କୋର୍ଟ ଦୋଷୀସାବ୍ୟସ୍ତ କରିଥିଲେ। ୨୦୦୧ ଜାନୁୟାରୀରେ ନ୍ୟୁଜ୍ ପୋର୍ଟାଲ ତେହେଲକା ଦ୍ୱାରା କରାଯାଇଥିବା ଷ୍ଟିଙ୍ଗ୍ ଅପରେଶନରୁ ଏହି ଦୁର୍ନୀତି ପଦାକୁ ଆସିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସମ୍ପର୍କୀୟ ଭାଇ, ବନ୍ଧୁ, ପାଖ ପଡୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଅନ୍ୟମାନଙ୍କ ପ୍ରଶଂସାର ପାତ୍ର ହେବେ। ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**ବୃଷ**
ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟ ଓ ନୂତନ କର୍ମାରମ୍ଭ ଭଲ ରହିବ। ଆଲୋଚନା କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ। ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଦାୟୀ ହେବାକୁ ପଡିପାରେ।

**ମିଥୁନ**
ପରିବାରରେ ଅଭାବ ଅସୁବିଧା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକି ରହିବନାହିଁ। ବିଶେଷ କଷ୍ଟ ସ୍ୱୀକାର କରିବା ପରେ କାମଟି ବିଳମ୍ବରେ ହେବ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ପରୋକ୍ଷ ଶତ୍ରୁତା ଓ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ତିରସ୍କୃତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ନିଜ ଦକ୍ଷତାରୁ ଉଚ୍ଚ ସମ୍ମାନ ପାଇବେ ଏବଂ ବୁଦ୍ଧିଜୀବୀମାନଙ୍କ ସାନ୍ନିଧ୍ୟରେ ଆସିବେ। ଅଫିସ୍‌ରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଆବଶ୍ୟକ ମନେକରୁଥିବା ଜିନିଷ ସମୂହକୁ କିଣିବାରେ ସକ୍ଷମ ହେବେ।

**ସିଂହ**
ପରିସ୍ଥିତିବଶତଃ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରିପାରନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ସହକର୍ମୀଙ୍କ ସାହାଯ୍ୟ, ସହଯୋଗରୁ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ପଡିବ।

**କନ୍ୟା**
ପ୍ରତିକୂଳ ପରିସ୍ଥିତି ଯୋଗୁଁ କର୍ମକ୍ଷେତ୍ରରେ କାମଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ନିକଟ ସମ୍ପର୍କୀୟ ମାନଙ୍କ ସାହାଯ୍ୟରେ କିଛି ନୂତନ କାମ ଆରମ୍ଭ କରିପାରନ୍ତି।

**ତୁଳା**
ଦ୍ୱନ୍ଦ୍ୱରେ ପଡି କୌଣସି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାର ସମ୍ଭାବନା ରହିଛି। କାର୍ଯ୍ୟବ୍ୟସ୍ତ ଯୋଗୁ ଅବସର ପାଇବେ ନାହିଁ କିମ୍ବା ଖାଦ୍ୟପେୟରେ ମଧ୍ୟ ଠିକ୍ ରହିବ ନାହିଁ। ପାରିବାରିକ ସମସ୍ୟା ବଡ ଚିନ୍ତାର କାରଣ ହୋଇପାରେ।

**ବିଛା**
ସବୁ ଥାଇ ମଧ୍ୟ କିଛି ନ ଥିଲା ଭଳି ପରିସ୍ଥିତି ଅନୁଭବ କରିପାରନ୍ତି। ସମସ୍ତଙ୍କୁ ସରଳଭାବରେ ଗ୍ରହଣ କରିବା ଅସୁବିଧାର କାରଣ ହୋଇପାରେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପାରିବାରିକ ସମସ୍ୟାର ସମାଧାନ କରିବା ସକାଶେ ବନ୍ଧୁମାନଙ୍କ ସହଯୋଗ ଭିକ୍ଷା କରିପାରନ୍ତି।

**ଧନୁ**
କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଖଳ ଲୋକମାନଙ୍କ ଦ୍ୱାରା ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଯାତ୍ରାକାଳୀନ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ। ଆନୁଷ୍ଠାନିକ କାମରେ ଭୁଲ୍ ପଦକ୍ଷେପ ନେଇ ସମାଲୋଚିତ ହେବେ।

**ମକର**
ଆନୁଷଙ୍ଗିକ ସାହାଯ୍ୟ ଲାଭକରି ସ୍ଥଗିତ କାମଟିକୁ ତ୍ୱରାନ୍ୱିତ କରିପାରିବେ। ପରିବାରରେ ଭ୍ରାତୃପ୍ରୀତି ମିଳିପାରେ, ଯାହା କି ସହଯୋଗ ରୂପେ ପ୍ରାପ୍ତ ହେବ। ବହୁତ ଦିନରୁ ରହିଯାଇଥିବା ବକେୟା ଟଙ୍କା ଆଜି ପାଇବେ। ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ, ନଚେତ୍ କଳହ ଭିତରକୁ ଟାଣି ହୋଇପାରନ୍ତି।

**କୁମ୍ଭ**
ମନ କଥା ମନ ଭିତରେ ରଖି ବନ୍ଧୁଙ୍କ ସହ ମିଶିପାରିଲେ ସୁଯୋଗ ଆପଣା ଛାଏଁ ଆସିବ। କର୍ମକ୍ଷେତ୍ରରୁ ଯାହା ଓ ଯେତିକି ପାଇବା ନିଶ୍ଚିତ ପାଇ ପାରିବେ। ସାମ୍ବାଦିକତା ଓ ସଭାସମିତିରେ ସଫଳତା ମିଳିବ। ପରିବାରରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ,ଏହାର ପୁନର୍ବିଚାର କରିବା ଭଲ ହେବ।

**ମୀନ**
ଆଜି ହାତକୁ ନେଇଥିବା କାର୍ଯ୍ୟ ଅବଶ୍ୟ ସୁବିଧାରେ ହୋଇଯିବ। ମାଙ୍ଗଳିକ କାମ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ପରୋକ୍ଷ ଶତ୍ରୁତା କରିପାରନ୍ତି। କାମ ହାସଲ ସକାଶେ ନୀତି ବହିର୍ଭୂତ କାମ କରି ସମାଲୋଚିତ ହେବେ।

ଆଜି ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ଶୁକ୍ରବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଶ୍ରୀବିଷ୍ଣୁପବିତ୍ରାରୋପଣ, ଆଖେଟକ ପର୍ବ, ଜୁଲାଇ ୩୧ ତାରିଖ, ରାଶି ନକ୍ଷତ୍ର-ମୂଳା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୫.୨୫ମି.ଗତେ ଘ.୦୬.୧୭ମି. ମଧ୍ୟେ, ଘ.୦୭.୦୯ମି. ଗତେ ଘ.୦୯.୪୩ମି. ମଧ୍ୟେ, ଘ.୧୨.୧୮ମି. ଗତେ ଘ.୦୨.୫୩ମି. ମଧ୍ୟେ, ଘ.୦୪.୩୬ମି. ଗତେ ଘ.୦୬.୨୦ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୩୮ମି. ଗତେ ଘ.୦୯.୧୭ମି. ମଧ୍ୟେ, ରାତ୍ରି ଘ.୦୧.୪୪ମି. ଗତେ ଘ.୦୩.୫୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦.୧୬ମି. ଗତେ ଘ.୧୧.୫୨ମି. ମଧ୍ୟେ ରାହୁକାଳ।

# ସୁବର୍ଣ୍ଣରେଖା କେନାଲ ଆଡ଼ିବନ୍ଧ ଭାଙ୍ଗିଲା

ବାରିପଦା ଅଫିସ,୩୦।୭

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ କୁଆବଡ଼ା ପଞ୍ଚାୟତ ଅନ୍ତର୍ଗତ ଗାଡ଼ୁଭଙ୍ଗାର ଗ୍ରାମ ଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲ ଆଡ଼ିବନ୍ଧର ଗୋଟିଏ ପାର୍ଶ୍ୱ ଗୁରୁବାର ସକାଳେ ଭାଙ୍ଗି ଯାଇଛି। ଫଳରେ ଗାଡ଼ୁଭଙ୍ଗା, ମାଙ୍କଡ଼କେନ୍ଦା, ଝୀନେଇ,

**୮ଗାଁର ଚାଷଜମିରେ ପାଣି ପଶି ଫସଲ ନଷ୍ଟ**

ମାରାତାଣ୍ଡି, କୁଆପଡ଼ା ଓ ଧଡ଼ିପଡ଼ା ଆଦି ୮ଟି ଗ୍ରାମର ଚାଷ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଛି। ବିଭାଗର ଅବହେଳା ଯୋଗୁ ଏଭଳି ଘଟିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଖବର ପାଇ ସୁବର୍ଣ୍ଣରେଖା କେନାଲ ବେତନଟୀ ଡିଭିଜନର ନିର୍ବାହୀଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖି ଥିଲେ। ଏହି ସମୟରେ ଜେଏମ୍‌ଏମ୍ ଯୁବମୋର୍ଚ୍ଚା ପକ୍ଷରୁ ତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କ୍ଷତିଗ୍ରସ୍ତ ହୋଇଥିବା ୮ଟି ଗ୍ରାମର ଚାଷୀମାନଙ୍କୁ ଚାଷ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ଟଙ୍କା ପାଞ୍ଚଗୁଣ ସହିତ ବର୍ତ୍ତମାନ ଚଳିଶି ପାଇଁ ୨ ଦିନ ମଧ୍ୟରେ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରାଯାଇଛି। ମାଟିରେ ପୋତି ହୋଇପଡ଼ିଥିବା ବିଲ ଏବଂ ଭାଙ୍ଗି ଯାଇଥିବା ରାସ୍ତାଗୁଡ଼ିକ ଯଥାଶୀଘ୍ର ମରାମତି କରିବା ପାଇଁ ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା କର୍ମୀ ଓ ଗ୍ରାମବାସୀ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଥିଲେ।


ଭାଙ୍ଗିଯାଇଥିବା ଆଡ଼ିବନ୍ଧ।

## ସଂକ୍ଷେପରେ

### ବୃଦ୍ଧ ଦମ୍ପତିଙ୍କ ଘରୁ ଚୋରି, ୪ ଗିରଫ

ଯୋଡ଼ା, ୩୦।୭(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡା ସହରର ବନେଇକଲା ବସ୍ତିଠାରେ ଭଡା ଘରେ ରହୁଥିବା ବୃଦ୍ଧ ଦମ୍ପତିଙ୍କ ଘରୁ ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ମୋବାଇଲ ଫୋନ ଚୋରି କରିନେଇଥିବା ଅଭିଯୋଗରେ ପୋଲିସ ଏଥିରେ ସଂପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୪ଜଣ ଗିରଫ ହୋଇଥିବାବେଳେ ସେମାନଙ୍କର ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଥିବା ଜଣାପଡିଛି।

### ବଜ୍ରପାତରେ ଜଣେ ମୃତ

ଚାନ୍ଦବାଲି,୩୦।୭(ଡି.ଏନ.ଏ.): ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଜଳେଶ୍ୱରପୁର ପଞ୍ଚାୟତର ବଳଭଦ୍ର ପ୍ରସାଦ ଗାଁରେ ଗୁରୁବାର ବଜ୍ରପାତ ଘଟି ଜଣଙ୍କ ମୃତ୍ୟୁଥିବା ବେଳେ ଅନ୍ୟ ଜଣେ ମହିଳା ଆହତ ହୋଇଛନ୍ତି। ମୃତକ ହେଲେ ସରୋଜ ମହାନ୍ତି(୪୫)। ଅପରାହ୍ନରେ ଦୁଇ ମହିଳାଙ୍କ ସହ ସରୋଜ ଚାଷ ଜମିରୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ।

### ଗାଁରେ ଜଳିଲା ବିଜୁଳି ଆଲୁଅ

ପାଟଣା,୩୦।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଚାକୁଣ୍ଡାପାଳ ପଞ୍ଚାୟତ ଶରଧାପୁର ଗ୍ରାମ ବଡ଼ଘାଟ ସାହି ଲୋକେ ବିଜୁଳି ଆଲୁଅ ପାଇବାରୁ ବଞ୍ଚିତ ଥିଲେ। ଜୁଲାଇ ୧୭ ତାରିଖରେ 'ସୌଭାଗ୍ୟର ବଦଳୁନି ଭାଗ୍ୟ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବାର ୧୩ ଦିନପରେ ବୁଧବାର ଅପରାହ୍ନରେ ବିଦ୍ୟୁତ ବିଭାଗ ଓ ପ୍ରଶାସନ

**ଧରିତ୍ରୀ ପ୍ରଭାବ**

ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଉକ୍ତ ଗ୍ରାମର ୨୪ ପରିବାରକୁ ବିଦ୍ୟୁତ ସଂଯୋଗ କରାଯାଇଛି। ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସାହୁ ଓ ଯନ୍ତ୍ରୀ ଚିରଞ୍ଜିତ ସାହୁଙ୍କ ନିର୍ଦ୍ଦେଶରେ ବିଦ୍ୟୁତ ସଂଯୋଗ କରାଯାଇଛି। ବିଜୁଳି ଆଲୁଅ ଘରେ ଘରେ ଜଳିବା ପରେ ଗ୍ରାମବାସୀ ଖୁସି ହେବା ସହ ସରକାର ଓ ଧରିତ୍ରୀ ଖବର କାଗଜକୁ ସାଧୁବାଦ ଜଣାଇଛନ୍ତି।

# ବ୍ୟବସାୟୀ ପ୍ରଫୁଲ୍ଲ ଦେବେ ପ୍ଲାଜ୍‌ମା

ରୂପ୍‌ସା, ୩୦।୭(ଡି.ଏନ.ଏ.)



ବାଲେଶ୍ୱର ଜିଲା ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତର ପ୍ରଥମ କରୋନା ସଂକ୍ରମିତ ବ୍ୟକ୍ତି ପ୍ରଫୁଲ ଗିରି। ବୟସ ୫୦। ବାଲେଶ୍ୱର ନୂଆବଜାର ସମେତ ରୂପ୍‌ସା ଅଞ୍ଚଳର ଜଣେ ପ୍ରତିଷ୍ଠିତ ପରିବା ବ୍ୟବସାୟୀ ଭାବେ ସେ ବେଶ୍ ଜଣାଶୁଣା। କରୋନା ଲକ୍ଷଣ ଜଣାପଡ଼ିବା ପରେ ଜୁଲାଇ ୫ ତାରିଖରେ ତାଙ୍କ ସ୍ୱାବ ପରୀକ୍ଷା ହୋଇଥିଲ। ୭ ତାରିଖରେ ତାଙ୍କର ପଜିଟିଭ୍ ରିପୋର୍ଟ ଆସିବା ପରେ ତାଙ୍କୁ ବାଲେଶ୍ୱର ଜ୍ୟୋତି କୋଭିଡ଼ ମେଡ଼ିକାଲରେ ଚିକିତ୍ସା କରାଯାଇଥିଲା। ୧୦ଦିନ ପରେ ସେ ସୁସ୍ଥ ହୋଇ ଗତ ୧୬ରେ ଘରକୁ ଆସି ପୁଣି ୧୪ଦିନ ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ। ଏହାପରେ ତାଙ୍କର ମନୋବଳ ବୃଦ୍ଧି ପାଇଛି। କରୋନା ସଂକ୍ରମିତଙ୍କୁ ତୁରନ୍ତ ସୁସ୍ଥ କରିବା ପାଇଁ ପ୍ଲାଜମା ଦାନ ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେ ନିଜେ ପ୍ଲାଜମା ଦେବା ପାଇଁ ଆଗଭର ହୋଇଛନ୍ତି। କରୋନା ସହ ଲଢ଼ିଲେ ସମସ୍ତେ ବିପଦମୁକ୍ତ ହୋଇପାରିବେ ବୋଲି କୌଣସି ପରିସ୍ଥିତିରେ ଭୟ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସରକାରଙ୍କ ଗାଇଡ଼ଲାଇନ୍‌କୁ ମାନି ସମସ୍ତେ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ବ୍ୟବହାର କରିବା, ଅଯଥାରେ ଗହଳି ସୃଷ୍ଟି ନ କରିବା ଦିଗରେ ସଚେତନ ରହିବା ଜରୁରୀ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଇଞ୍ଜିନିୟରିଂ ଛାତ୍ରଙ୍କ ଆତ୍ମହତ୍ୟା

କେନ୍ଦୁଝର, ୩୦।୭ (ସ୍ୱ.ପ୍ର.)

ସଦର ଥାନା ଅନ୍ତର୍ଗତ ନେଲୁଙ୍ଗ ଅଞ୍ଚଳର ଜଣେ ଇଞ୍ଜିନିୟରିଂ ଛାତ୍ର ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ପ୍ରେମ ସମ୍ପର୍କକୁ ନେଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିଲେ ହେଁ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୦/୨୦୨୦) ରୁଜୁ କରିଛି।

# କାର୍ଯ୍ୟାନୁଷ୍ଠାନ ନ ନେଲେ କାର୍ଯ୍ୟ ବନ୍ଦ : ସଂଘ

ଭୋଗରାଇ, ୩୦।୭(ଡି.ଏନ.ଏ.)

**କୋଭିଡ୍ ଯୋଦ୍ଧାଙ୍କୁ ଆକ୍ରମଣ ଘଟଣା**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ଉଚ୍ଚବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଗତ ବୁଧବାର ଜଣେ ପ୍ରବାସୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାକୁ ନେଇ ଦିନତମାମ୍ ଉତ୍ତେଜନା ଲାଗି ରହିଥିବା ବେଳେ ଗୁରୁବାର ଭିନ୍ନମୋଡ ନେଇଛି। ସାରା ଦେଶରେ କରୋନା ମୁକାବିଲା ପାଇଁ ସ୍ୱାସ୍ଥ୍ୟକର୍ମୀମାନେ ଜୀବନକୁ ବାଜି ଲଗାଇ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ବେଳେ ବାରବାଟିଆ କ୍ୱାରାଣ୍ଟାଇନ୍ ସେଣ୍ଟରରେ କାର୍ଯ୍ୟରତ ଆଶାକର୍ମୀ ଗୌରୀବାଳା ଦତ୍ତ, ସବିତା ଦତ୍ତ ଓ ଏଏନ୍‌ଏମ୍ ସୁଚିତ୍ରା ଦତ୍ତଙ୍କୁ ଉତ୍ତେଜିତ ଜନତା ଅମାନୁଷିକ ଭାବେ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିବା, ଗାଳିଗୁଲଜ କରିବା ଘଟଣା ସମଗ୍ର ଅଞ୍ଚଳକୁ ବ୍ୟଥିତ କରିଛି। ଏହି ଘଟଣାରେ ଆକ୍ରମଣର ଶିକାର ହୋଇଥିବା ଆଶାକର୍ମୀ ଓ ଏଏନ୍‌ଏମ୍ ସ୍ୱାସ୍ଥ୍ୟକର୍ମୀଙ୍କୁ ଚିକିତ୍ସା ସୁରକ୍ଷା ଯୋଗାଇଦେବାକୁ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଆକ୍ରମଣକାରୀଙ୍କ ବିରୋଧରେ ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସମସ୍ତ ଆଶାକର୍ମୀ ଓ ଏଏନ୍‌ଏମ୍ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରିବେ ବୋଲି ଭୋଗରାଇ ଥାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବିଡ଼ିଓଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

ରସାଲପୁର, ୩୦।୭(ଡି.ଏନ.ଏ.)

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ବାଙ୍ଗରା ଗ୍ରାମର ଚକ୍ରଧର ପାତ୍ର (୪୦) ଗୁରୁବାର ଅପରାହ୍ନ ୨ଟା ବେଳେ ବିଲରୁ କାମ ସାରି ଫେରୁଥିବା ବେଳେ ଟ୍ରେନ୍ ଧକ୍କାରେ ପ୍ରାଣ ହରାଇଛନ୍ତି। ତାଙ୍କ ମୃତଦେହ ରେଳଧାରଣାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାରଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମୃତଦେହ ଉଦ୍ଧାର କରିଥିଲେ। ରେଳବାଇ ପୋଲିସକୁ ଖବର ନ ଦେଇ ପରିବାର ଲୋକେ ମୃତଦେହକୁ ଆଣି ଗାଁ ଶ୍ମଶାନରେ ଶବଦାହ କରିଦେଇଥିବା ଜଣାପଡ଼ିଛି।

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL
**OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA**
P.O.- BONEIKALA, DIST.- KEONJHAR, PIN: 758038 (ODISHA),
PHONE /FAX No.: 06767-218368, E-mail: ehtm.div.jod@optcl.co.in
CIN: U40102OR2004SGC007553

No.: 412 Dated: 30.07.2020

**TENDER CALL NOTICE NO.- 1/20-21**

Sealed tenders are invited by the undersigned from the eligible reputed travel agencies/vehicle owners for supply of Diesel run Hired vehicle AC Bolero/TUV (07 SEATED) for DGM, EHT (O&M) Division, JODA. Cost of tender paper is Rs.2240/-, EMD is Rs.3200/-. Sale of tender documents is from Dt.05.08.2020 to Dt.18.08.2020 (during office hours). Last date of submission of tender is Dt.19.08.2020 upto 1.00 P.M. Date of opening of tender is Dt.20.08.20 at 3.00 P.M. For details visit our website: **www.optcl.co.in**.
Corrigendum if any will be published in the website only.

Sd./- Dy. General Manager (Elect.),
EHT (O&M) Division, Joda

# କୁକୁର ଆକ୍ରମଣରେ କୁଟୁରା ମୃତ

କେନ୍ଦୁଝର,୩୦।୭(ଡିଏନ୍ଏ)

କେନ୍ଦୁଝର ଜିଲା ସଦର ରେଞ୍ଜ ଜଘିଁରା ସେକ୍ସନ ଜଘିଁରା ଇଷ୍ଟ ବିଟର ନଳପଙ୍ଗା ଡ୍ୟାମ ନିକଟ କଣ୍ଟାପଦା ଗାଁ ନିକଟରେ କୁକୁର ଆକ୍ରମଣରେ ଏକ ମାଈ କୁଟୁରାର ମୃତ୍ୟୁ ଘଟିଛି। ଗୁରୁବାର ପୂର୍ବାହ୍ନରେ ନଳପଙ୍ଗା ସଂରକ୍ଷିତ ଜଙ୍ଗଲରୁ ଏହି କୁଟୁରାଟି କଣ୍ଟାପଦା ଗାଁ ନିକଟକୁ ଚାଲି ଆସିଥିଲା। ସେଠାରେ କେତେକ ଲୋକ ବିଲରେ କାମ କରୁଥିବାବେଳେ କୁଟୁରାଟିକୁ ଦେଖି ଚାରିପଟୁ ଘେରି ଯିବାରୁ ସେ ଜଙ୍ଗଲକୁ ଯାଇ ପାରି ନ ଥିଲା। ଏହି ସମୟରେ କୁକୁରମାନେ ଆକ୍ରମଣ କରିବାରୁ କୁଟୁରାଟି ମରି ଯାଇଥିଲା। ଖବରପାଇ ଜଘିଁରା ଫରେଷ୍ଟର ସୁକୁମାର ଜେନା,ଫରେଷ୍ଟ ଗାର୍ଡ ଶଶିକାନ୍ତ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତ କୁଟୁରାଟିକୁ ବ୍ୟବଛେଦ ପାଇଁ କେନ୍ଦୁଝର ସଦର ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଭେଟନାରୀ ଡାକ୍ତର ବନ୍ଦିତା ମିଶ୍ର କୁଟାରୀଟିର ବ୍ୟବଚ୍ଛେଦ କରିବା ପରେ ପୋତି ଦିଆଯାଇଛି। ଏହି କୁଟୁରାଟିର ବୟସ ୫ବର୍ଷ ଏବଂ ଓଜନ ୧୩ କେଜି ହେବ ବୋଲି ସୂଚନା ମିଳିଛି। କୁଟୁରାଟିକୁ ଜଙ୍ଗଲ ଭିତରକୁ ପଶିବାରେ ବାଧକ ସୃଷ୍ଟି କରିଥିବା ଲୋକଙ୍କୁ ବନବିଭାଗ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ୧୮ ହଜାର ଟଙ୍କା ଗଣିଲେ ଅମାନିଆ

ବାଙ୍ଗିରିପୋଷି,୩୦।୭(ଡି.ଏନ.ଏ.)

ଲକ୍‌ଡାଉନ ସମୟରେ ଅମାନିଆଙ୍କୁ ସାବାଡ଼ କରିବା ପାଇଁ ବାଙ୍ଗିରିପୋଷି ପୋଲିସ ତରଫରୁ ଚେକିଂ କଡ଼ାକଡ଼ି ଜାରି ରହିଛି। ସକାଳ ଏବଂ ସନ୍ଧ୍ୟା ସମୟରେ ପନିପରିବା ଏବଂ ରାସନ ସାମଗ୍ରୀ ନେବା ବାହାନାରେ ଆସୁଥିବା ଅମାନିଆଙ୍କ ପ୍ରତି କୋଠର ପଦକ୍ଷେପ ନେଉଛି ପୋଲିସ। ବାଙ୍ଗିରିପୋଷି ଥାନା ଅଧିକାରୀ ଦୟାନିଧି ଦାସଙ୍କ ନେତୃତ୍ୱରେ ଗୁରୁବାର ସନ୍ଧ୍ୟାସୁଦ୍ଧା ଅମାନିଆ ବାଇକ୍ ଚାଳକଙ୍କଠାରୁ ୧୨ ହଜାର ଏବଂ ମାସ୍କ ନ ପିନ୍ଧିବା ବାବଦରେ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ସିଡିଏମ୍‌ଓ ଅଫିସ୍ ପିଅନଙ୍କ ମୃତ୍ୟୁ

ବାଲେଶ୍ୱର ଅଫିସ,୩୦।୭

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟର ପିଅନ ବସନ୍ତ ବିନ୍ଧାଣୀ (୪୪)ଙ୍କ ଗୁରୁବାର ପୂର୍ବାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇ ହତ୍ୟା କରାଯାଇଥିବା ବସନ୍ତଙ୍କ ବଡ଼ଭାଇ ଜୟନ୍ତ କୁମାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ କରି ଏକ ଅପମୃତ୍ୟୁ ମାମଲା (ନଂ.୧୪୪/୨୦) ରୁଜୁ କରିଛି। ଅନ୍ୟପକ୍ଷରେ ଡାକ୍ତର ମୃତ୍ୟୁକୁ ସ୍ୱାଭାବିକ ବୋଲି ଘୋଷଣା କରିଥିବା ପୋଲିସ ସୂଚନା ଦେଇଛି। ଶବ ବ୍ୟବଚ୍ଛେଦ ପାଇଁ ଦାବି କରାଯାଇ ପରିବାର ଲୋକଙ୍କ ପକ୍ଷରୁ ଫାଣ୍ଡି ଘେରାଉ କରାଯାଇଥିଲା।

ଗତ ୨୦୧୫ରୁ ବସନ୍ତ ହସ୍‌ପିଟାଲର ଏକ କ୍ୱାର୍ଟର୍ସରେ ରହି ଆସୁଥିଲେ। ତାଙ୍କର ଏକ ୯ବର୍ଷର ଝିଅ ଅଛି। ଗତ କିଛିଦିନ ପୂର୍ବରୁ ବସନ୍ତ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ବାରମ୍ବାର ଚିକିତ୍ସିତ ହେଉଥିଲେ। ୧୫ଦିନ ପୂର୍ବରୁ ସେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହି ରୋଗ ବଢ଼ିଯିବାରୁ ୩ଦିନ ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏଥିରେ ହସ୍‌ପିଟାଲର ଜଣେ କର୍ମଚାରୀ ସମ୍ପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି।

ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ କହନ୍ତି, ଅଭିଯୋଗ ପାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଜଣ୍ଡିସ ରୋଗରେ ପୀଡ଼ିତ ହୋଇ ବସନ୍ତଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ରିପୋର୍ଟରେ ଦର୍ଶାଇଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଶବ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଜାରି ରହିଛି।


ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଫାଣ୍ଡି ସମ୍ମୁଖରେ ଉତ୍ତେଜିତ ପରିବାର ଲୋକେ।

NACO
National AIDS Control Organisation
India's Voice against AIDS
Ministry of Health & Family Welfare, Government of India
www.naco.gov.in
OSACS

**ନିୟମିତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରି ରାଜ୍ୟରୁ ରକ୍ତ ଜନିତ ଅଭାବ ଦୂର କରିବାକୁ ଅନୁରୋଧ**

- ଆମ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ଯୋଗୁଁ ବିଭିନ୍ନ ଜିଲାରେ ଥିବା ସ୍ୱୀକୃତିପ୍ରାପ୍ତ ରକ୍ତଭଣ୍ଡାର ଆନୁଷ୍ଠାନିକ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବାରେ ସକ୍ଷମ ହେଉନାହାନ୍ତି। ଫଳରେ ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହର ପରିମାଣ ଚାହିଦାଠାରୁ କମିବାରେ ଲାଗିଛି।
- ଆପଣମାନଙ୍କ ଦ୍ୱାରା ଥରେ ରକ୍ତଦାନ ଚାରିପ୍ରକାର ରୋଗୀଙ୍କୁ ଜୀବନ ବଞ୍ଚିବାର ସୁଯୋଗ ପ୍ରଦାନ କରିଥାଏ।
- ଏଣୁ, ଆପଣମାନଙ୍କୁ ଅନୁରୋଧ ଆପଣଙ୍କ ନିକଟସ୍ଥ ସ୍ୱୀକୃତିପ୍ରାପ୍ତ ରକ୍ତ ଭଣ୍ଡାରରେ ନିୟମିତ ଓ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଅନ୍ୟ ରୋଗୀମାନଙ୍କ ଜୀବନ ରକ୍ଷା କରିବାରେ ସାହାଯ୍ୟ କରନ୍ତୁ।
- ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନମାନେ ନିକଟସ୍ଥ ରକ୍ତଭଣ୍ଡାରରେ ପଞ୍ଜୀକରଣ କରନ୍ତୁ ଓ ସମାନ୍ତରାଳ ବ୍ୟବଧାନରେ ନିୟମିତ ରକ୍ତଦାନ କରନ୍ତୁ।
- ନିୟମିତ ରକ୍ତଦାନ ଦ୍ୱାରା ଏଚ.ଆଇ.ଭି. ସମେତ ୫ଟି ପରୀକ୍ଷା ବିନା ମୂଲ୍ୟରେ ହୋଇଥାଏ ଏବଂ ଏହା ସୁସ୍ଥ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ।
- ଘରେ ରହି ମଧ୍ୟ ଏଚ.ଆଇ.ଭି./ ଏଡସ୍ ସମ୍ପର୍କରେ ଜାଣିପାରିବେ। ୧୦୯୭ ଦେୟମୁକ୍ତନମ୍ବରରେ କଲ୍ କରନ୍ତୁ ଏବଂ ଆପଣଙ୍କ ମନରେ ଥିବା ସନ୍ଦେହ ଦୂର କରନ୍ତୁ।

AIDS Helpline 1097
**ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ଭୁବନେଶ୍ୱର**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

**ROURKELA SMART CITY LIMITED, ROURKELA**
Udit Nagar, Rourkela - 769012, E-mail: rourkelascl@gmail.com
BID ID: RSCL/1294/2020 Date: 29.07.2020

**NOTICE INVITING TENDER NATIONAL COMPETITIVE BIDDING**

No. C-87: The Chief Executive Officer, RSCL invites bids from eligible contractors for the following projects:

| Sl. No. | Name of the Projects | Estimated Cost of the One Unit Rs. Lakhs | Bid Security One Unit Rs. In Thousand |
|---|---|---|---|
| 1 | Installation of 3D Flex in Rourkela | 10.69 | 12.00 |

The time duration of the all the projects are 6 months and tender fees of works are Rs.6,720/-. The complete BID document can be viewed/downloaded from official portal of Rourkela Municipal Corporation **(https://www.rmc.nic.in** or e-procurement portal of Odisha **https://tendersodisha.gov.in** from **30.07.2020 to 11.08.2020 upto 17.00 Hrs. IST)**. Pre-Bid Meeting will be held on 05.08.2020 at 11.00 A.M. in the Conference Hall of RSCL. For queries, intending bidder may contract General Manager (E&T) vide Phone No. 8249833105 and E-mail ID: **rourkelascl@gmail.com**.

Sd./- Chief Executive Officer, Rourkela Smart City Limited
OIPR-13080/11/0006/2021

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

Bid identification no:- VI-33(14)/SERIFED/2020-21/604/Dt.29.07.2020

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for the work Construction of 2nd floor of Tasar Silk Park at Bhagamunda TRCS, Keonjhar. The bid document such as DTCN/BOQ etc. can be seen / downloaded from the government website : www.tendersodisha.gov.in during the period **dt.06.08.2020** to **17.00 hours** upto **dt.20.08.2020**. Online bids shall be received till **17.00 hours dt.20.08.2020** & shall be opened at **11.30 AM** on **Dt.21.08.2020**. Any addendum / corrigendum / cancellation of tender can also be seen in the said website.

Sd/- Managing Director

**ODISHA CONSTRUCTION CORPORATION LIMITED**
BHUBANESWAR, ODISHA, PIN - 751012
Tel. No. (0674) 2562020, E-mail: theoccltd@odishaconstruction.com

**"e" Procurement Notice No. - 10/OCCL/2020-21 (On-line)**

No. CAD-309: Online tender is invited on **EPC Contract (Turn-Key Basis)** for the works as detailed below:

| Sl. No. | Name of Work | Bid Identification No. | Period of Completion | Date & Time of availability of Bid document in the portal | Last date/ time for receipt of bids in the portal | Time and date of Opening of Technical Bid | Seeking Clarification |
|---|---|---|---|---|---|---|---|
| 01 | Construction of under Ground Pipe Line Irrigation System (Gravity Flow) for 640 Ha. of CCA and Command Area Development (CAD) for 1362 Ha. CCA of Sadasivpur Branch Canal of Rengali Right Irrigation Project in Dhenkanal district of Odisha on EPC - Turn Key Basis | OCCL-DGP/ 03/ 2020-21 | 11 (Eleven) Calendar Months including Rainy Seasons | From 06.08.2020, 10.00 A.M. to 20.08.2020 upto 5.30 P.M. | 20.08.2020 upto 05.30 P.M. | 21.08.2020 at 12.00 Noon | 10.00 A.M. of 06.08.2020 to 03.00 P.M. of 13.08.2020 |
| 02 | Construction of Dharmadandinalla and Gurandinalla lift project in Sonepur district with intake on Dharmadandinalla to feed to Sukha distributary near RD 31200 ft to stablise 734 Ha and intake on Gurandinalla to feed to Dunguripalli Minor near RD 29000 ft to stabilize 1078 Ha on "EPC-Turn Key" basis including power system connectivity and operation & Maintenance of complete commissioned project for five years. | OCCL- SGP/ 05/ 2020-21 | 11 (Eleven) Calendar Months including Rainy Seasons | From 06.08.2020, 10.00 A.M. to 20.08.2020 upto 5.30 P.M. | 20.08.2020 upto 05.30 P.M. | 21.08.2020 at 12.00 Noon | 10.00 A.M. of 06.08.2020 to 03.00 P.M. of 13.08.2020 |

Name & address of the officer inviting Bid : Managing Director, Odisha Construction Corporation Limited, Unit - VIII, Gopabandhunagar, BBSR - 12.
Further details can be seen from the e-procurement portal **https://tendersodisha.gov.in**.

Sd./- Managing Director, OCCL
OIPR-34120/11/0005/2021

**ଫକୀର ମୋହନ ବିଶ୍ୱବିଦ୍ୟାଳୟ**
ବ୍ୟାସ ବିହାର, ନୂଆପାଢ଼ୀ, ବାଲେଶ୍ୱର
ଫୋନ୍ ନମ୍ବର: (06782) 275787, Fax: (06782) 275768
ଇ-ମେଲ୍: registrarfmuniversity@gmail.com, ୱେବ୍‌ସାଇଟ୍: www.fmuniversity.nic.in
ପତ୍ରାଙ୍କ: Estt-I-B-27/4587 ତାରିଖ: 30.07.2020

ପ୍ରାପକ:
**ଶ୍ରୀମତୀ ମନସ୍ୱିନୀ ପ୍ରଧାନ**
HIG-410, K-5, P.O.- Kalinga Vihar, Tamando,
Bhubaneswar, Khurda, Odisha, PIN - 751019

ମହାଶୟା,

ଏତଦ୍ୱାରା ତୁମକୁ ଜଣାଇ ଦିଆଯାଉଛି ଯେ, ତୁମେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତା୨୦।୦୮।୨୦୦୪ରିଖରେ Assistant Professor ଭାବରେ ଯୋଗ ଦେଇଥିଲ। ପରବର୍ତ୍ତୀ ସମୟରେ ତୁମକୁ Orientation Course/Refershre Course/ Special Summer Course ଓ Study Leave ଏହିପରି ୦୩।୦୪।୨୦୦୮ରୁ ୩୦।୦୪।୨୦୦୮, ୦୧।୦୬।୨୦୦୯ରୁ ୧୩।୦୬।୨୦୦୯, ୨୯।୦୮।୨୦୧୧ରୁ ୨୩।୦୯।୨୦୧୧, ୨୮।୦୭।୨୦୧୪ରୁ ୨୨।୦୮।୨୦୧୪, ୦୧।୦୬।୨୦୧୫ରୁ ୨୧।୦୬।୨୦୧୫ ଏବଂ ୦୧।୧୨।୨୦୧୭ରୁ ୩୧।୦୫।୨୦୧୮ ଉପରୋକ୍ତ ପର୍ଯ୍ୟାୟକ୍ରମେ ବିଭିନ୍ନ ଛୁଟି ମଞ୍ଜୁର କରାଯାଇଅଛି। ତତ୍ପରେ ତା୦୧।୦୯।୨୦୧୮ରୁ ୧୫।୦୧।୨୦୧୯ ପାଞ୍ଚଥର ପୁଅର ନାମଲେଖା ପାଇଁ, ତତ୍ପରେ ତା୧୬।୦୧।୨୦୧୯ରୁ ୦୧।୦୩।୨୦୧୯ ନିଜ ମାଆଙ୍କର ଚିକିତ୍ସା ଓ ତା୦୨।୦୩।୨୦୧୯ରୁ ୩୧।୧୦।୨୦୧୯ ତିନିଥର ନିଜର ଚିକିତ୍ସା ପାଇଁ ଛୁଟି ଆବେଦନ କରିଅଛ। ଦୀର୍ଘକାଳ ଯାଏ ଛୁଟି ଆବେଦନ କରିଥିବା ହେତୁ କର୍ତ୍ତୃପକ୍ଷଙ୍କ ଘୋର ସନ୍ଦେହ ଜାତ ହୋଇଛି।

ଏତାଦୃଶ କ୍ରମାଗତ ଥରକୁ ଥର ଛୁଟି ଆବେଦନ ତଥା ଦୀର୍ଘଦିନ ଧରି ବିଶ୍ୱବିଦ୍ୟାଳୟରେ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟରେ ଘୋର ବାଧାପ୍ରାପ୍ତ ହେତୁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଦ୍ୱାରା ତୁମ୍ଭକୁ ପତ୍ର ସଂଖ୍ୟା ୮୨୨୪, ତା୧୯।୧୨।୨୦୧୮, ୮୩୬୭, ତା୨୮।୧୨।୨୦୧୮, ୫୧୯, ତା୨୮।୦୧।୨୦୧୯, ୧୫୭୧, ତା୨୮।୦୩।୨୦୧୯, ୩୮୨୦, ତା୦୯।୦୭।୨୦୧୯, ଏବଂ ୭୦୨, ତା୨୪।୦୧।୨୦୨୦ରିଖରେ ଡାକ ଓ E-mail ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶନାମା ଦିଆଯାଇଅଛି। ମାତ୍ର ତୁମଠାରୁ କିଛି ଉତ୍ତର ଅଦ୍ୟାବଧି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମିଳିଲା ନା ତୁମେ କାର୍ଯ୍ୟରେ ଯୋଗ ଦେଲ।

ଏତଦ୍ୱାରା ଏହା ଅନୁସୂଚିତ ହେଉଅଛି ଯେ, ତୁମ୍ଭେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆଦେଶନାମାକୁ ଅବମାନନା କରିବା ସହିତ ନିଜ କାର୍ଯ୍ୟରେ ଯୋଗଦାନ ଦେବା ପାଇଁ କୁଣ୍ଠାପ୍ରକାଶ କରିଛ।

ଏହି ପରିପ୍ରେକ୍ଷୀରେ ଶିକ୍ଷାର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ତୁମ୍ଭକୁ ଦୈନିକ ଖବରକାଗଜ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ତୁମ୍ଭେ ଯେଉଁଠାରେ ବା ଯେଉଁ ଅବସ୍ଥାରେ ଥାଅନା କାହିଁକି ଏହି ନିର୍ଦ୍ଦେଶନାମା ପାଇ ତୁରନ୍ତ ତା୧୫।୦୮।୨୦୨୦ରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିବେ କିମ୍ବା ତୁମର ଯୁକ୍ତିଯୁକ୍ତ ପ୍ରମାଣ ସହ ତୁରନ୍ତ ଜଣାଇବେ।

ଉପରୋକ୍ତ ଆଦେଶନାମାକୁ ଉପେକ୍ଷା କଲେ ବିଶ୍ୱବିଦ୍ୟାଳୟ ଆଇନ୍ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

କୁଳପତିଙ୍କ ଆଦେଶାନୁକ୍ରମେ
ସ୍ୱା./- କୁଳସଚିବ

ଧରିତ୍ରୀ
DHARITRI
ଶୁକ୍ରବାର, ୩୧ ଜୁଲାଇ, ୨୦୨୦



ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡ଼କୁ। -ଶ୍ରୀମା

# ଜଗିବାରେ ଢିଲା ନ ରହୁ

କୋଭିଡ୍-୧୯ ମହାମାରୀ ଦ୍ୱାରା ସୃଷ୍ଟିହୋଇଥିବା ଖର୍ଚ୍ଚର ଆବଶ୍ୟକତାକୁ ପୂରଣ କରିବା ପାଇଁ ଚଳିତମାସ ଆରମ୍ଭରେ ଅନେକ ଆର୍ଥିକ ସଂଯମ ବା ବ୍ୟୟସଂକୋଚମୂଳକ ପଦକ୍ଷେପ ଘୋଷଣା କରିବା ପରେ, ଆର୍ଥିକ ଅନଟନଗ୍ରସ୍ତ ରାଜ୍ୟ ସରକାର ପୁଣି ବିଭିନ୍ନ ହେଡ୍‌ରେ ଚଳିତ ବର୍ଷର ଆବଣ୍ଟିତ ବଜେଟ୍ ବ୍ୟୟ ହ୍ରାସ କରିଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗତ ଫେବୃୟାରୀ ମାସରେ ୨୦୨୦-୨୧ ପାଇଁ ୧.୫୦ ଲକ୍ଷ କୋଟି ଟଙ୍କାର ରାଜ୍ୟ ବଜେଟ୍ ଉପସ୍ଥାପନ କରିଥିଲେ, ଯାହା ୨୦୧୯-୨୦ର ସଂଶୋଧିତ ଆକଳନଠାରୁ ୧୧ ପ୍ରତିଶତ ଅଧିକ। ବଜେଟ୍‌ରେ ଯେଉଁସବୁ ଲକ୍ଷ୍ୟ ଥିଲା ସେଗୁଡିକ ୧,୨୪,୫୫୦ କୋଟି ଟଙ୍କାର ରାଜକୋଷୀୟ ଆୟ ଏବଂ ୨୪,୪୫୦ କୋଟି ଟଙ୍କାର ଋଣ ମାଧ୍ୟମରେ ପୂରଣ ହେବ ବୋଲି ଆଶା କରାଯାଇଥିଲା। କିନ୍ତୁ ଅର୍ଥନୈତିକ ମାନ୍ଦାବସ୍ଥା ଅର୍ଥନୀତି ଉପରେ କୁପ୍ରଭାବ ପକାଇଲା ଏବଂ ତା'ପରେ ଯେତିକି ଅର୍ଥନୈତିକ କାର୍ଯ୍ୟକଳାପ ଚାଲିଥିଲା କୋଭିଡ୍-୧୯ ତାକୁ ପୂରା ମାରିଦେଲା। ଗତ ଏପ୍ରିଲ ଓ ମେ ମାସରେ ଆଭ୍ୟନ୍ତରୀଣ ଉତ୍ସରୁ ରାଜସ୍ୱ ଆୟ ୭୦% ହ୍ରାସ ପାଇଛି। ବାର୍ଷିକ ରାଜସ୍ୱ ସଂଗ୍ରହରେ ଏହା ୨୦ ପ୍ରତିଶତ ହ୍ରାସ ଘଟାଇବ। ଏଥିସହ କେନ୍ଦ୍ର ସରକାର ବିଭିନ୍ନ ହେଡ୍‌ରେ ରାଜ୍ୟ ସରକାରଙ୍କୁ ଯେଉଁ ସହାୟତା ଯୋଗାଇଥାନ୍ତି, ତାକୁ ହ୍ରାସ କରିପାରନ୍ତି। ଏଭଳି କଠିନ ସମୟରେ ରାଜ୍ୟ ସରକାର ଖର୍ଚ୍ଚକାଟ କରିବା ଏବଂ ବଜେଟ ବ୍ୟୟ ହ୍ରାସ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ। କୋଭିଡ୍-୧୯ ମହାମାରୀ ପରିଚାଳନାରେ ସରକାର ବିଭିନ୍ନ ହେଡ୍‌ରେ ପ୍ରାୟ ୧୯୦୦ କୋଟି ଟଙ୍କା ଖର୍ଚ୍ଚ କରିସାରିଛନ୍ତି।

ବ୍ୟୟ ସଂକୋଚନ ମାଧ୍ୟମରେ ସରକାର ଖର୍ଚ୍ଚକୁ ନିୟନ୍ତ୍ରଣରେ ରଖିବାକୁ ସ୍ଥିର କରିଥିବାବେଳେ ବଜେଟ୍ ଆବଣ୍ଟନକୁ ହ୍ରାସ କରିବା ପାଇଁ ଯେଉଁ ସର୍ବଶେଷ ଘୋଷଣା କରିଛନ୍ତି ତାହା ଅର୍ଥନୀତି ଉପରେ ସିଧାସଳଖ ପ୍ରଭାବ ପକାଇବ। ସରକାର ଆଭ୍ୟନ୍ତରୀଣ ଋଣ ମାଧ୍ୟମରେ ଅର୍ଥ ସଂଗ୍ରହ କରିବା ପାଇଁ ଘୋଷଣା କରିଥିବାବେଳେ କେନ୍ଦ୍ରୀୟ ସହାୟତା ଆଶାନୁରୂପ ହେବନାହିଁ। ଖୋଲା ବଜାରରୁ ଋଣ ନ ନେବାକୁ ନିଷ୍ପତ୍ତି ନେଇ ରାଜ୍ୟ ସରକାର ଠିକ୍ କାର୍ଯ୍ୟ କରିଛନ୍ତି। କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ପ୍ରାଧିକରଣ (CAMPA) ଏବଂ ଓଡିଶା ମିନେରାଲ୍ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ୍ ଅଧୀନରେ ସ୍ୱଳ୍ପ ସୁଧହାରରେ ପାଣ୍ଠିର ଉପଲବ୍ଧତା ଏଥିପାଇଁ ସହାୟକ ହେବ। ଗତ ମେ ମାସରେ କେନ୍ଦ୍ର ସରକାର FRBM ନିୟମାବଳୀକୁ କୋହଳ କରି ୨୦୨୦-୨୧ ମସିହାରେ ରାଜ୍ୟଗୁଡ଼ିକର ସର୍ବୋଚ୍ଚ ଋଣନେବା ପରିମାଣକୁ ମୋଟ ରାଜ୍ୟ ଘରୋଇ ଉତ୍ପାଦ (GSDP)ର ୩ ପ୍ରତିଶତରୁ ୫ ପ୍ରତିଶତକୁ ବୃଦ୍ଧି କରିଥିଲେ। ଏହାଦ୍ୱାରା ରାଜ୍ୟଗୁଡ଼ିକ ଅତିରିକ୍ତ ୪.୨୮ ଲକ୍ଷ କୋଟି ଟଙ୍କା ପାଇପାରିବେ। ଏହି ସୁବିଧାର ବ୍ୟବହାର କରିବା ପାଇଁ କେନ୍ଦ୍ର ସରକାର କିଛି ସର୍ତ୍ତ ରଖିଛନ୍ତି। ପ୍ରାକ୍‌ସର୍ତ୍ତଗୁଡିକ ଭିତରେ ଅଛି- ରାଜ୍ୟ ସରକାର ବ୍ୟବସାୟକୁ ସୁଗମ କରିବା (ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍) ପାଇଁ ଆବଶ୍ୟକ ସଂସ୍କାର ଆଣିବା, ଶକ୍ତି ବଣ୍ଟନ ଏବଂ ଗୋଟିଏ ଦେଶ-ଗୋଟିଏ ରାଶନ କାର୍ଡର ସାର୍ବଜନୀନୀକରଣ ଇତ୍ୟାଦି। ଏହି ସର୍ତ୍ତଗୁଡିକ ଅନୁଯାୟୀ ରାଜ୍ୟ ସରକାର ଉକ୍ତ ସଂସ୍କାରଗୁଡିକୁ କାର୍ଯ୍ୟକାରୀ କରିବାକୁ ଦ୍ରୁତଗତିରେ ଲାଗିପଡ଼ିଛନ୍ତି। ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍‌ରେ ରାଜ୍ୟର ସ୍ଥିତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଜିଲାସ୍ତରୀୟ ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା (BRAP)ର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍ ସୂଚକାଙ୍କରେ ଉନ୍ନତି ଘଟିଲେ ରାଜ୍ୟରେ ବ୍ୟବସାୟିକ ଇକୋ-ସିଷ୍ଟମ୍ (ପରିବେଶ)ରେ ଉନ୍ନତି ଆସିବ। ଏହା ରାଜ୍ୟକୁ ଅଧିକ ନିବେଶକଙ୍କୁ ଆକର୍ଷିତ କରିବାରେ ସାହାଯ୍ୟ କରିବ। ଏକ ପ୍ରମୁଖ ନୀତିଗତ ପଦକ୍ଷେପ ଭାବରେ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍‌ରେ ଉନ୍ନତି ଆଣିବା ପାଇଁ ସରକାର ଶିଳ୍ପଗୁଡିକ ପାଇଁ ଅବଧିଭିତ୍ତିକ ଲାଇସେନ୍ସ ନବୀକରଣ ବ୍ୟବସ୍ଥାକୁ ଉଠାଇଦେଇଛନ୍ତି। ଏହା ଏକ ଭଲ ପଦକ୍ଷେପ ଯାହା କେବଳ ଶିଳ୍ପାୟନ ଓ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ନାହିଁ ବରଂ ଏହା ମଧ୍ୟ ବ୍ୟବସ୍ଥା ଭିତରେ ରହିଥିବା ଦୁର୍ନୀତିକୁ ହ୍ରାସ କରିବ। ଶିଳ୍ପ ସଂସ୍ଥାଗୁଡ଼ିକୁ ଏକାଧିକ ଲାଇସେନ୍ସ ବିଭିନ୍ନ ସମୟାନ୍ତରରେ କର୍ତ୍ତୃପକ୍ଷଙ୍କ ପାଖରୁ ନବୀକରଣ କରାଇବାକୁ ପଡୁଥିବାରୁ ବ୍ୟବସ୍ଥାଗତ ଦୁର୍ନୀତି ହେଉଥିଲା ଏବଂ ରାଜ୍ୟରେ ଶିଳ୍ପାୟନର ଗତି ମନ୍ଥର ହେଉଥିଲା। ଏହି ନୀତିର ସମାପ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଶିଳ୍ପ କାର୍ଯ୍ୟକଳାପ ଏବଂ ପ୍ରକ୍ରିୟାଗୁଡ଼ିକ ଉପରେ ସରକାର ସଜାଗ ଦୃଷ୍ଟି ରଖିବା ଆବଶ୍ୟକ, ନ ହେଲେ କମ୍ପାନୀଗୁଡିକ ସର୍ଟକଟ୍ ବ୍ୟବସ୍ଥା ଆପଣେଇନେବେ। କୋଭିଡ୍-୧୯ ଏକ ବର୍ଦ୍ଧନଶୀଳ ସଙ୍କଟ। ଏହି ସଙ୍କଟ କେତେ ସମୟ ପର୍ଯ୍ୟନ୍ତ ରହିବ କିମ୍ବା ଏହାର ଫଳାଫଳ କ'ଣ ହେବ କେହି ଜାଣି ନାହାନ୍ତି। ଏହି ରୋଗ ମାନବଜାତି ଏବଂ ଅର୍ଥନୀତି ଉପରେ ଯେଉଁ କ୍ଷତି ଘଟାଇପାରେ ତାହାର ଆକଳନ କରିବାକୁ ସରକାର ସ୍ଥିତିରେ ନାହାନ୍ତି। ସମ୍ଭାବ୍ୟ ଘଟଣା ପାଇଁ ଯେକୌଣସି ପ୍ରସ୍ତୁତି କେବଳ ଅପୂର୍ଣ୍ଣାଙ୍ଗ ହୋଇପାରେ। ତେଣୁ ସରକାର ଜଗିବାରେ ଢିଲା କରିବା ଉଚିତ ନୁହେଁ।

## ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଜୁଲାଇ ୧୯୯୫**

- ଶ୍ରୀଲଙ୍କାର ଉତ୍ତରପୂର୍ବାଞ୍ଚଳ ପ୍ରଦେଶରେ ଏଲ୍‌ଟିଟିଇ ଉଗ୍ରବାଦୀମାନେ ସୈନ୍ୟବାହିନୀ ଶିବିର ଉପରେ ଆକ୍ରମଣ କରିବା ଫଳରେ ଜଣେ ବ୍ରିଗେଡିଅରଙ୍କ ସମେତ ୨୦ ଜଣ ନିହତ ହୋଇଛନ୍ତି।
- ବିଦ୍ରୋହୀ ଖମେରୁକ୍ ଗେରିଲାମାନେ କାମ୍ବୋଡ଼ିଆ ସେନା ଉପରେ ଆକ୍ରମଣ କରି ୨୦ ଜଣ ସୈନ୍ୟଙ୍କୁ ହତ୍ୟା କରିଛନ୍ତି।
- ବିଶିଷ୍ଟ ହିନ୍ଦୀ ଲେଖକ ଏବଂ ସାମ୍ବାଦିକ ବାଙ୍କବିହାରୀ ଭଟ୍ଟନାଗର ୮୬ ବର୍ଷ ବୟସରେ ହୃଦ୍‌ରୋଗରେ ପୀଡ଼ିତ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।
- କରାଚୀ ସହରରେ ବ୍ୟାପକ ହିଂସା ଘଟି ୧୫ ଜଣଙ୍କର ମୃତ୍ୟୁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 8 | E | | | | | | 6 | 7 | | | B | | |
| 4 | | 3 | | E | | | | | | | | | | |
| | 6 | | | | | 4 | 9 | 7 | 8 | | | | C | |
| | 9 | 0 | 1 | 4 | 2 | | B | | | D | | | | |
| | | | 8 | C | 3 | | | | | | | 0 | 2 | 7 |
| | | 8 | 3 | | B | 6 | 7 | | | 5 | | | | |
| | B | | | | D | E | | | | 8 | | | | |
| | | 2 | C | | 8 | D | 0 | | | 1 | | 5 | | |
| 3 | 5 | 4 | | | | | 1 | 9 | | | 7 | | | E |
| | A | | | | | | 5 | 2 | | | | | 1 | |
| | | B | 7 | 9 | | | | | | | | | | |
| | | 6 | E | | 0 | | | | | A | C | 9 | | D |
| | | | | A | | 2 | | | 4 | | | 8 | | 5 |
| | | | | D | 4 | | 8 | | | | | | 6 | 3 |
| | 7 | | | | | B | | D | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | E | 3 | 8 | 5 | D | B | 0 | 4 | A | 1 | 7 | 9 | 6 |
| 8 | 3 | B | 0 | 9 | E | 7 | 2 | 1 | 6 | 5 | D | 4 | A | C |
| 9 | D | 1 | 4 | 7 | A | 5 | E | 6 | 3 | 8 | C | 2 | 0 | B |
| 5 | 7 | 4 | 2 | 6 | B | C | A | 8 | 9 | E | 0 | D | 1 | 3 |
| 6 | 0 | A | D | C | 1 | 4 | 9 | 3 | 2 | 7 | B | 8 | E | 5 |
| 0 | E | D | 1 | 3 | 7 | B | 6 | 2 | 5 | C | 4 | A | 8 | 9 |
| 4 | 8 | 7 | A | 5 | C | 1 | 0 | D | E | 3 | 9 | B | 6 | 2 |
| 3 | 9 | 2 | E | B | 0 | A | C | 4 | 1 | 6 | 8 | 5 | 7 | D |
| 1 | 6 | C | 9 | 2 | 4 | 8 | 5 | 7 | D | B | A | E | 3 | 0 |
| A | B | 5 | 6 | D | 8 | 9 | 3 | E | 7 | 0 | 2 | 1 | C | 4 |
| D | 1 | 0 | B | A | 6 | 3 | 8 | 5 | C | 4 | 7 | 9 | 2 | E |
| B | 2 | 3 | 7 | 4 | D | 0 | 1 | C | 8 | 9 | E | 6 | 5 | A |
| C | 5 | 9 | 8 | E | 3 | 2 | 7 | A | B | D | 6 | 0 | 4 | 1 |
| 7 | A | 6 | C | 1 | 9 | E | 4 | B | 0 | 2 | 5 | 3 | D | 8 |
| E | 4 | 8 | 5 | 0 | 2 | 6 | D | 9 | A | 1 | 3 | C | B | 7 |

ଗତକାଲିର ଉତ୍ତର

# ମକଦ୍ଦମାପାହାଡ଼ ଓ ବିଳମ୍ବିତ ନ୍ୟାୟ



ପ୍ରତୀକ ଦାଶ

ଦେଶର ବିଭିନ୍ନ କୋର୍ଟରେ ଏବେ ପ୍ରାୟ ୩ କୋଟି ୨୦ଲକ୍ଷ ମାମଲା ବିଚାରାଧୀନ ଭାବେ ପଡ଼ିରହିଛି। ସେଥିରୁ ପ୍ରାୟ ଅଧା (୪୬%) ହେଉଛି କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ସହ ଜଡ଼ିତ ମାମଲା। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ରିପୋର୍ଟରୁ ଏକଥା ଜଣାପଡ଼ିଛି। ସେଥିରେ କୁହାଯାଇଛି ଯେ, କେନ୍ଦ୍ର ସରକାର ପ୍ରାୟ ୧ଲକ୍ଷ ୩୫ହଜାର ୬୦ଟି ମାମଲାରେ ଜଡ଼ିତ। ଭାରତରେ ପ୍ରାୟ ୧୩୦ କୋଟି ଲୋକ ଥିବାବେଳେ ସେମାନଙ୍କ ତୁଳନାରେ କୋର୍ଟ ଓ ବିଚାରପତିଙ୍କ ସଂଖ୍ୟା ବହୁତ କମ୍। ତଳକୋର୍ଟରେ ସବୁଠାରୁ ଅଧିକ ମାମଲା ପଡ଼ି ରହିଛି। ଫଳରେ ସାଧାରଣ ଗରିବ ଲୋକଟିକୁ ତ୍ୱରିତ୍ ନ୍ୟାୟ ମିଳିପାରୁ ନାହିଁ। ନ୍ୟାୟ ପାଇବା ଲାଗି ବହୁ ବର୍ଷ ଲାଗିଯାଉଛି। ବିଚାରାଧୀନ ରହିଥିବା ମାମଲା ମଧ୍ୟରୁ ରେଳ ମନ୍ତ୍ରଣାଳୟ ସହ ଜଡ଼ିତ ମାମଲାର ସଂଖ୍ୟା ହେଉଛି ୬୬,୬୮୫। ସେଥିରୁ ୧୦,୪୬୪ ମାମଲା ହେଉଛି ୧୦ ବର୍ଷରୁ ଅଧିକ ପୁରୁଣା। ସେହିଭଳି ଅନ୍ୟ ପାଞ୍ଚଟି ମନ୍ତ୍ରଣାଳୟ ସହ ଜଡ଼ିତ ମାମଲାର ସଂଖ୍ୟା ମଧ୍ୟ ଯଥେଷ୍ଟ ଅଧିକ ରହିଛି। ଅର୍ଥ ମନ୍ତ୍ରଣାଳୟ ସହ ଜଡ଼ିତ ମାମଲା ସଂଖ୍ୟା ୧୫,୬୫୧ ରହିଥିଲାବେଳେ ଯୋଗାଯୋଗ ମନ୍ତ୍ରଣାଳୟ ସହ ଜଡ଼ିତ ମାମଲା ସଂଖ୍ୟା ୧୨,୫୪୨, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୧୧,୬୬୮, ପ୍ରତିରକ୍ଷାର ୩,୪୩୩ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ଜଡ଼ିତ ମାମଲାର ସଂଖ୍ୟା ରହିଛି ୩,୨୭୫। ସୁପ୍ରିମ୍‌କୋର୍ଟରେ ବର୍ତ୍ତମାନ ୬୦,୭୫୦ଟି ମାମଲା ପଡ଼ି ରହିଥିଲା ବେଳେ ବିଭିନ୍ନ ହାଇକୋର୍ଟରେ ୪୦ଲକ୍ଷ ଓ ଅଧସ୍ତନ କୋର୍ଟରେ ୨ କୋଟି ୭୪ ଲକ୍ଷ ମାମଲା ବିଚାରାଧୀନ ଭାବେ ପଡ଼ିରହିଛି। ଏସବୁ ମାମଲା ମଧ୍ୟରୁ ସରକାରୀ ମାମଲା ସଂଖ୍ୟା ହେଉଛି ୪୬ ପ୍ରତିଶତ। ତା' ଭିତରେ ରହିଛି ରାଷ୍ଟ୍ରାୟତ୍ତ ସଂସ୍ଥା ଓ ଅନ୍ୟାନ୍ୟ ସ୍ୱୟଂଶାସିତ ସଂସ୍ଥା ସହ ଜଡ଼ିତ ମାମଲା। ସରକାରୀ ମାମଲା ମଧ୍ୟରେ ରହିଛି ସେବା, ଘରୋଇ ବ୍ୟକ୍ତିବିଶେଷ କିମ୍ବା ସଂସ୍ଥା ସହ ଜଡ଼ିତ ବିବାଦ, ଦୁଇଟି ସରକାରୀ ବିଭାଗ ଭିତରେ ବିବାଦ କିମ୍ବା ଦୁଇଟି ରାଷ୍ଟ୍ରାୟତ୍ତ ସଂସ୍ଥା ସହ ଜଡ଼ିତ ବିବାଦ। ସରକାରଙ୍କ ବିରୋଧରେ ରହିଥିବା ସବୁ ମାମଲାକୁ ଗୋଟିଏ ସମ୍ଭାବ୍ୟ ଅନ୍‌ଲାଇନ ପ୍ଲାଟ୍‌ଫର୍ମକୁ ଆଣିବା ଲାଗି ଗତବର୍ଷ ଆରମ୍ଭ କରାଯାଇଥିଲା ଲିଗାଲ ଇନ୍‌ଫର୍ମେସନ ମ୍ୟାନେଜମେଣ୍ଟ ଆଣ୍ଡ ବ୍ରିଫିଙ୍ଗ ସିଷ୍ଟମ (ଲିମ୍ବସ୍)। କୋର୍ଟରେ ଗୋଟିଏ ପ୍ରସଙ୍ଗରେ ବିଭିନ୍ନ ବିଭାଗ ଭିନ୍ନ ଭିନ୍ନ ମତ ରଖିବାକୁ ଏଡ଼ାଇବା ହେଉଛି ଏହାର ଉଦ୍ଦେଶ୍ୟ। ତା' ସହିତ କୋର୍ଟ ବାହାରେ କୌଣସି ବିବାଦର ସମାଧାନ ମଧ୍ୟ କରାଇବା ହେଉଛି ଏହାର ଅନ୍ୟତମ ଲକ୍ଷ୍ୟ। ବର୍ତ୍ତମାନ ସୁଦ୍ଧା ଲିମ୍ବସ୍ ଅଧୀନକୁ ଆସିଛି ୧,୩୦,୨୩୧ ମାମଲା। ମାମଲା ସଂଖ୍ୟା ବୃଦ୍ଧି ପାଉଥିବାରୁ କୋର୍ଟ ବାହାରେ ବିବାଦ ସମାଧାନ ପାଇଁ ସୁପ୍ରିମ୍‌କୋର୍ଟର କେତେଜଣ ପ୍ରଧାନ ବିଚାରପତି ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ସ୍ୟାଟରେ ଏବେ ବିଚାରାଧୀନ ଭାବେ ୭୪୬୯୬ ମାମଲା ପଡ଼ିରହିଛି। ସ୍ୟାଟ ବନ୍ଦ ହୋଇଯିବା ପରେ ଏହି ମାମଲା ହାଇକୋର୍ଟକୁ ଯିବାର ସମ୍ଭାବନା ମଧ୍ୟ ରହିଛି।

ଜିଲାସ୍ତର ପର୍ଯ୍ୟନ୍ତ ରହିଥିବା ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଉନ୍ନତି ଏକାନ୍ତ ଆବଶ୍ୟକ। ଦେଶର ସାମାଜିକ ଚିତ୍ର ଯେତିକି ଜଟିଳ ହେଉଛି ଅପରାଧ ସଂଖ୍ୟା ସେହିପରିମାଣରେ ବଢୁଛି। ଚୋରି, ଡକାୟତି, ହତ୍ୟା, ବଳାତ୍କାର, ଅପହରଣ ଓ ଠକେଇ ଇତ୍ୟାଦି ଛୋଟବଡ଼ ସମସ୍ତ ଅପରାଧ ପାଇଁ ଜିଲା ପର୍ଯ୍ୟନ୍ତ ରହିଥିବା ନ୍ୟାୟିକ ବ୍ୟବସ୍ଥା ସଂପ୍ରସାରଣ ଆଶାନୁରୂପ ହୋଇନାହିଁ। କିନ୍ତୁ ବିଭିନ୍ନ ପ୍ରକାର ଅପରାଧ ହୁ ହୁ ହୋଇ ବଢୁଥିବାରୁ ଲୋକମାନେ ଠିକ୍ ସମୟରେ ନ୍ୟାୟ ପାଉନାହାନ୍ତି। ଅପରାଧ କେବଳ ବଢୁନାହିଁ, ନ୍ୟାୟାଳୟମାନଙ୍କରେ ବିଚାରପତିମାନଙ୍କର ସଂଖ୍ୟା ମଧ୍ୟ ସେହି ପରିମାଣରେ ସୃଷ୍ଟି କରାଯାଉନାହିଁ। ଏହି କାରଣରୁ ଜିଲାସ୍ତରରେ ବିଚାର ପାଇଁ ଆସୁଥିବା ବିଭିନ୍ନ ମାମଲା ସଂଖ୍ୟା ବଢ଼ି ବଢ଼ି ଚାଲିଛି। କାରଣ ମାମଲା ସଂଖ୍ୟାର ସୁବିଚାର ପାଇଁ ଯେତିକି ଭିତ୍ତିଭୂମି ଓ ବିଚାରପତି ରହିବା କଥା ସେତେ ନାହିଁ। ଦୁର୍ଭାଗ୍ୟର କଥା , ଉଚ୍ଚ ଅଦାଲତରେ ଯେତିକି ଭିତ୍ତିଭୂମି ଏବଂ ବିଚାରପତି ରହିବା ଆବଶ୍ୟକ ସେଥିରେ ପ୍ରାୟ ୪୦ ପ୍ରତିଶତ ଊଣା। ଫଳରେ ନ୍ୟାୟ ପ୍ରଦାନ ସଂସ୍ଥା ଦୀର୍ଘଦିନ ଧରି ଯେଉଁ ଖ୍ୟାତି ବଜାୟ ରଖିଥିଲା ସେଥିରେ ଅବକ୍ଷୟ ଘଟୁଛି। ଉଚ୍ଚ ନ୍ୟାୟାଳୟ ଓ ନିମ୍ନ ନ୍ୟାୟାଳୟରେ ନ୍ୟାୟ ପ୍ରଦାନ ପାଇଁ ପଡ଼ି ରହିଥିବା ମାମଲାଗୁଡ଼ିକ ସଂଖ୍ୟା ଦୁଇ କୋଟିରୁ ଅଧିକ। ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟମାନଙ୍କରେ ଜଟିଳ ସମସ୍ୟାଗୁଡ଼ିକର ତର୍ଜମା ହୋଇଥାଏ। କିନ୍ତୁ ଆଇନର ପରିସର ଓ ସାମ୍ବିଧାନିକ ବିଧିବ୍ୟବସ୍ଥା ପରିସର ମଧ୍ୟରେ ଯେତିକି ସଂଖ୍ୟାରେ ବିଚାରପତି ରହିବା କଥା ସେତିକି ନାହାନ୍ତି। ସର୍ବୋଚ୍ଚ ନ୍ୟାୟାଳୟରେ ୭ଜଣ ବିଚାରପତିଙ୍କ ସ୍ଥାନ ଶୂନ୍ୟ ପଡ଼ିଛି। ଏହାବାଦ୍ କଲିକତା, ମୁମ୍ବାଇ ପ୍ରଭୃତି ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୪୦ରୁ ୫୦ପ୍ରତିଶତ ବିଚାରପତି ପଦ ଖାଲି ପଡ଼ିଥିବାରୁ ହଜାର ହଜାର ମାମଲା ନ୍ୟାୟ ବିଚାର ପାଇଁ ଅପେକ୍ଷା କରୁଛି। ଦୁର୍ଭାଗ୍ୟର କଥା ଯେ ସରକାର ନ୍ୟାୟ ପ୍ରଦାନ ବ୍ୟବସ୍ଥା ପ୍ରତି ଯେତିକି ଧ୍ୟାନଦେବା କଥା ତାହା ଦେଉ ନହାନ୍ତି।

ବିଚାରପତିଙ୍କ ସଂଖ୍ୟା ଓ ଭିତ୍ତିଭୂମି ବିକାଶ ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ନ୍ୟାୟ ପ୍ରଦାନ ଶିଥିଳ ହୋଇଯାଇଛି। କୁହାଯାଏ ଯେ ବିଳମ୍ବରେ ନ୍ୟାୟ ପ୍ରଦାନ ନ୍ୟାୟ ନ ମିଳିବା ସହିତ ସମାନ। ବର୍ତ୍ତମାନ ଜନସଂଖ୍ୟା ହୁ ହୁ ହୋଇ ବଢୁଛି। ସାମାଜିକ ଜଟିଳତା ଓ ସେଥିରେ ଘଟୁଥିବା ଘନ ଘନ ପରିବର୍ତ୍ତନ ସହିତ ଅପରାଧ ସଂଖ୍ୟା ବଢୁଥିବାରୁ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଉପରେ ଅଧିକ ଦାୟିତ୍ୱ ପଡୁଛି। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟମାନଙ୍କରେ କେତେକ ଆଭ୍ୟନ୍ତରୀଣ ସଂସ୍କାର କରାଯାଇଥିବାରୁ ନ୍ୟାୟ ପ୍ରଦାନ ବିଳମ୍ବିତ ହେଲେ ମଧ୍ୟ ସହଜସାଧ୍ୟ ହୋଇଛି। ନ୍ୟାୟ ପ୍ରଦାନ ସଂସ୍ଥା ପାଇଁ ବିଚାରପତି ନିଯୁକ୍ତି ଏବଂ ଅଧିକ ଉତ୍ତରଦାୟିତ୍ୱ ଦେବା ନିମନ୍ତେ ସରକାର ଯେଉଁ ଆଇନ ପ୍ରଣୟନ କରିଥିଲେ ତାହା ସର୍ବୋଚ୍ଚ ନ୍ୟାୟାଳୟରେ ରଦ୍ଦ ହୋଇଯିବା ପରେ ନ୍ୟାୟପାଳିକା ଉପରେ ଅଧିକ ଦାୟିତ୍ୱ ରହିଛି। କାରଣ ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହିତ କାର୍ଯ୍ୟପାଳିକାର ପ୍ରଶାସନିକ ସମ୍ପର୍କ ରହିଥିବାରୁ ନ୍ୟାୟ ପ୍ରଦାନ ସଂସ୍ଥାର ଯେପରି ପରିବର୍ତ୍ତନ ଆଣିବା ପାଇଁ ଆଇନ ପ୍ରଣୟନ କରାଯାଇଥିଲା ତାହା ନ୍ୟାୟପାଳିକା କାର୍ଯ୍ୟ ସଂପାଦନରେ ବାଧା ସୃଷ୍ଟି କରିପାରେ। ଏଥିପାଇଁ ବିଚାରପତି ନିଯୁକ୍ତି ଓ ଉତ୍ତରଦାୟିତ୍ୱ ସମ୍ପର୍କିତ ଆଇନ ରଦ୍ଦ ହୋଇଗଲା। କିନ୍ତୁ ନ୍ୟାୟପାଳିକା ସ୍ୱାଧୀନ ମତ ପ୍ରକାଶ କରିବା ସପକ୍ଷରେ ଥିବାରୁ ଏବଂ ସେଥିରେ କାର୍ଯ୍ୟପାଳିକାର କୌଣସି ପ୍ରକାର ହସ୍ତକ୍ଷେପ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଅକାମୀ କରିଦେଇପାରେ। ଏହି କାରଣରୁ ପୂର୍ବରୁ ବିଚାରପତି ନିଯୁକ୍ତି, ପଦୋନ୍ନତି ଇତ୍ୟାଦି ପାଇଁ ପାଞ୍ଚଜଣ ବରିଷ୍ଠ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ ନ କରିବା ହିଁ ଅଧିକ ଯୁକ୍ତିଯୁକ୍ତ ହେବ। ଯେଉଁ ବିଚାରପତିମାନଙ୍କୁ ଉଚ୍ଚ ନ୍ୟାୟାଳୟରେ ନିଯୁକ୍ତି କରାଯିବ ସେମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର କଲେଜିୟମ କମିଟି ଅନୁମୋଦନ କରିବାପରେ ସରକାରଙ୍କର ଆଇନ ବିଭାଗକୁ ପଠାଯାଏ। ନ୍ୟାୟପାଳିକାର ସୁପାରିସ ସହିତ କାର୍ଯ୍ୟପାଳିକା ଅମତ ହେଲେ ନିଯୁକ୍ତି, ପଦୋନ୍ନତି ଇତ୍ୟାଦିରେ ବିଳମ୍ବ ହୋଇଥାଏ। ବିଚାରପତିମାନଙ୍କର ନିଯୁକ୍ତି ଓ ଉତ୍ତରଦାୟିତ୍ୱ ସମ୍ପର୍କିତ ନୂଆ ଆଇନ କାର୍ଯ୍ୟପାଳିକା ପ୍ରସ୍ତୁତ କରିବା ପରେ ତାହା ସର୍ବୋଚ୍ଚ ଅଦାଲତରେ ନାକଚ ହୋଇଯିବାରୁ କାର୍ଯ୍ୟପାଳିକା ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପର୍କିତ ନିଯୁକ୍ତି, ପଦୋନ୍ନତି କ୍ଷେତ୍ରରେ ତାହା ଅନୁମୋଦନ କରି ରାଷ୍ଟ୍ରପତିଙ୍କ ପାଖକୁ ପଠାଇବା ପ୍ରକ୍ରିୟାରେ ବିଳମ୍ବ ହେଉଛି। କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ ଥିବା ଯୋଗସୂତ୍ରକୁ ଅଧିକ ଅନୁକୂଳ କରାଗଲେ ନ୍ୟାୟପାଳିକା କାର୍ଯ୍ୟପାଳିକା ପାଖକୁ ପଠାଉଥିବା ନିଯୁକ୍ତି ଓ ପଦୋନ୍ନତିସମ୍ପର୍କିତ ସୁପାରିସ ଯଦି ଯଥାଶୀଘ୍ର ରାଷ୍ଟ୍ରପତିଙ୍କ ଆଦେଶ ମିଳିଯାଏ ତେବେ ଫାଇଲର ମନ୍ଦଗତି ଦୂର ହେବ। କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ ସହଯୋଗ ଓ ସମବାୟିକ ଉଦ୍ୟମ ଯୁକ୍ତିଯୁକ୍ତ ହେଲେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

ତୁଳସୀପୁର, କଟକ, ମୋ: ୯୮୫୩୮୪୭୪୧୪

# ପ୍ରକୃତିଦତ୍ତ ସମ୍ପଦର ବିକଳ୍ପ ନାହିଁ



ଡ. ହରିଶରଣ ମହାରାଜ

ବୃକ୍ଷ ସମଗ୍ର ଜୀବଜଗତର ଉପକାର କରିଥାଏ। ''ପରୋପକାରାୟ ବହନ୍ତି ନଦ୍ୟଃ, ପରୋପକାରାୟ ଫଳନ୍ତି ବୃକ୍ଷାଃ, ପରୋପକାରାୟ ଦୁହ୍ୟନ୍ତି ଗାବୋ ପରୋପକାରାର୍ଥମିଦଂ ଶରୀରମ୍। (ମାଣ୍ଡବ୍ୟ ସଂହିତା)। ତାଦୃଶ୍ୟ ଗୋଟିଏ ବୃକ୍ଷ ତା'ର ଜୀବଦ୍ଦଶା କାଳରେ ଔଷଧ, ଖାଦ୍ୟ, ଜଳସଂରକ୍ଷଣ, ମୃତ୍ତିକା ସଂରକ୍ଷଣ, ଜାଳେଣି, ଅମ୍ଳଜାନଯୁକ୍ତ ବିଶୁଦ୍ଧ ବାୟୁ ପ୍ରଦାନ, ପକ୍ଷୀ ଜଗତକୁ ମନୋମୟ ଖାଦ୍ୟ, ବାସ ଯୋଗାଇଥାଏ। ସୁତରାଂ ଅଧିକମାତ୍ରା ଓ ବିଚ୍ଛିନ୍ନତାର ବନରାଜି ସ୍ଥିତି ହିଁ ଜୀବଜଗତର 'ପ୍ରାକୃତିକ ପୋଷଣୀୟ'ର ସହାୟକ ହୋଇଥାଏ। ସଂପ୍ରତି ଜଙ୍ଗଲ ସୁରକ୍ଷା ଏକ ମହତ୍ତ୍ୱପୂର୍ଣ୍ଣ ତଥା ସମୟୋପଯୋଗୀ ଆହ୍ୱାନ। କାରଣ ଏହି ସମ୍ପଦର କୌଣସି ବିକଳ୍ପ ନାହିଁ। ବର୍ତ୍ତମାନ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଏବଂ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ସରକାର, ଏନ୍‌ଜିଓ, ସାମାଜିକ କର୍ମକର୍ତ୍ତା, ଆୟୁର୍ବେଦାଚାର୍ଯ୍ୟ, ବୃକ୍ଷପ୍ରେମୀ, ବନପ୍ରେମୀ ଆଗେଇ ଆସିବାର ସମୟ ଆସିଛି। ବିଶ୍ୱରେ ଶିଳ୍ପାୟନ ପ୍ରଗତି ନାମରେ ପ୍ରତିବର୍ଷ ୩୨୦ ଲକ୍ଷ ଏକର ଜଙ୍ଗଲ ଅବିଚାରିତ ଭାବେ ଧ୍ୱଂସ ପାଇଚାଲିଛି। ଏହି ଧାରା ଅବ୍ୟାହତ ରହିଲେ ପୃଥିବୀ କ୍ରମଶଃ ମରୁଭୂମିରେ ପରିଣତ ହେବ। ଅଙ୍ଗାରକାମ୍ଳ ଗ୍ୟାସ୍ ଆତଙ୍କ ସୃଷ୍ଟି ହେବା ସହିତ ଜଙ୍ଗଲ ଉପରେ ନିର୍ଭରଶୀଳ ୮୦ପ୍ରତିଶତ ପଶୁପକ୍ଷୀ ନିଶ୍ଚିହ୍ନ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସମଗ୍ର ବିଶ୍ୱର ଜନସଂଖ୍ୟା ପ୍ରାୟ ୭୦୦ କୋଟି। ଜନ ବିସ୍ଫୋରଣ ଜଙ୍ଗଲ କ୍ଷୟର ଏକ ମୁଖ୍ୟ କାରଣ ତଥା ବିଶ୍ୱ ରାଷ୍ଟ୍ର ନାୟକମାନଙ୍କର ଶିଳ୍ପ ପ୍ରତିଷ୍ଠା ଜଙ୍ଗଲ ପ୍ରତି ନକାରାତ୍ମକ ଭାବ ଥିଲାପରି ପ୍ରତିଭାତ ହୁଏ।

ପରିସଂଖ୍ୟାନରୁ ଜଣାଯାଏ ବିଶ୍ୱ ଭୂଭାଗର ୩୦% ଜଙ୍ଗଲ ସମ୍ପଦ। ଜଙ୍ଗଲରେ ମିଳେ ୬୦ ହଜାର ପ୍ରଜାତିର ବୃକ୍ଷଲତା ତଥା ଦୁର୍ଲଭ ଜଡ଼ିବୁଟି, ସେହିପରି ପ୍ରାୟ ୧୮୦ କୋଟି ମଣିଷ ମଧ୍ୟ ଜୀବିକା ନିର୍ବାହ ଉଦ୍ଦେଶ୍ୟରେ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ''ପାଦପାଃ ବୈ ପ୍ରାଣାଃ'' (ଅଥର୍ବବେଦ) ଅର୍ଥାତ୍ ବୃକ୍ଷ ହିଁ ମଣିଷ ସମାଜକୁ ପ୍ରାଣଶକ୍ତି ପ୍ରଦାନ କରିଥାଏ। ସଂପ୍ରତି ଓଡ଼ିଶାର ଜଙ୍ଗଲ ପରିବେଶ ଉପରେ ଆଲୋଚନା କରିବା। ସରକାର କହୁଛନ୍ତି ଜଙ୍ଗଲ ଗାଣିତିକ ହିସାବରେ ବଢ଼ିଛି। କିନ୍ତୁ କେଉଁ ପ୍ରଜାତିର ବୃକ୍ଷରାଜିର ପରିବର୍ଦ୍ଧନ ଘଟିଛି, ତାହା ବୁଝାପଡ଼େ ନାହିଁ। 'ସେବିତବ୍ୟୋ ମହାବୃକ୍ଷଃ ଫଳଚ୍ଛାୟାସମନ୍ୱିତଂ, ଯଦି ଦୈବାତ୍ ଫଳଂ ନାସ୍ତି ଛାୟା କେନ ନିବାର୍ଯ୍ୟତେ।' ଜଙ୍ଗଲରେ ଘଞ୍ଚ ମହୀରୁହ (ଦ୍ରୁମ) ଉପସ୍ଥିତ ଜଙ୍ଗଲର ଶୋଭାବର୍ଦ୍ଧନ କରିଥାଏ। ପୂର୍ବେ ରାଜା ମହାରାଜାଙ୍କ ଦ୍ୱାରା ରୋପିତ ଦୀର୍ଘସ୍ଥାୟୀ, ଜୀବଦାୟୀ, ପ୍ରାଣଦାୟୀ, ବାସଦାୟୀ ମହାବୃକ୍ଷ, ଆମ୍ବ, ବଉଳ, ଜାମୁ, ଗଉଡୁକଷା, ବର, ଅଶ୍ୱତ୍ଥ, ଜମ୍ବିଲୋ, ବେଲ, ପଣସ, ଚାଉଳଧୁଆ, କ୍ଷୀରୀକୋଳି, ଫିରିକ, ଜେଉଟ ଆଦି ରାସ୍ତା ପାର୍ଶ୍ୱ ଫଳଦାୟୀ ଗଛମାନ ସମ୍ପୂର୍ଣ୍ଣ ଭୂତଳଶାୟୀ। ଉଦୁଉଦିଆ ରୌଦ୍ର ତାପରେ ପଥାଶ୍ରୟୀ ପଥଚାରୀ ସାମାନ୍ୟ ତରୁଛାୟା ଲାଭାର୍ଥେ କେତେ ଡହଳବିକଳ ତାହା ଅନୁଭବୀ ହିଁ କହିପାରେ। ଜଙ୍ଗଲରେ ଆଉ ଅତି ଆବଶ୍ୟକ ବୃକ୍ଷରାଜି ଦୁର୍ଲଭପ୍ରାୟ। ତଦୁପରି ପ୍ରକୃତି ଅନୁଯାୟୀ ଘଞ୍ଚ ଜଙ୍ଗଲର ଛାୟା ତଳେ ବଂଶବିସ୍ତାର କରି ମାନବ ଜଗତର କଲ୍ୟାଣ ସାଧନ କରୁଥିବା କ୍ଷୁପ, ସୃପ, ଜାତୀୟ ଗୁଳ୍ମଲତା ମୟୂରଚୂଳିଆ, ବିଦାରୀ କନ୍ଦ (ଭୂଇଁ କଖାରୁ) ରାମକେଦାର, ଚକ୍ରକେଦାର, ପରଶୁକେଦାର, ତାଳମାଖିନା, ଅଗ୍ନିତୁଣ୍ଡୀ, ଜୀବନ୍ତୀ, ରୁଦନ୍ତୀ, ଅଗ୍ନିମନ୍ଥନ ଆଦି ଗୁଳ୍ମତରୁ ଘଞ୍ଚ ଜଙ୍ଗଲର ଛାୟା ଅଭାବ ତଥା ପାହାଡ଼ ପର୍ବତର ଅହରହ ଦହନ, ଖନନ ଯୋଗୁଁ ଭାରତୀୟ ରସାୟନ ଶାସ୍ତ୍ର 'ଆୟୁର୍ବେଦ ଜଡ଼ିବୁଟି ସଂଗ୍ରହ' ଅନୁଯାୟୀ ସଂପୂର୍ଣ୍ଣ ଲୁପ୍ତପ୍ରାୟ। ଆୟୁର୍ବେଦ ଶାସ୍ତ୍ରବେତା ବାଗଭଟ୍ କୃତ ଅଷ୍ଟାଙ୍ଗ ହୃଦୟ, ଅଷ୍ଟାଙ୍ଗ ସଂଗ୍ରହମ୍, ଚରକ ସଂହିତା, ଶ୍ରୁଶ୍ରୁତ ସଂହିତା, ରସରତ୍ନ ସମୁଚ୍ଚୟ, ରସ ତରଙ୍ଗିଣୀ, ଦ୍ରବ୍ୟଗୁଣ କଳ୍ପଦ୍ରୁମ, ମାଧବ କର ନିଦାନ ଆଦି ଗ୍ରନ୍ଥ ବର୍ଣ୍ଣିତ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ ନେଇ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଗତି ନାମରେ ଅବିଚାରିତ ଜଙ୍ଗଲ କାଟିବା କେତେଦୂର ଗ୍ରହଣୀୟ। ଓଡ଼ିଶାର ଲାଇଫ୍‌ଲାଇନ୍ କୁହାଯାଉଥିବା ଜଙ୍ଗଲରାଣୀ ନୟାଗଡ଼ ବନଖଣ୍ଡରେ ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ୍ ନିର୍ମାଣାର୍ଥେ ଦଶପଲ୍ଲା ବନମଣ୍ଡଳ (ରେଞ୍ଜ)ର ଅରାସାହି, କୁଞ୍ଜବନଗଡ଼, ନିଜ ଅନ୍ଧାରକୋଟ ରିଜର୍ଭ ଓ ରେଭିନ୍ୟୁ ଜଙ୍ଗଲରୁ ପ୍ରାୟ ୩୩ ହେକ୍ଟର ଦୁର୍ମୁଲ୍ୟ ତଥା ଦୁର୍ଲଭ ଘଞ୍ଚ ଜଙ୍ଗଲ କଟାଯିବ ବୋଲି ଜଣାପଡ଼ିଛି। ଏଠାରେ ପ୍ରଶ୍ନ ଉଠୁଛି ରେଳପଥ ନିର୍ମାଣ ହେଉ, ଏହା ସ୍ୱାଗତଯୋଗ୍ୟ, କିନ୍ତୁ ଯଥାସମ୍ଭବ ବୃକ୍ଷର ସୁରକ୍ଷା କରାଯାଉ। ଅଧିକ ବୃକ୍ଷରୋପଣ ମଧ୍ୟ କରାଯାଉ। ଅନ୍ୟଥା ଘଞ୍ଚ ଜଙ୍ଗଲ ଧ୍ୱଂସ ପାଇବା ସହ ବହୁ ଦୁର୍ଲଭ ଜଡିବୁଟି ବିଲୁପ୍ତ ହେବ। ବହୁ ବନ୍ୟ ଜୀବଜନ୍ତୁ ବାସହରା ଏବଂ ଖାଦ୍ୟାଭାବରେ ମୃତ୍ୟୁବରଣ କରିବେ।

ତଦୋପରି ପର୍ବତ ସଂଜାୟତେ ବାରି, ବାରି ସଂଜାୟତେ ବୃକ୍ଷାଃ- ସୁତରାଂ ପାହାଡ଼ ପର୍ବତର ସୁରକ୍ଷା ତଥା ସଂରକ୍ଷଣ ହୋଇପାରିଲେ ସେଠାରେ ସ୍ୱତଃ ଜଙ୍ଗଲ ସୃଷ୍ଟି ହେବା ସହ ଜୈବ ବିବିଧତା ତିଷ୍ଠି ରହିବ। ଫ୍ରାନ୍ସର ଜଙ୍ଗଲ ପୁରୁଷ ବେର୍ଣ୍ଣଡ଼ ଅଫ୍ କ୍ଲେରଭକ୍ସ କୁହନ୍ତି, ''ବୃକ୍ଷ ଓ ପର୍ବତଠାରୁ ମାନବ ତାହା ଶିକ୍ଷା କରେ ଯାହା ସେ ଶିକ୍ଷକଙ୍କଠାରୁ ମଧ୍ୟ ଶିକ୍ଷା କରି ନ ଥାଏ। ପ୍ରକାଶ ଥାଉ କି ଆମେରିକା ଓ ଇଂଲଣ୍ଡରେ କୁତ୍ରାପି ପାହାଡ଼ ପର୍ବତ ଖନନ, ଦହନ କରାଯାଏ ନାହିଁ। ପାହାଡ଼ ପର୍ବତ ସୁରକ୍ଷିତ ରହିଲେ ନଦୀ ଝରଣା ଚିରସ୍ରୋତା ରହିବ। ବର୍ଷା କରିବାରେ ବୃକ୍ଷର ଯେହେତୁ ବଡ଼ ଭୂମିକା ରହିଛି, ନଦୀର ଉପରମୁଣ୍ଡରେ ଘଞ୍ଚ ଜଙ୍ଗଲ ଥିଲେ ବୃଷ୍ଟିଜଳ ତତ୍‌କ୍ଷଣାତ୍ ପ୍ରବାହିତ ନ ହୋଇ ବୃକ୍ଷର ଚେର ଓ ମୃତ୍ତିକା ଦ୍ୱାରା ବିଶୋଷିତ ହୋଇ ଭୂତଳ ଜଳସ୍ତର ବୃଦ୍ଧି କରିଥାଏ।୨୦୧୯ ମସିହା ଅକ୍ଟୋବର ୨୦ରୁ୨୩ ତାରିଖ ପର୍ଯ୍ୟନ୍ତ ଆର୍ମେନିଆର ଓରେଗାନ୍ ଷ୍ଟେଟ୍ ୟୁନିଭରସିଟି କଲେଜ ଅଫ୍ ଫରେଷ୍ଟ୍ରିଠାରେ ସଂପ୍ରତି ଏସିଆ ସମେତ ପାଞ୍ଚଗୋଟି ମହାଦେଶର ଦ୍ରୁତ ଜଙ୍ଗଲ ବନୀକରଣ ଓ ପାହାଡ଼ ସୁରକ୍ଷା ନେଇ ବିସ୍ତୃତ ଆଲୋଚନା ହୋଇଯାଇଅଛି। ଶ୍ରୀସୂକ୍ତରେ ମଧ୍ୟ ଜଙ୍ଗଲର ସୁରକ୍ଷା ନେଇ ମା' ଲକ୍ଷ୍ମୀ ଆଶୀର୍ବଚନ କରିଛନ୍ତି, ଘଞ୍ଚ ଜଙ୍ଗଲ ରହିଲେ ଜଳର ଉଦ୍‌ଗୋମ ହେବ। ଯେହେତୁ ଜଳ ଓ ଜଙ୍ଗଲ ପରସ୍ପର ପରିପୂରକ। ତେବେ ଆମେ ସମସ୍ତେ ଆସନ୍ତୁ ଜଙ୍ଗଲ, ପାହାଡ଼, ପର୍ବତ ସୁରକ୍ଷା ଅଭିଯାନରେ ସାମିଲ ହୋଇ ଦ୍ରୁତ ଜଙ୍ଗଲ ବୃଦ୍ଧିରେ ସହାୟକ ହେବା।

ଆୟୁର୍ବେଦାଚାର୍ଯ୍ୟ (ପଞ୍ଚଗବ୍ୟ), ନୟାଗଡ଼
ମୋ: ୯୫୮୩୧୪୭୬୪୧

## ଏଇ ଭାରତରେ

ଅରୁଣାଚଳପ୍ରଦେଶ ନାମଶାଇ ଜିଲାର ଚକମା ଗାଁର ଲୋକମାନେ ନିଜସ୍ୱ ଉଦ୍ୟମରେ ବେରେଙ୍ଗ ନଦୀ ଉପରେ କାଠ ପୋଲ ନିର୍ମାଣ କରିଛନ୍ତି। ଏହି ଗାଁରେ ପ୍ରାୟ ୫,୨୦୦ ଚକମା ଆଦିବାସୀ ରହନ୍ତି। ବଙ୍ଗବିଭାଜନ ବେଳେ ଶରଣାର୍ଥୀ ଭାବେ ଏମାନଙ୍କୁ ଭାରତ ସରକାର ଥଇଥାନ କରିଥିଲେ। ୫୦ ବର୍ଷ ପରେ ଭୋଟଦାନ ଓ ସରକାରୀ ଚାକିରିରୁ ବଞ୍ଚିତ ତଥା ପଞ୍ଚାୟତିରାଜ ବ୍ୟବସ୍ଥାରୁ ଦୂରରେ ରହିଛନ୍ତି ଏହି ଆଦିବାସୀମାନେ। ସବୁ କାର୍ଯ୍ୟରେ ଏମାନେ ବେରେଙ୍ଗ ନଦୀ ପାର ହୋଇ ଗୁନାନଗର ଯାଇଥାନ୍ତି। ବର୍ଷାଦିନେ ଏହି ନଦୀ ଗମନାଗମନକୁ ବିଚ୍ଛିନ୍ନ କରେ। ଏମାନେ ମେଡିକାଲ ବି ଯାଇପାରନ୍ତିନି। ପିଲାମାନେ ଯାତାୟାତ ଅଭାବରୁ ବି ପଢ଼ା ଛାଡ଼ି ଦେଉଛନ୍ତି। ୧୫ ବର୍ଷ ଧରି ବେରେଙ୍ଗ ନଦୀ ଉପରେ ପୋଲ ନିର୍ମାଣ କରିବା ଲାଗି ସରକାରଙ୍କୁ ଜଣାଇବା ପରେ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀମାନେ ୨ ମାସ ମଧ୍ୟରେ ଏକ କାଠ ପୋଲ ନିର୍ମାଣ କରିପାରିଛନ୍ତି। ଏହା ଚକମା ୟୁଥ୍ ୱେଲ୍‌ଫେୟାର ଆସୋସିଏଶନ ତତ୍ତ୍ୱାବଧାନରେ କରାଯାଇଛି। ଏଥିପାଇଁ ପଡ଼ୋଶୀ ଗାଁର ଖମ୍ପିତି ସମ୍ପ୍ରଦାୟ ଆଦିବାସୀମାନେ ୫୧,୦୦୦ ଟଙ୍କା ଦାନ କରିଛନ୍ତି। ଲକ୍‌ଡାଉନ ଲାଗୁ ହେବା ପରେ ଏମାନେ କାମ ଆରମ୍ଭ କରିଥିଲେ ଓ ୧୫୪ ଫୁଟ ଲମ୍ବର କାଠ ପୋଲ ମେ' ଶେଷ ସୁଦ୍ଧା ଶେଷ କରିଦେଇଛନ୍ତି। ଏଥିପାଇଁ ୪.୮୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ସବୁ ଟଙ୍କା ଗ୍ରାମବାସୀମାନେ ହିଁ ଦେଇଛନ୍ତି।

## ଚିରନ୍ତନୀ

ବୁଲିଗଲି କାହିଁ ବଣ-ପାହାଡ଼ର ରାଇଜେ
ମନେ ପଡ଼େ କେତେ ଆଉ କେତେ ମନେ ନାହିଁ ଯେ!
ଜୟପୁର ମାଳ ପାହାଡ଼ ପାଚେରି
ରହିଥିଲା ମୋର ଚଉପାଶେ ବେଢ଼ି
ଦେଖି ସେ ବିରାଟ ରୂପ ଉଠିଥିଲି ଗାଇ ଯେ
ବୁଲିଗଲି କେଉଁ ବଣ ପାହାଡ଼ର ରାଇଜେ।
(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କରୋନା କଟକଣା କଠୋର ହେଉ

ମହାଶୟ,

ମହାମାରୀ କରୋନା ଆମ ଦେଶରେ ଏବେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି କରିଛି। ଉଭୟ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟାରେ ଅସ୍ୱାଭାବିକ ବୃଦ୍ଧି ଦେଶବାସୀଙ୍କ ପାଇଁ ଆତଙ୍କ ଓ ଉଦ୍‌ବେଗର କାରଣ ହୋଇଛି। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ରଣନୀତି ଦାୟୀ। ଯେତେବେଳେ ସମଗ୍ର ଦେଶରେ ସଂକ୍ରମଣର ସଂଖ୍ୟା ଅତି ନଗଣ୍ୟ ଥିଲା ସେତେବେଳେ ଲକ୍‌ଡାଉନ୍, ଜନତା କର୍ଫ୍ୟୁ ଓ ଶଟ୍‌ଡାଉନ୍ ଜାରିକରିବା ଫଳରେ ଯେତିକି ସଫଳତା ମିଳିଥିଲା, ସଂକ୍ରମଣ ବ୍ୟାପକ ହେବା ସମୟରେ ଲକ୍‌ଡାଉନ୍ ଉଠାଇଦେଇ ସବୁ ଖୋଲିଦେବା ଫଳରେ ତା'ଠାରୁ ଅଧିକ ସମସ୍ୟା ଦେଶବାସୀଙ୍କୁ ଭୋଗିବାକୁ ପଡ଼ିଲା। ବର୍ତ୍ତମାନ କଟକଣାକୁ ଅଧିକ କଠୋର ନ କଲେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଆଶଙ୍କା ରହିଛି। ଓଡ଼ିଶା ପରିପ୍ରେକ୍ଷୀରେ ସପ୍ତାହରେ ଦୁଇ ଦିନ ଶଟ୍‌ଡାଉନ୍ ଲାଗୁ କରାଯାଇଥିଲା। ଏଥିରୁ ଆଶାନୁରୂପ ସଫଳତା ମିଳିଲାନି। ଏଣୁ ଏହି ଶଟ୍‌ଡାଉନ୍‌କୁ ପୁଣିଥରେ ଅଧିକଦିନ ପାଇଁ ଲାଗୁକରିବା ଆବଶ୍ୟକ ରହିଛି। ଏହାଛଡ଼ା ମାସ୍କ ପିନ୍ଧୁ ନ ଥିବା ଓ ସରକାରୀ କଟକଣାକୁ ଉଲ୍ଲଂଘନ କରୁଥିବା ଅମାନିଆଙ୍କୁ କଠୋର ହସ୍ତରେ ଦମନ କରିବା ଆବଶ୍ୟକ। ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବାକୁ ପଡ଼ିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## ଅନ୍ଧବିଶ୍ୱାସ ଦୂର କରାଯାଉ

ରାଜ୍ୟର ଆଦିବାସୀବହୁଳ ଅଞ୍ଚଳରେ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହୋଇ ଶାରୀରିକ ନିର୍ଯାତନା, ବିଷ୍ଠା ଖୁଆଇବା, ହତ୍ୟାକାଣ୍ଡ ଏବଂ ପ୍ରଲୋଭନ ଦେଖାଇ ବିଭତ୍ସ କାଣ୍ଡମାନ ଘଟାଉଛନ୍ତି। ଏଣୁ ଗୁଣିଗାରେଡ଼ି ଭଳି ଅନ୍ଧତ୍ୱର ବିଲୋପ କରାଯାଉ। ଶିଶୁବଳି ଦେବା ମଧ୍ୟ ଦୃଷ୍ଟିଗୋଚର ହେଉଛି। ଏପରି କି ନିଜର ସ୍ୱାର୍ଥସାଧନ ପାଇଁ ଅନୀତି କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ସହାୟତାରେ ସତର୍କତା ଅବଲମ୍ବନ କରାଯାଉ। ନଚେତ ଭୟଙ୍କର ବ୍ୟାଧି ଭଳି ଅନ୍ଧବିଶ୍ୱାସ ସମାଜକୁ କବଳିତ କରିଦେବ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୀବନ ହାରିଲେ ନିର୍ଯାତିତା ନାବାଳିକା

ଢେଙ୍କାନାଳ ଅଫିସ/ ଭାପୁର(ଡି.ଏନ.ଏ.), ୩୦।୭


ଘଟଣାସ୍ଥଳରେ ପୋଲିସ ଅଧିକାରୀ ତଦନ୍ତ କରୁଛନ୍ତି।

- ଯୁବକଙ୍କ ଅସଦାଚରଣରେ ଅତିଷ୍ଠ ହୋଇ ନେଲେ ଚରମ ନିଷ୍ପତ୍ତି
- ପୋଲିସର ଦାୟିତ୍ୱହୀନତା ପାଇଁ ଝିଅ ଆତ୍ମହତ୍ୟା କଲା: ପରିବାର
- କର୍ତ୍ତବ୍ୟରେ ଅବହେଳା ପାଇଁ ଏଏସ୍‌ଆଇ ନିଲମ୍ବିତ

ରାସ୍ତାରେ ଚଲାଇ ଦେଉ ନ ଥିଲେ। ମା'ବାପା ନ ଥିବା ବେଳେ ଘରେ ପଶି ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିଲେ। ବାରମ୍ବାର ଅଭିଯୋଗ କରିବା, ଲିଖିତ ଏତଲା ଦେବା ସତ୍ତ୍ୱେ ଏପରି ସମ୍ବେଦନଶୀଳ ଘଟଣା ପ୍ରତି ଆଖି ବୁଜିଦେଇଥିଲା ପୋଲିସ। ଲୋକଲଜ୍ଜା, ମାନସିକ ନିର୍ଯାତନା ଚରମ ସୀମାରେ ପହଞ୍ଚିବା ପରେ ଏଥିରେ ଅତିଷ୍ଠ ହୋଇ ବିଷପିଇ ଜୀବନ ହାରିଛନ୍ତି ଜଣେ ୧୭ ବର୍ଷୀୟା ନାବାଳିକା। ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି ଅଞ୍ଚଳରେ ବୁଧବାର ଘଟିଥିବା ଏପରି ସ୍ପର୍ଶକାତର ଘଟଣା ପୋଲିସର ଦାୟିତ୍ୱହୀନତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଏପରି ଦୁଃଖଦ ଘଟଣା ଘଟିଥିବା ଏସ୍‌ପି ଅନୁପମା ଜେମ୍‌ସ ସ୍ୱୀକାର କରିଛନ୍ତି। ଅନ୍ୟପଟେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଏଏସ୍‌ଆଇ ପଦ୍ମନାଭ ସାହୁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ନିଲମ୍ବିତ କରିଛନ୍ତି। ଅନ୍ୟ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହେଲେ ସେମାନଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଜି ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୬ରେ ପରିବାର ଲୋକ ନ ଥିବା ବେଳେ ଅଭିଯୁକ୍ତ ଯୁବକ ସୁବାସ ମୁଦୁଲି ମନ୍ଦ ଉଦ୍ଦେଶ୍ୟ ରଖି ନାବାଳିକାଙ୍କ ଘରକୁ ଯାଇ ପିଇବାକୁ ପାଣି ମାଗିଥିଲେ। ନାବାଳିକା ମନା କରିବା ପରେ ସୁବାସ ପଳାଇ ଯାଇଥିଲେ। ଏହାର କିଛି ସମୟ ପରେ ପୁଣି ଆସି ପାଣି ମାଗିବା ବାହାନାରେ ଟଣାଓଟରା କରିଥିଲେ। ଏଥିସହ ଶାରୀରିକ ସମ୍ପର୍କ ରଖିବାକୁ ଟଙ୍କା ଯାଚିଥିଲେ। ତେବେ ପୀଡ଼ିତା ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଜଣକ ପଳାଇ ଯାଇଥିଲେ। ମା'ବାପା ଘରେ ପହଞ୍ଚିବା ପରେ ପୀଡ଼ିତା ସମସ୍ତ ଘଟଣା କହିଥିଲେ। ଏହାପରେ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଥିଲା। ଗତ ୨୮ ତାରିଖରେ ମା'ବାପା ବିଲକୁ ଯାଇଥିବା ବେଳେ ଯୁବକ ଘରେ ପଶି ନାବାଳିକାଙ୍କୁ ଟଣାଓଟରା କରିଥିଲେ। ଏ ସମ୍ପର୍କରେ ଫାଣ୍ଡିକୁ ସୂଚନା ଦିଆଯିବା ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ବାରମ୍ବାର ନିର୍ଯାତନା ଓ ନିନ୍ଦା ସହି ନ ପାରି ବୁଧବାର ରାତି ୧୧ଟାରେ ନାବାଳିକା କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ପୀଡ଼ିତାଙ୍କ ପରିବାର ଏସ୍‌ପିଙ୍କୁ ଭେଟି ସମସ୍ତ ଘଟଣା କହିଥିଲେ। ଏସ୍‌ପି, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସଦଳବଳ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏ ସଂକ୍ରାନ୍ତରେ ନଂ. ୩୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ପୀଡ଼ିତାଙ୍କ ପରିବାର ପକ୍ଷରୁ ପ୍ରଥମେ ଅଭିଯୋଗ କରାଯିବା ସତ୍ତ୍ୱେ ତତ୍କାଳୀନ ଭାପୁର ଫାଣ୍ଡି ଅଫିସର ପଦକ୍ଷେପ ଗ୍ରହଣ କରି ନ ଥିଲେ। ତାଙ୍କର ବଦଳି ହୋଇଯିବା ପରେ ଜୁଲାଇ୧୫ରେ ନୂତନ ଫାଣ୍ଡି ଅଧିକାରୀ ଯୋଗଦେଇଥିଲେ ବି ସେ ମଧ୍ୟ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲେ। ତେଣୁ ଝିଅ ଆତ୍ମହତ୍ୟା ଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି କୁହନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ପୋଲିସ ପକ୍ଷରୁ ମଧ୍ୟ ଅବହେଳା ହୋଇଛି। ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଥିବା ସେ ସୂଚନା ଦେଇଛନ୍ତି।

# ବିଶ୍ୱ ବଜାରକୁ ଯିବ ଓଡ଼ିଆ ଫିଲ୍ମ

ଭୁବନେଶ୍ୱର,୩୦।୭(ବ୍ୟୁରୋ)


ଚଳଚ୍ଚିତ୍ର 'ଆଦିମ ବିଚାର'ର ଏକ ଦୃଶ୍ୟ।

ବିଶ୍ୱ ବଜାରକୁ ଯିବ ଓଡ଼ିଆ ଫିଲ୍ମ। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶା ଜନ୍ମିତ ଫିଲ୍ମମେକର ଡ. ସବ୍ୟସାଚୀ ମହାପାତ୍ର ଓ ଫିଲ୍ମ ପ୍ରଯୋଜକ ତଥା ପ୍ରମୋଟର ଜିତେନ୍ଦ୍ର ମିଶ୍ର ହାତ ମିଳାଇଛନ୍ତି। ମହାପାତ୍ରଙ୍କ ନିର୍ମିତ 'ପାହାଡ଼ର ଲୁହ', 'ଆଦିମ ବିଚାର' ଓ 'ଶଳା ବୁଢ଼ା' ଭଳି ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଫିଲ୍ମର ବିଶ୍ୱସ୍ତରରେ ପ୍ରଚାର ପ୍ରସାର ଲାଗି ଜିତେନ୍ଦ୍ର ମିଶ୍ର ପଦକ୍ଷେପ ନେବେ। ଅଗଷ୍ଟ ୧ ସମ୍ବଲପୁର ଦିବସ ଅବସରରେ ଉଭୟ ଏନେଇ ଘୋଷଣା କରିବେ। ଅନ୍ତର୍ଜାତୀୟ ବଜାରରେ ବହୁ ଫିଲ୍ମର ପ୍ରମୋଶନ ଓ ଡିଷ୍ଟ୍ରିବ୍ୟୁଶନ କରି ସଫଳତା ହାସଲ କରିଥିବା ମିଶ୍ର ପ୍ରଥମଥର ପାଇଁ ଜଣେ ଓଡ଼ିଆ ନିର୍ମାତାଙ୍କ ଚଳଚ୍ଚିତ୍ରକୁ ଗ୍ଲୋବାଲ୍ ପ୍ଲାଟ୍‌ଫର୍ମରେ ପ୍ରମୋଟ କରିବେ। ଏହାସହ ଜିତେନ୍ଦ୍ରଙ୍କ ଟିମ୍ ସବ୍ୟସାଚୀ ମହାପାତ୍ରଙ୍କ ଫିଲ୍ମକୁ ବିଭିନ୍ନ ଲୋକପ୍ରିୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ କରାଇବାର ଦାୟିତ୍ୱ ମଧ୍ୟ ନେବେ।

ଉଚ୍ଚକୋଟୀର ଚଳଚ୍ଚିତ୍ର ନିର୍ମାଣ କରି ୪୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ହାତେଇଥିବା ମହାପାତ୍ର କେବଳ ଓଡ଼ିଆ ଭାଷାରେ ନୁହେଁ, ସମ୍ବଲପୁରୀ-କୋଶଳୀ ଭାଷାରେ ମଧ୍ୟ ବହୁ ଚଳଚ୍ଚିତ୍ର ତିଆରି କରିଛନ୍ତି। 'ଆଦିମ ବିଚାର' ଓ 'ପାହାଡ଼ର ଲୁହ' ପାଇଁ ସେ ଦୁଇ ଥର ସମ୍ମାନଜନକ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ତେବେ ମହାପାତ୍ରଙ୍କ ଅଧିକାଂଶ ଫିଲ୍ମରେ ଓଡ଼ିଶାର ଜନଜାତି ସମ୍ପ୍ରଦାୟର ଉତ୍କୃଷ୍ଟ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ନିଚ୍ଛକ ଛବି ଦେଖିବାକୁ ମିଳିଥାଏ। ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି ତାଙ୍କ ଫିଲ୍ମର ଆଉଏକ ନିଆରା ଉପାଦାନ। ଫିଲ୍ମ ମାଧ୍ୟମରେ ଓଡ଼ିଶାର ଜନଜାତି ସଂସ୍କୃତିକୁ ବିଶ୍ୱ ଦରବାରରେ ଲୋକାଦୃତ କରିପାରିଥିବା ମହାପାତ୍ରଙ୍କ ସହ କାମ କରିବାକୁ ବେଶ୍ ଉତ୍ସାହିତ ଥିବା କହିଛନ୍ତି ଜିତେନ୍ଦ୍ର। ୧୯୮୯ରେ ନିର୍ମିତ ସବ୍ୟସାଚୀଙ୍କ ସମ୍ବଲପୁରୀ ଫିଲ୍ମ 'ଭୁଖା'ର ସେ ଜଣେ ପ୍ରଶଂସକ ଓ ଏହି ଫିଲ୍ମ ତାଙ୍କୁ ଅନେକାଂଶରେ ପ୍ରେରଣା ଯୋଗାଇଛି। ଏଭଳି ଜଣେ ଫିଲ୍ମ ନିର୍ମାତାଙ୍କ ସହ କାମ କରିବା ସୌଭାଗ୍ୟର କଥା। ଅନ୍ତର୍ଜାତୀୟସ୍ତରରେ ସବ୍ୟସାଚୀଙ୍କ ଫିଲ୍ମର ଡିଷ୍ଟ୍ରିବ୍ୟୁଶନ ଦ୍ୱାରା ଓଡ଼ିଆ ଫିଲ୍ମ ସମ୍ପର୍କରେ ଲୋକେ ଜାଣିପାରିବେ। ଓଡ଼ିଶାର ଉତ୍କୃଷ୍ଟ କଳା, ସଂସ୍କୃତି ବିଦେଶରେ ପହଞ୍ଚିପାରିବ ବୋଲି ସେ କହିଛନ୍ତି। ସେହିଭଳି ଏ ସମ୍ପର୍କରେ ସବ୍ୟସାଚୀ କହିଛନ୍ତି, ଜିତେନ୍ଦ୍ର ନିଜ ପ୍ରଚେଷ୍ଟା ବଳରେ ଆଜି ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ପହଞ୍ଚିପାରିଛନ୍ତି। ଆମେ ଉଭୟ ମିଶି ଓଡ଼ିଆ ଚଳଚ୍ଚିତ୍ରକୁ ବିଶ୍ୱସ୍ତରୀୟ ଦର୍ଶକ ଦେଇପାରିବୁ। ଏହାଦ୍ୱାରା ଆମ ଫିଲ୍ମ ପାଇଁ ଏକ ନୂତନ ଯୁଗ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ୨୪୧ ପିଜି ଡାକ୍ତରଙ୍କୁ କୋଭିଡ୍ ଦାୟିତ୍ୱ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ):** ରାଜ୍ୟରେ କୋଭିଡ୍ ପରିଚାଳନା ପାଇଁ ୩୦ ଜିଲାରେ ୨୪୧ ପିଜି ଡାକ୍ତରଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏହି ପିଜି ଡାକ୍ତରମାନେ ମୁଖ୍ୟତଃ ଏସ୍‌ସିବି, ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ କଲେଜର ହୋଇଥିବାବେଳେ ଏମାନଙ୍କୁ କୋଭିଡ୍ ପରିଚାଳନାରେ ସହଯୋଗ କରିବାକୁ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ଜିଲାର ମୁଖ୍ୟ ଚିକିତ୍ସାଳୟରେ ସିଡିଏମ୍‌ଓ ଓ ପିଏଚ୍‌ଓଙ୍କ ଅଧୀନରେ ରହି କାମ କରିବାକୁ କୁହାଯାଇଛି। ଏମାନଙ୍କ ମଧ୍ୟରୁ ଗଞ୍ଜାମରେ ସର୍ବାଧିକ ୩୦ଜଣଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ଖୋର୍ଦ୍ଧା ଓ ସୁନ୍ଦରଗଡ଼ରେ ୨୪ ଲେଖାଏ, କଟକରେ ୧୯ଜଣ, ରାୟଗଡା ଓ ଗଜପତିରେ ୧୭ଜଣ ଲେଖାଏ, ପୁରୀରେ ୧୦ଜଣ, ବଲାଙ୍ଗୀରରେ ୮ଜଣ, ଝାରସୁଗୁଡ଼ାରେ ୭ଜଣ, କେନ୍ଦ୍ରାପଡ଼ା, କେନ୍ଦୁଝର, ବାଲେଶ୍ୱର ଓ ସୋନପୁରରେ ୬ଜଣ ଲେଖାଏ, ଅନୁଗୋଳ, ବୌଦ୍ଧ, ବରଗଡ଼ ଓ ଯାଜପୁରରେ ୫ଜଣ ଲେଖାଏ, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, କଳାହାଣ୍ଡି, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଓ ନୂଆପଡ଼ାରେ ୪ଜଣ ଲେଖାଏ, ନୟାଗଡ଼ରେ ୩ଜଣ, ମୟୂରଭଞ୍ଜ ଓ ଦେବଗଡ଼ରେ ୨ ଜଣ ଲେଖାଏ ଏବଂ କନ୍ଧମାଳ ଓ ସୋନପୁରରେ ଜଣେ ଲେଖାଏ ପିଜି ଡାକ୍ତରଙ୍କୁ କୋଭିଡ୍ ପରିଚାଳନା ପାଇଁ ନିଯୁକ୍ତି ଦିଆଯାଇଛି।

# ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ କେନ୍ଦ୍ରାପଡ଼ା ଜିଲା ବିଧାୟକ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ନୂତନ ଭାବେ ନିର୍ମାଣ ହୋଇଥିବା ହରିଦାସପୁର-ପାରାଦୀପ ରେଳଲାଇନକୁ କାର୍ଯ୍ୟକ୍ଷମ କରିବାକୁ କେନ୍ଦ୍ରାପଡ଼ା ଜିଲାର ସମସ୍ତ ବିଧାୟକ ଗୁରୁବାର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ଜିଲାର ରେଳ ଯୋଗାଯୋଗରେ ଉନ୍ନତି ଆସିବା ସହିତ ଆର୍ଥିକ ବିକାଶ ଦିଗରେ ଏହା କାର୍ଯ୍ୟ କରିବା ନେଇ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ଜମି ଉପରୁ ସମସ୍ତ ପ୍ରକାର ଶୁଳ୍କ ଛାଡ କରିବା ସହ ନିଜ ଅଂଶଧନ ପ୍ରଦାନ କରିଛନ୍ତି। ଇତିମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ରେଳମନ୍ତ୍ରଣାଳୟ ଅନୁମତି ପରେ ଏହି ନୂତନ ରେଳଲାଇନ ଉପରେ ଯାତ୍ରୀ ଟ୍ରେନ୍ ଚଳାଇବା ନେଇ ଆମ୍ଭେମାନେ ଚାହିଁ ରହିଛୁ ବୋଲି ବିଧାୟକମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବିଧାୟକ ପ୍ରତାପ କେଶରୀ ଦେବ, ଧ୍ରୁବ ଚରଣ ସାହୁ, ଶଶିଭୂଷଣ ବେହେରା, ଅତନୁ ସବ୍ୟସାଚୀ ନାୟକ, ସାବିତ୍ରୀ ଅଗ୍ରୱାଲ ପ୍ରମୁଖ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି।

# ସାଇବର ସେଲ୍ ଖୋଲିଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ସାଇବର ଅପରାଧ ରୋକିବା ଲାଗି ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ଏକ ସାଇବର ସେଲ୍ ପ୍ରତିଷ୍ଠା କରାଯାଇଛି। ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟଠାରେ ଗୁରୁବାର ଏହି ସାଇବର ସେଲ୍‌କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ଉଦ୍‌ଘାଟନ କରିଥିଲେ। ଡିଜିଟାଲ ତଥ୍ୟ ଓ ପ୍ରମାଣ ସଂଗ୍ରହ ଏବଂ ସାଇବର ଅନୁସନ୍ଧାନ ପ୍ରଣାଳୀର ପ୍ରୟୋଗ ନିମନ୍ତେ ଏହି ସେଲ୍ ପ୍ରତିଷ୍ଠା କରାଯାଇଛି। ଅନଧିକୃତ ସଫ୍ଟୱେର ତଥା ଆପ୍ଲିକେଶନ ଦ୍ୱାରା ବେଆଇନ ଟ୍ରେନ ଟିକେଟ କାରବାର କରୁଥିବା ଠକଙ୍କୁ ଠାବ କରିବାରେ ଏହି ସେଲ୍ ବିଶେଷ ସହାୟକ ହେବ। ସେହିଭଳି ରେଳ କାର୍ଯ୍ୟାଳୟ ତଥା ଷ୍ଟେଶନ ପରିସରରୁ ରେଳପଥର ବିଭିନ୍ନ ସାମଗ୍ରୀ ଚୋରି କରିବା, ରେଳ ଫାଟକ ଆଦି ଭାଙ୍ଗି ପଳାଉଥିବା ଅଭିଯୁକ୍ତଙ୍କୁ ଧରିବାରେ ମଧ୍ୟ ସହଜ ହେବ।

ଅନ୍ୟପକ୍ଷରେ ଏହି ସେଲ୍ ଟ୍ରେନ୍ ଏବଂ ଷ୍ଟେଶନରେ ମହିଳା ଓ ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧ, ନିଶା କାରବାର, ଜଙ୍ଗଲଜାତ ଦ୍ରବ୍ୟର ଚୋରା କରବାର ଆଦି ଅପରାଧ ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରିବା ସହ ଅନ୍ୟ ଆଇନ ପ୍ରବର୍ତ୍ତନ ସଂସ୍ଥାଙ୍କୁ ପ୍ରଦାନ କରିବ। ରେଲ୍‌ୱେରେ ଘଟୁଥିବା ଅପରାଧକୁ ହ୍ରାସ କରିବା ସହ ଯାତ୍ରୀଙ୍କ ପାଇଁ ଅଧିକ ସୁରକ୍ଷିତ ବାତାବରଣ ଉପଲବ୍ଧ କରାଇବା ଏହାର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ କହିଛନ୍ତି। ଏହି ଅବସରରେ ସେ ବୃଦ୍ଧି ପାଉଥିବା ଅନ୍‌ଲାଇନ ଠକେଇକୁ ଧରିବା ପାଇଁ ସୁରକ୍ଷା କର୍ମଚାରୀଙ୍କୁ ଅଧିକ ବୈଷୟିକ ତାଲିମ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର, ମୁଖ୍ୟ ନିରାପତ୍ତା କମିଶନର ରାଜାରାମ, ଖୋର୍ଦ୍ଧାରୋଡ ଡିଆର୍‌ଏମ୍ ଶଶିକାନ୍ତ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଗଞ୍ଜାମ, ଛତ୍ରପୁର
DISTRICT RURAL DEVELOPMENT AGENCY, GANJAM, CHATRAPUR
Phone: (06811) 263965, EPBX: (06811) 263920, FAX: (06811) 263552
E-mail: ori-dganjam@nic.in

No. 9297
XXVII-7/20
Date: 24.07.2020

**NOTICE**

In response to this office notice published in the two dailies i.e. Sambad and Dharitri on 26.05.2020 regarding recruitment of GRSs for Ganjam district vide Advertisement No. 469/Dt.05.09.2019 and subsequent receive of objections filed by the candidates regarding non-compliances/non-submission of documents by them, it is hereby declared that "All the candidates who have submitted PGDCA Certificates obtained from an Non-Govt. Organization in lieu of Computer Proficiency, their candidature have been rejected for the Post of GRS as per Govt. guideline vide Letter No. 203, Dt.04.01.2020". In the said clarification of Govt. it is clarified that "The candidature of the candidates submitting PGDCA Certificates from organization other than Govt. recognized Institute/University shall not be considered".

As per the above instruction and on scrutiny of the applications recevied so far, only three candidates mentioned below have been selected for their candidature for the Post. Out of which two are BCA qualified from Berhampur University and one is a Diploma holder in Computer Science and Engineering from SCTE&VT, Odisha.

1. Subash Gamango, S/o. Bambudu Gamango - BCA under Berhampur University.
2. Sibaram Sabar, S/o. Mangulu Sabar - BCA under Berhampur University.
3. N. Sudarsan Pradhan, S/o. N. Panchu Pradhan - Diploma in Computer Science and Engineering under SCTE&VT, Odisha.

Further, those who have filed objections for non-submission of Certificates (Caste/ Resident/others) are informed accordingly that their candidatures are rejected due to the reason mentioned in above paragraph. No further clarification/claim will be entertained in future in this regard.

Sd./- Collector, Ganjam


# ଶହୀଦ ସପ୍ତାହରେ ହେଲା ପ୍ରଜାମେଳି

ମାଲକାନଗିରି, ୩୦।୭(ଡି.ଏନ୍.ଏ.)


ଶହୀଦ ସପ୍ତାହରେ ଏକାଠି ହୋଇଥିବା ଆଦିବାସୀ।

ମାଓବାଦୀମାନେ ଗତ ୨୮ରୁ ଶହୀଦ ସପ୍ତାହ ପାଳନ କରୁଛନ୍ତି। ଗୋଟିଏ ପଟେ ଶହୀଦ ସପ୍ତାହ ପାଳୁଥିବା ବେଳେ ଅନ୍ୟପଟେ ସ୍ୱାଭିମାନ ଅଞ୍ଚଳରେ ବଡ଼ଧରଣର ପ୍ରଜାମେଳି ହୋଇଥିବା ନଜରକୁ ଆସିଛି। ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଅଣ୍ଡ୍ରାପାଲି ଅଞ୍ଚଳରେ ଶତାଧିକ ଆଦିବାସୀ ଏକତ୍ରିତ ହୋଇ ସେଠାରେ ଅସ୍ଥାୟୀ ଶହୀଦ ସ୍ତୁପ ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିବା ମାଓବାଦୀମାନେ ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ ପାଇଁ ଲଢେଇ କରି ପ୍ରାଣବଳି ଦେଇଥିବାରୁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବା ସେମାନଙ୍କ ପକ୍ଷରୁ କୁହାଯାଇଛି। ଏହି ଅବସରରେ ମିଥ୍ୟା ଗଣତନ୍ତ୍ର ଆଳରେ ରାଜନେତା ଓ ପୁଞ୍ଜିପତିମାନେ ସାଧାରଣ ଲୋକଙ୍କୁ ଶୋଷଣ କରୁଥିବାରୁ ଗଣ ବିପ୍ଳବକୁ ଜାରି ରଖିବା, ବନବାସୀଙ୍କୁ ତାଙ୍କର ମୌଳିକ ଅଧିକାର ଦେବା, ଏହି ଅଧିକାରକୁ ସଂଘର୍ଷ ମାଧ୍ୟମରେ ହାସଲ କରିବାକୁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ସ୍ୱାଭିମାନ ଅଞ୍ଚଳରେ କିଛିଦିନ ଧରି ମାଓବାଦୀ ଓ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଏବେ ମାଓବାଦୀଙ୍କୁ ଖୋଲାଖୋଲି ବିରୋଧ କରିଛନ୍ତି ଏହି ବିପକ୍ଷବାଦୀ। ଏନେଇ ସେମାନେ ଏକ ପୋଷ୍ଟର ଲଗାଇଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ଶହୀଦ ସପ୍ତାହ ନୁହେଁ ନିନ୍ଦା ସପ୍ତାହ। ଏହି ନିନ୍ଦା ସପ୍ତାହକୁ ବିରୋଧୀ ପକ୍ଷ ଜୁଲାଇ ୩୦ରୁ ଅଗଷ୍ଟ ୫ ପର୍ଯ୍ୟନ୍ତ ପାଳନ କରିବ। ଅଞ୍ଚଳବାସୀ ଏହି ସପ୍ତାହକୁ ପ୍ରତ୍ୟାଖ୍ୟାନ କରିବା ସହ ମୃତ ମାଓବାଦୀମାନେ ଶହୀଦ ନୁହନ୍ତି ବୋଲି କୁହାଯାଇଛି। ଏମାନେ ଆମ ଆଦିବାସୀଙ୍କୁ ସୂଚନଦାତା ସନ୍ଦେହରେ ଅତୀତରେ ନିର୍ମମ ଭାବେ ହତ୍ୟା କରିଛନ୍ତି। ଅଞ୍ଚଳର ବିଦ୍ୟାଳୟ, କଲେଜ, ରାସ୍ତାଘାଟ, ଚିକିତ୍ସାଳୟ, ପଞ୍ଚାୟତ ଗୃହଗୁଡିକ ଧ୍ୱଂସ କରିଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ସେମାନଙ୍କୁ ସହଯୋଗ ନ କରିବାକୁ କୋରାପୁଟ ଜିଲା ଆଇଏନ୍‌ପିପିଏଫ୍ ପକ୍ଷରୁ କୁହାଯାଇଛି।


**CUTTACK MUNICIPAL CORPORATION**

Ref. 6373
Date 30.7.2020

**QUOTATION CALL NOTICE**

Secretary, Cuttack Municipal Corporation on behalf of Commissioner invites sealed quotation from the Registered Firm/Government Undertaking Firm/ Cooperative Organization/Suppliers/authorized dealers/ suppliers having valid GST for supply of different types of cartriges to the Office of the CMC as per the specification mentioned below. The quotationer should submit the quotation in the Office of CMC by 06.08.2020 upto 3.00 P.M. through Regd. Post or Speed Post only addressed to the Joint Commissioner, Cuttack Municipal Corporation, Choudhury Bazar, Cuttack-753009. The authority shall not be held responsible for the postal delay, if any, in the delivery of the documents and non-receipt of the same in time. The quotations shall be opened on 06.08.2020 at 4.00 P.M. in the Office of the Joint Commissioner, CMC, Choudhury Bazar, Cuttack in presence of the quotationer(s)/authorised representative(s) of the quotationer(s). The interested quotationer(s) may verify the detail size and specification of the form in the Record Room, CMC during the working hours.

The authority reserves the right to reject any or all the quotations without assigning any reason thereof.

| Sl.No. | Item | Make /Specification | Qty. |
|---|---|---|---|
| 1 | Catridge | HP-MFPE-72525 | 5 Nos. |
| 2 | Cartridge (Ink type) | EPSON-M2140 (ink type) | 25 Nos. |
| 3 | Cartridge | W9005 MC | 2 Nos. |

**Terms & conditions:**

1. The quotationer should submit the EMD @1% of the total quoted value in shape of Bank Draft in favour of Municipal Commissioner, Cuttack Municipal Corporation with quotation.
2. The quotationer should submit the quotation in the sealed envelope with detailed address quotation No. and date and subject of the quotation of the top of the envelope.
3. The quotationer should submit the up-to-date photo copies of GST, PAN No. & TIN No. must be accompanied with the quotation.
4. The rate should be inclusive of all taxes.
5. The materials should be supplied within 7 (seven) days from the date of issue of the supply order to the Record Room of CMC during office hour with own arrangement and risks.
6. The approved rate of the item shall remain valid for a period of one year from the date of issue of supply order.
7. The Municipal Commissioner, CMC reserves the right to reject or cancel the quotations without any reason thereof.

Sd./- SECRETARY



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SMS SENDING WORK
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 15000/- ରୁ 30000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
7326805892

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅକ୍ଟୋବର କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

କାମ ନ ହେଲେ ପୁରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଅଛି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165


# କୃଷି ବିଭାଗର 'ଦକ୍ଷତା' ଆପ୍ ପଞ୍ଚାୟତସ୍ତରକୁ ସମ୍ପ୍ରସାରିତ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

୫-ଟି ଲକ୍ଷ୍ୟ ହାସଲ ଲାଗି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ପ୍ରସ୍ତୁତ 'ଦକ୍ଷତା' ପୋର୍ଟାଲକୁ ଚଳିତ ଖରିଫ ଋତୁଠାରୁ ଗ୍ରାମପଞ୍ଚାୟତ ସ୍ତରକୁ ସମ୍ପ୍ରସାରିତ କରାଯିବ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ନିଷ୍ପତ୍ତି ନିଆଯାଇଛି। ଲୋକସେବା ଭବନଠାରେ ଅନୁଷ୍ଠିତ ଏହି ବୈଠକରେ କୃଷି ବିଭାଗ ସଚିବ ସୌରଭ ଗର୍ଗ 'ଦକ୍ଷତା' ପୋର୍ଟାଲର ବିଭିନ୍ନ ବୈଷୟିକ ଏବଂ ଏହାର ପ୍ରୟୋଗ ବିଷୟରେ ଆଲୋଚନା ଲାଗି ତଥ୍ୟ ଉପସ୍ଥାପିତ କରିଛନ୍ତି। ପୋର୍ଟାଲର ବିଭିନ୍ନ ବିଭାଗ ଏବଂ ମୂଲ୍ୟାୟନ ବିଷୟରେ ସମୀକ୍ଷା କରାଯାଇ ମୂଲ୍ୟାୟନ ମାନକଗୁଡିକୁ ପୂର୍ଣ୍ଣ ତଥ୍ୟ ଭିତ୍ତିକ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମୂଲ୍ୟାୟନ ପ୍ରକ୍ରିୟାରେ କୌଣସି ଅଧିକାରୀଙ୍କ ବ୍ୟକ୍ତିଗତ ମତାମତ ବା ବିଚାର ସ୍ଥାନିତ ନ କରି କ୍ଷେତ୍ରସ୍ତରରେ ହୋଇଥିବା ବାସ୍ତବ ବିକାଶ ଭିତ୍ତିକ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା କ୍ଷେତ୍ରସ୍ତରରେ ଯେଉଁମାନେ ଭଲ କାମ କରୁଛନ୍ତି ତାହା ଜଣାପଡ଼ିଯିବ। ଦକ୍ଷତା ପୋର୍ଟାଲର ମୌଳିକ ଢାଞ୍ଚାକୁ ନେଇ ନିଜ ନିଜ ବିଭାଗ ଲାଗି ସମାନ ପ୍ରକାର କାର୍ଯ୍ୟ ସମ୍ପାଦନ ପରିମାପକ ସଫ୍ଟୱେର ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତ୍ୟେକ ପ୍ରାମାଣିକ କୃଷି କାର୍ଯ୍ୟର ସ୍ଥାନ ଏବଂ ହିତାଧିକାରୀଙ୍କ ଜିଓ ଟ୍ୟାଗିଂକରି ଏହି ମୂଲ୍ୟାୟନ ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। କ୍ଷେତ୍ରସ୍ତର କାର୍ଯ୍ୟରତ ଅଧିକାରୀମାନଙ୍କ ପ୍ରାୟ ୪ଶହ ଟି ପରାମର୍ଶକୁ ଏଥିରେ ସମନ୍ୱିତ କରାଯାଇଛି। ଏହି ଅବସରରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ସୁରେଶ ବଶିଷ୍ଠ କହିଛନ୍ତି, କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଗ୍ରୁପ୍-ବି, ଗ୍ରୁପ୍-ସି ଅଧିକାରୀଙ୍କୁ ଦକ୍ଷତା ଅନ୍ତର୍ଭୁକ୍ତ କରାଯାଇଛି। ଅଧିକାରୀମାନଙ୍କ କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ ମୁଖ୍ୟତଃ କ୍ଷେତ୍ରସ୍ତରରେ ଯୋଜନା କାର୍ଯ୍ୟାନ୍ୱୟନ, ଅଗ୍ରାଧିକାର ସ୍କିମ୍‌ଗୁଡିକର କାର୍ଯ୍ୟକାରିତା ଏବଂ ବିପର୍ଯ୍ୟୟ ଆକଳନ ଓ ପରିଚାଳନା ଆଦି ବିଷୟରେ କରିବାକୁ ସ୍ଥିର ହୋଇଛି। ଏଥିଲାଗି ୧୦୦ ପୂର୍ଣ୍ଣ ସଂଖ୍ୟା ବିଶିଷ୍ଟ ପରିମାପକ ନିର୍ଦ୍ଧାରଣ କରାଯାଇଛି। ପ୍ରତ୍ୟେକ ମାସରେ ଏହି ଆକଳନ କରାଯିବ। ପୋର୍ଟାଲରେ 'କୃଷି ସମ୍ପ୍ରସାରଣ ଆପ୍' ଏବଂ 'ନିଷ୍ପତ୍ତି ସହାୟକ ବ୍ୟବସ୍ଥା' ଆପ୍ ମଧ୍ୟ ସନ୍ନିବେଶିତ କରାଯାଇଛି। କ୍ଷେତ୍ରସ୍ତରୀୟ କୃଷି ମୃତ୍ତିକା ସଂରକ୍ଷଣ ଏବଂ ଉଦ୍ୟାନ ଚାଷ ଅଧିକାରୀମାନେ ନିଜ ମୋବାଇଲ ଫୋନ ମାଧ୍ୟମରେ ତଥ୍ୟ ଅପ୍‌ଲୋଡ୍ କରିପାରିବେ ବୋଲି କୃଷି ନିର୍ଦ୍ଦେଶକ ମୁଥୁ କୁମାର କହିଛନ୍ତି।

## ବିପ୍ଲବଜିତ ଭଦ୍ରକ ଜିଲା ମାଟ୍ରିକ୍ ଟପ୍ପର

ପଦ୍ମପୁର(ଡି.ଏନ୍.ଏ.): ବାସୁଦେବପୁର ବ୍ଲକ ପଡୁଆଁ କୁମାରପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ବିପ୍ଲବଜିତ ମିଶ୍ର ଚଳିତ ମାଟ୍ରିକ ପରୀକ୍ଷାରେ ୫୭୧ ମାର୍କ ରଖି ଭଦ୍ରକ ଜିଲାରେ ଟପ୍ପର ହୋଇଛନ୍ତି। ବିବେକାନନ୍ଦ ନନ୍ଦ ମିଶ୍ର ଓ ସୁଷମା ମଞ୍ଜରୀଙ୍କ ପୁଅ ବିପ୍ଲବଜିତ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ମାନିତ କରାଯିବ ବୋଲି ବିଇଓ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୩ ଜଣଙ୍କ ଘରୁ ଟଙ୍କା,ସୁନା ଚୋରି

ଠାକୁରମୁଣ୍ଡା,୩୦।୭(ଡି.ଏନ.ଏ.): ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଗୁରୁବାର ୩ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି ହୋଇଛି। ଗୋଟିଏ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ଟଙ୍କା ଓ ସୁନା ଗହଣା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି। ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଖଣ୍ଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମକୁ ପୂର୍ବାହ୍ନ ୧୧ ଟା ସମୟରେ ଏକ ବାଇକ୍‌ରେ ୩ ଯୁବକ ଆସି କେହି ନ ଥିବାର ସୁଯୋଗ ନେଇ ଗ୍ରାମର ବଳରାମ ମହାନ୍ତଙ୍କ ଘର ତାଲା ଭାଙ୍ଗି ବାକ୍ସରେ ଥିବା ୭୦ ହଜାର ଟଙ୍କା ମୂଲ୍ୟର ସୁନା ଗହଣା ଚୋରି କରି ନେଇଥିଲେ। ପରେ ସେଠାରୁ ପ୍ରାୟ ୭ କିମି ଦୂର କଳିଆଜିଆଣି ଗ୍ରାମକୁ ଆସି ରଞ୍ଜିତ ପାଲିଆଙ୍କ ଘରୁ ୨୫ ହଜାର ଟଙ୍କା ଚୋରି କରି ନେଇଥିଲେ। ପୁଣି ସେଠାରୁ ପ୍ରାୟ ୫ କି.ମି ଦୂର ଅସନବଣି ଗ୍ରାମର କାର୍ତ୍ତିକ ମହାନ୍ତଙ୍କ ଘରୁ ୨୭ ହଜାର ଟଙ୍କା ସହ ୪୦ ହଜାର ଟଙ୍କାର ସୁନା ଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି।

### ପୋଖରୀରେ ବୁଡ଼ି ଶିଶୁ ମୃତ

ରୂପ୍‌ସା, ୩୦।୭(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ସାର୍ଥା ଫାଣ୍ଡି ଅନ୍ତର୍ଗତ ସାର୍ଥାବିନ୍ଧା ଗ୍ରାମର ଦେଢ଼ବର୍ଷର ଶିଶୁ ବୁଧବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏ ସଂକ୍ରାନ୍ତରେ ସିଂଲା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୮/୨୦) ରୁଜୁ କରିଛି। ଶିଶୁଟି ଖେଳୁଥିବା ବେଳେ ଅସାବଧାନତା ବଶତଃ ଘର ପାଖ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପୋଖରୀରୁ ଶିଶୁକୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

### ୩ ବଖରା ପୋଡ଼ିଗଲା

ଖଇରା, ୩୦।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଝାଟିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋବିନ୍ଦ ଗୋପାଳ ବେହେରାଙ୍କର ୩ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ପରିବାରର ଅଧିକାଂଶ ସଦସ୍ୟ ବିଲକୁ ଧାନ ରୋଇବା ପାଇଁ ଚାଲିଯାଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିବାରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଖବରପାଇ ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ସଦର ତଳକିଆ ପଞ୍ଚାୟତ ହେଲା କଣ୍ଟେନମେଣ୍ଟ ଜୋନ୍

ଔପଦା, ୩୦।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ପଞ୍ଚାୟତରେ କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସଦର ତଳକିଆ ପଞ୍ଚାୟତରେ ଜଣେ କରୋନା ପଜିଟିଭଙ୍କ ମୃତ୍ୟୁ ଓ ପରେ ୪ଜଣ ନୂଆ ଚିହ୍ନଟ ହେବା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଏଣୁ ଶୁକ୍ରବାର ପୂର୍ବାହ୍ନଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ୭୨ଘଣ୍ଟା ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ଜନସାଧାରଣଙ୍କୁ ସହଯୋଗ କରିବାକୁ ପ୍ରଶାସନ ତରଫରୁ ନିବେଦନ କରାଯାଇଛି।

# ଛାତ ପାଲଟିଛି ବଗିଚା

ବାରିପଦା ଅଫିସ, ୩୦।୭



ବଗିଚାର ଯତ୍ନ ନେଉଛନ୍ତି ଧରଣୀ।

ପରିବେଶ ପ୍ରତି ଦୁର୍ବଳତା ରହିଛି ତାଙ୍କର। ସେଥିପାଇଁ ନିଜ ଛାତ ଉପରେ ତିଆରି କରିଛନ୍ତି ସୁନ୍ଦର ବଗିଚା। ଏହି ବଗିଚାରେ ଭଳିକି ଭଳି ଫୁଲ ଓ ଫଳ ସାଙ୍ଗକୁ ରହିଛି ପନପରିବା ଗଛର ସମ୍ଭାର। ଏହି ବଗିଚାକୁ ଦେଖିଲେ ଯେ କେହି ବି କ୍ଷଣିକ ପାଇଁ ଅଟକିଯିବେ। ଛାତ ଉପରେ ଏହିଭଳି ବଗିଚା ତିଆରି କରିଛନ୍ତି ବାରିପଦା ପୌରପରିଷଦ ଅଧୀନ ୫ନଂ. ୱାର୍ଡ଼ ସୁରୂପନଗରର ବାସିନ୍ଦା ଧରଣୀ କୁମାର ଦେ। ଏହି ବଗିଚାକୁ ଦେଖିଲେ ଜଣାପଡ଼େ ଧରଣୀଙ୍କ ପରିବେଶ ପ୍ରତି ଭଲ ପାଇବା କେତେ। ସପେଟା, ପିଜୁଳି, ଆମ୍ବ, ନଡ଼ିଆ, ଡାଳିମ୍ବ, ବରକୋଳି, ଲେମ୍ବୁ, ଭେଣ୍ଡି, ପୋଇ, ପୋଟଳ, ଗୋଲାପ, ଗେଣ୍ଡୁ ଫୁଲ, ଧନିଆ ପତ୍ର, ଲଙ୍କା ଆଦି ୪୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଫୁଲ, ଫଳ ଓ ପନିପରିବା ଗଛ ଲଗାଇଛନ୍ତି। କେବଳ ସେତିକି ନୁହେଁ ଥାଲକୁଡ଼ି, ଅଶ୍ୱଗନ୍ଧା ଭଳି ଔଷଧୀୟ ବୃକ୍ଷ ମଧ୍ୟ ଲଗାଇଛନ୍ତି ସେ। ଧରଣୀ କୁହନ୍ତି ଯେ, ପିଲାଦିନୁ ଗଛ ପ୍ରତି ତାଙ୍କର ଦୁର୍ବଳତା ଥିଲା। ସହରରେ ରହୁଥିବା ହେତୁ ଗଛ ଲଗାଇବା ପାଇଁ ଜାଗାର ଅଭାବ ଦେଖାଦେଲା। ତେଣୁ ଛାତ ଉପରେ ସେ ବଗିଚା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ମାଟି କୁଣ୍ଡରେ ବିଭିନ୍ନ ଗଛ ଲଗାଇଥିଲେ। ମାତ୍ର ମାଟିକୁଣ୍ଡ ଅଳ୍ପ ଦିନ ପରେ ନଷ୍ଟ ହୋଇଯାଉଥିଲା।

### ଲାଗିଛି ଭଳିକି ଭଳି ଫୁଲ, ଫଳ, ପନିପରିବା ଗଛ

ଏବେ ସେ ପ୍ଲାଷ୍ଟିକ୍ କୁଣ୍ଡରେ ବିଭିନ୍ନ ପ୍ରକାର ଗଛ ଲଗାଇଛନ୍ତି। ବଜାରରେ ମିଳୁଥିବା ପନିପରିବାରେ ରାସାୟନିକ ସାର ଦିଆଯାଉଥିବା ବେଳେ ତାହା ଦେହ ପାଇଁ କ୍ଷତିକାରକ। କିନ୍ତୁ ଜୈବିକ ସାର ବ୍ୟବହାର କରି ନିଜେ ଚାଷ କଲେ ସେଥିରୁ ମୁକ୍ତି ମିଳିବ। ଛାତରେ ବଗିଚା କରିବା ପାଇଁ କମ୍ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପରିଶ୍ରମ ମଧ୍ୟ କମ୍। ଗୋଟିଏ ପରିବାର ପାଇଁ ଯେତିକି ଆବଶ୍ୟକ ସେତିକି ପନିପରିବା ଆରାମରେ ଚାଷରୁ ମିଳିଯିବ। ଜଣେ ଚାହିଁଲେ ନିଜ ଛାତ ଉପରେ ସୁନ୍ଦର ବଗିଚାଟିଏ କରିପାରିବ। ବର୍ଷ ସାରା ତାଙ୍କୁ ପନିପରିବା କିଣିବା ପାଇଁ ପଡ଼ୁ ନ ଥିବା ସେ କହିଛନ୍ତି। ଋତୁ ଅନୁସାରେ ସେ ପନିପରିବା ଚାଷ କରନ୍ତି। ଶୀତ ଋତୁରେ ଫୁଲ କୋବି, ବନ୍ଧାକୋବି, ଗାଜର, ମୂଳା, କଖାରୁ ଆଦି ଚାଷ କରିଛନ୍ତି। ଗତ ବର୍ଷ ତାଙ୍କର ୧୨ କେଜି ଓଜନର ଦୁଇଟି କଖାରୁ ହୋଇଥିଲା। ଯେଉଁଦିନ ଅଧିକ ପରିବା ବାହାରେ ସେଦିନ ସେ ସାହିପଡ଼ିଶାଙ୍କୁ ବାଣ୍ଟି ଦିଅନ୍ତି। ପେଶାରେ ଧରଣୀ ଜଣେ ବ୍ୟବସାୟୀ। ବାରିପଦା ଗାନ୍ଧୀ ମାର୍କେଟରେ ତାଙ୍କର ଏକ ଆସବାବପତ୍ର ଦୋକାନ ରହିଥିବା ବେଳେ ନିଶାରେ କିନ୍ତୁ ସେ ଜଣେ ପରିବେଶ ପ୍ରେମୀ। ପ୍ରତିଦିନ ସକାଳ ୬ଟାରୁ ୮ଟା ସେ ବଗିଚାର କାମ କରନ୍ତି। ଏହା ପରେ ସେ ଦୋକାନକୁ ଯାଆନ୍ତି। ସନ୍ଧ୍ୟାବେଳେ ଧରଣୀଙ୍କ ସ୍ତ୍ରୀ ମନୋରମା ଗଛର ଯତ୍ନ ନିଅନ୍ତି। ଏହିଭଳି ପରିବେଶ ପ୍ରତି ତାଙ୍କ ଭଲ ପାଇବା ଯୋଗୁ ନିଜ ଅଞ୍ଚଳରେ ଗଛ ପ୍ରେମୀ ଭାବେ ସେ ଖୁବ୍ ଜଣାଶୁଣା।

# ଲେମ୍ବୁଚାଷ ଦେଇଛି ଆତ୍ମସନ୍ତୋଷ

ସନ୍ତୋଷ କୁମାର ନାୟକ
ସିମୁଳିଆ, ୩୦।୭

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କହ୍ନେଇବିନ୍ଧା ପଞ୍ଚାୟତ ଅଧୀନ କଇଁଶୀ ଗ୍ରାମର ସୁରେନ୍ଦ୍ର ପ୍ରସାଦ ସେନାପତି(୬୫) ଲେମ୍ବୁଚାଷ କରି ବାର୍ଷିକ ୮୦ହଜାର ଟଙ୍କା ଆୟ କରୁଛନ୍ତି। ଏହି ଟଙ୍କାରେ ତାଙ୍କ ଖର୍ଚ୍ଚ ଉଠିଯାଉଥିବାରୁ ଆତ୍ମସନ୍ତୋଷ ମିଳୁଥିବା ସେ ପ୍ରକାଶ କରିଛନ୍ତି।

ସୁରେନ୍ଦ୍ର କୁହନ୍ତି, ବେତଡା ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ଘରର ୯ ଏକର ଜମିର ଦାୟିତ୍ୱ ନେଇ ଧାନ ଚାଷ ଆରମ୍ଭ କରିଥିଲେ। ତାଙ୍କ ବାପା ଉପେନ୍ଦ୍ର ଓ ବଡବାପା ସୁଦର୍ଶନ ଘର ପାଖ ବାଡିରେ କିଛି ଲେମ୍ବୁ ଚାରା ଲଗାଇଥିଲେ। ପରେ ଏହା ପ୍ରତ୍ୟେକ ଡାଳରୁ ଚେର କାଢି କ୍ରମଶଃ ବଢି ବଢି ୩ଶହ ଗଛରେ ପହଞ୍ଚିଛି। ତେବେ ଆଗପଛ ହୋଇ ଡିସେମ୍ବରରୁ ଲେମ୍ବୁଗଛରେ ଫୁଲ ଆସି ଫଳ ଧରେ। ଏପ୍ରିଲରୁ ଲେମ୍ବୁ ବିକ୍ରି ଆରମ୍ଭ ହୋଇଥାଏ। ଶହେ ଲେମ୍ବୁର ଦାମ ଶହେରୁ ଦେଢଶହ ଟଙ୍କାରେ ବିକ୍ରୀ ହୋଇଥାଏ। ବାର୍ଷିକ ପ୍ରାୟ ୧୫ହଜାର ଟଙ୍କା ଖର୍ଚ୍ଚ କରି ଏଥିରୁ ସେ ୮୦ହଜାର ଟଙ୍କା ଲାଭ କରୁଛନ୍ତି। ଲେମ୍ବୁ ବଗିଚା ମଧ୍ୟରେ ସେ ଲଙ୍କା, କଦଳୀ ଇତ୍ୟାଦି ବିଭିନ୍ନ କିସମର ଫସଲ କରିଛନ୍ତି। ବର୍ତ୍ତମାନ ଧାନ ଚାଷରେ ସେମିତି ଲାଭ ହେଉ ନ ଥିବାରୁ ସେ ଅନ୍ୟମାନଙ୍କୁ ଭାଗଚାଷ କରିବା ପାଇଁ ଦେଇ କେବଳ ଲେମ୍ବୁ ଚାଷ କରୁଛନ୍ତି। ତାଙ୍କର ୩ଝିଅ ଓ ଦୁଇ ପୁଅଙ୍କ ବିବାହ କାର୍ଯ୍ୟ ସରିଥିବା ବେଳେ ବଡପୁଅ ଜଣେ ଆଇନଜୀବୀ ଓ ସାନ ପୁଅ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ପରିବାର ଚାପ ତାଙ୍କ ଉପରେ ନ ଥିବାରୁ ଲେମ୍ବୁ ଚାଷ ତାଙ୍କ ହାତ ଖର୍ଚ୍ଚ ଚଳାଇନେଉଛି। ତେବେ କୃଷିମନସ୍କ ଯୁବତୀ ଯୁବକମାନେ ଲେମ୍ବୁ ଚାଷକୁ ଆଦରି ନେଇପାରିଲେ ଲାଭବାନ ହେବେ ବୋଲି କହନ୍ତି ସୁରେନ୍ଦ୍ର।



ନିଜ ଲେମ୍ବୁ ବାଡି ମଧ୍ୟରେ ସୁରେନ୍ଦ୍ର।

# ଗରିବ ଆଦିବାସୀ ପରିବାରକୁ ମିଳୁନି ରାଶନକାର୍ଡ



ବିଡିଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଡପୋଖରୀ ପଞ୍ଚାୟତବାସୀ।

ଖଇରା, ୩୦।୭(ଡି.ଏନ.ଏ.)

ରାଶନକାର୍ଡ ପ୍ରଦାନରେ ପାତରଅନ୍ତର ଅଭିଯୋଗରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ପଞ୍ଚାୟତ ବିଭିନ୍ନ ଗ୍ରାମର ବାସିନ୍ଦା ମଙ୍ଗଳବାର ଖଇରା ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଧାରଣାକାରୀଙ୍କ ସହ ଆଲୋଚନା କରି ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ରାଶନକାର୍ଡ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଶତାଧିକ ଗ୍ରାମବାସୀ

### ଗଡ଼ପୋଖରୀ ପଞ୍ଚାୟତବାସୀଙ୍କ ଧାରଣା

ଧାରଣାସ୍ଥଳରୁ ଉଠିଥିଲେ। ଜିଲା ପରିଷଦ ସଭ୍ୟା କଳ୍ପନା ନାଇକଙ୍କ ଅଭିଯୋଗ ଅନୁଯାୟୀ ନିକଟରେ ଉକ୍ତ ପଞ୍ଚାୟତର ପାଖାପାଖି ୫୦ଜଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିବା ବେଳେ ସମସ୍ତେ ଧନୀ ଶ୍ରେଣୀର ଅଟନ୍ତି। ଗରିବ ଆଦିବାସୀମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ଏ ସମ୍ପର୍କରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଲିଖିତ ଭାବେ ଜଣାଇସାରିଛନ୍ତି। ଏ ପର୍ଯ୍ୟନ୍ତ ଅଭାବୀ ପରିବାରଗୁଡିକ ପ୍ରତି ନ୍ୟାୟ ନ ମିଳିବା ପ୍ରତିବାଦରେ ଲୋକମାନଙ୍କ ସହ ସେ ଧାରଣାରେ ବସିବାକୁ ବାଧ୍ୟ ହୋଇଥିଲେ ବୋଲି କହିଛନ୍ତି। ବିଜୟ ବାରିକଙ୍କ ସମେତ ଭୁଦେଇଶୁଳ, ଗଗୁଆ, ଗଡପୋଖରୀ, ଗୁଆପାଳ, ଶରତ ଆଦି ଗ୍ରାମର ଶତାଧିକ ଗ୍ରାମବାସୀ ଏହି ଧାରଣାରେ ସାମିଲ ହୋଇଥିଲେ।

# ଉଠା ଦୋକାନୀଙ୍କ ସ୍ୱାବ୍ ଟେଷ୍ଟ କରାଇଲା ପ୍ରଶାସନ

ବାସୁଦେବପୁର, ୩୦।୭(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ମୁଖ୍ୟ ବାସୁଦେବପୁର ସହର ମେଡିକାଲ ସାମ୍ନାରେ ଜିଲା ପ୍ରଶାସନ ନିର୍ଦ୍ଦେଶ ଓ ପୌରପାଳିକା ସହଯୋଗରେ ସହର ମଧ୍ୟରେ ଥିବା ଉଠା ଦୋକାନୀ, ବୁଲା ବିକାଳି ମାନଙ୍କର କରୋନା ସ୍ୱାବ୍ ଟେଷ୍ଟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫୦ ଉଠା ଦୋକାନୀଙ୍କର ସ୍ୱାବ୍ ଭଦ୍ରକର ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍ ସଂଗ୍ରହ କରିଛି। ଉଠା ଦୋକାନୀ ଓ ବୁଲା ବିକାଳୀ କ୍ଷେତ୍ରରେ ଏହା ହେଉଛି ପ୍ରଥମ କରୋନା ସ୍ୱାବ୍ ଟେଷ୍ଟ। ଏହି ସ୍ୱାବ ଟେଷ୍ଟ ବେଳେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନା, ଆଇଆଇସି ପ୍ରଦୀପ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପୌର କର୍ମଚାରୀ ତଥା କୋଭିଡ ପରିଚାଳନା ଦାୟିତ୍ୱରେ ଥିବା ଲଲାଟେନ୍ଦୁ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ

କେନ୍ଦୁଝର, ୩୦।୭ (ସ୍ୱ.ପ୍ର.)

କେନ୍ଦୁଝରରେ ଦ୍ୱିତୀୟ କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ସ୍ଥାନୀୟ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ୩୦୦ ସିଟ୍ ବିଶିଷ୍ଟ ବାଳକ ହଷ୍ଟେଲକୁ ଜିଲା ପ୍ରଶାସନ କୋଭିଡ୍ କେୟାର ସେଣ୍ଟର କରାଯାଇଛି। ଲକ୍ଷଣ କମ୍ ଥିବା ଆକ୍ରାନ୍ତଙ୍କୁ ଏଠାରେ ରଖାଯାଇ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି। ଜିଲାରେ ବୃଦ୍ଧି ପାଉଥିବା କରୋନା ପଜିଟିଭ ସଂଖ୍ୟାକୁ ଦେଖି ଜିଲା ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛନ୍ତି। ଜିଲାରେ ସମୁଦାୟ କରୋନା ପଜିଟିଭ ସଂଖ୍ୟା ୭୪୧ରେ ପହଞ୍ଚିଛି। ଏନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି।

# ଶିକ୍ଷୟିତ୍ରୀଶିକ୍ଷକ ସମ୍ମାନିତ

ବାଲେଶ୍ୱର ଅଫିସ, ୩୦।୭

ବାଲେଶ୍ୱର ଜିଲା ସେଣ୍ଟ୍ରାଲ ସ୍କୁଲ ଛକ ନିକଟସ୍ଥ ଶ୍ରୀଜଗନ୍ନାଥ ଆବାସିକ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳାଫଳ ଶତପ୍ରତିଶତ ହୋଇଥିବାରୁ ଗୁରୁବାର ଶ୍ରୀଜଗନ୍ନାଥ ଏଜୁକେଶନାଲ ଫାଉଣ୍ଡେସନ୍ ଟ୍ରଷ୍ଟ ତରଫରୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟ ମୋଟ୍ ୫୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୮ଜଣ ୭୦ରୁ ୮୦ପ୍ରତିଶତ, ୨୫ଜଣ ୬୦ରୁ ୭୦ପ୍ରତିଶତ ରଖି ପାସ୍ କରିଛନ୍ତି। ଏହାସହ ଅନ୍ୟ ସମସ୍ତେ ପାସ୍ କରିଛନ୍ତି। ଟ୍ରଷ୍ଟ ତରଫରୁ ଚେୟାରମ୍ୟାନ୍ ଗଙ୍ଗାଧର ଜେନା, ସମ୍ପାଦିକା ଲକ୍ଷ୍ମୀପ୍ରିୟା ଜେନା, ଉପଦେଷ୍ଟା କମିଟିର ସଭ୍ୟ ଚତୁର୍ଭୁଜ ମଲ୍ଲିକ ଓ ଅନ୍ୟାନ୍ୟ ସଭ୍ୟାସଭ୍ୟମାନଙ୍କ ସହ ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନାରାୟଣ ମହାପାତ୍ର, ନିତ୍ୟାନନ୍ଦ ପାତ୍ର, ଶେଖ୍ ମୁସ୍ତାକ ଅଲ୍ଲୀ, ବିକାଶ ପରିଡ଼ା, ପ୍ରଶାନ୍ତ ସାହୁ, ଅନ୍ନପୂର୍ଣ୍ଣା ସେଠୀ, ଦୟାନିଧି ପାଣିଗ୍ରାହୀ, ସୁଶ୍ରୀ ଗୀତାଞ୍ଜଳି ଦାସ, ଅନୀଲ କୁମାର ଜେନା, ପର୍ଶୁରାମ ସେଠୀ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଧନ୍ୟବାଦ ଦେବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଅଭିଭାବିକା/ଅଭିଭାବକମାନେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

# ବେଆଇନ କରତକଳରେ ଚଢ଼ାଉ

ଭୋଗରାଇ, ୩୦।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଆଉସା ଗ୍ରାମରେ ଦୀର୍ଘ ଦୁଇବର୍ଷ ଧରି ଚାଲିଆସୁଥିବା ବେଆଇନ କରତକଳରେ ଗୁରୁବାର ସକାଳେ ବନବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଥିଲା। ଜିଲା ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର, ଭୋଗରାଇ ବନବିଭାଗ, ପୋଲିସ

### ୮ ଲକ୍ଷରୁ ଊର୍ଦ୍ଧ୍ୱ ଯନ୍ତ୍ରାଂଶ, କାଠ ଜବତ

କର୍ମଚାରୀ ଏବଂ ତହସିଲଦାର ମିଳିତ ଭାବେ ଚଢ଼ାଉରେ ସାମିଲ ଥିଲେ। ଚଢ଼ାଉବେଳେ କରତକଳ ମାଲିକ ଓ କର୍ମଚାରୀ ଘଟଣାସ୍ଥଳରୁ କୌଶଳକ୍ରମେ ଚମ୍ପଟ ମାରିଥିଲେ। ବନବିଭାଗ ପକ୍ଷରୁ ୮ଲକ୍ଷରୁ ଊର୍ଦ୍ଧ୍ୱ କରତକଳ ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ କରାଯାଇଥିଲା। ଅପରପକ୍ଷରେ ଭୋଗରାଇ ଓ ଜଳେଶ୍ୱରରେ ବହୁ ବେଆଇନ କରତକଳ ବନବିଭାଗ ଜ୍ଞାତସାରରେ ଚାଲୁ ରହିଥିବା ଅଭିଯୋଗ ହୋଇଆସୁଥିବା ବେଳେ ବନବିଭାଗର ସ୍ୱଚ୍ଛତା ପ୍ରତି ପ୍ରଶ୍ନ ଉଠିଛି।

# ନାବାଳିକାଙ୍କ ଆତ୍ମହତ୍ୟା

ବାହାନଗା, ୩୦।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ଗତ ମଙ୍ଗଳବାର ବିଳମ୍ବିତ ରାତିରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ତାଙ୍କୁ ପରିବାର ଲୋକେ ଦେଖି ସଙ୍ଗେ ସଙ୍ଗେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସାନଦହପଡ଼ା ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା



ଗ୍ରାମର ପ୍ରବେଶ ପଥକୁ ସିଲ୍ କରାଯାଇଛି।

ବାଲେଶ୍ୱର ଅଫିସ,୩୦।୭

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦହପଡ଼ା ପଞ୍ଚାୟତ ସାନଦହପଡ଼ା ଗ୍ରାମରେ ୧୪ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିଲାପ୍ରଶାସନ ପକ୍ଷରୁ ଗୁରୁବାର ମଧ୍ୟାହ୍ନ ୧୨ଟାରୁ ଆସନ୍ତା ଅଗଷ୍ଟ ୬ତାରିଖ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୭ଦିନିଆ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

ଗତ ରବିବାର ଉକ୍ତ ଗ୍ରାମର କରୋନା ଯୋଦ୍ଧା ଭାବେ କାର୍ଯ୍ୟ କରୁଥିବା ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ପରିବାରର ଅନ୍ୟ ୨ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେମାନଙ୍କ କଣ୍ଟାକ୍ଟ

### ୧୪ ପଜିଟିଭ୍ ଚିହ୍ନଟ ପରେ ପଦକ୍ଷେପ

ଟ୍ରେସିଂ ଆରମ୍ଭ କରାଯାଇ ଉକ୍ତ ଗ୍ରାମକୁ ସାନିଟାଇଜ୍ କରାଯାଇଥିଲା। ବୁଧବାର ଉକ୍ତ ଗ୍ରାମରେ ଜିଲା ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ଆକ୍ରାନ୍ତଙ୍କ ପରିବାର ସଦସ୍ୟଙ୍କ ସମେତ କିଛି ପଡ଼ୋଶୀଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଥିଲା। ଗୁରୁବାର ଉକ୍ତ ସ୍ୱାବରୁ ୧୧ ଜଣ କରୋନା ଆକ୍ରାନ୍ତ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କୁ ଜିଲା କୋଭିଡ୍ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଉକ୍ତ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇ ଗ୍ରାମର ପ୍ରବେଶ ପାଇଁ ଥିବା ଦୁଇଟି ରାସ୍ତାକୁ ସରପଞ୍ଚ ସୃଷ୍ଟିଧର ଦାସଙ୍କ ଉପସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି। ସେଠାରେ ୧ ପ୍ଲାଟୁନ ପୋଲିସ ଫୋର୍ସ ରୋଟେଶନ୍ ଦ୍ୱାରା କାର୍ଯ୍ୟରେ ମୁତୟନ କରାଯାଇଛି।

# ସମର୍ଥକଙ୍କ ସହ ଧାରଣାରେ ବସିଲେ ବିଧାୟକ

ବୈଶିଙ୍ଗା,୩୦।୭(ଡି.ଏନ.ଏ.)

ବେତନଟୀ ତହସିଲ୍‌ର ପୂର୍ବତନ ତହସିଲ୍‌ଦାର ଅନୀସା ଦାସଙ୍କ ଗିରଫ ଦାବିରେ ବୈଶିଙ୍ଗା ଥାନା ପରିସରରେ ସମର୍ଥକଙ୍କ ସହ ବିଧାୟକ ସନାତନ ବିଜୁଳି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ସୂଚନା ଅନୁଯାୟୀ, ନିଜ ପଦବୀର ଅପବ୍ୟବହାର କରି ତହସିଲଦାର ଦାସ ଶାସକ ଦଳର କେତେକ କର୍ମୀଙ୍କ ସହାୟତାରେ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣରେ ସମ୍ପୃକ୍ତ ଥିବା ନେଇ ବୈଶିଙ୍ଗା ଥାନାରେ ମୋଟ ୫ଜଣଙ୍କ ନାମରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୫୯/୨୦) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଅଭିଜିତ ମହଲ, ଶିବାଶିଷ ନାଥ ଓ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର



ଥାନା ସମ୍ମୁଖରେ ସମର୍ଥକଙ୍କ ସହ ବିଧାୟକ ଧାରଣାରେ ବସିଛନ୍ତି।

### ପୂର୍ବତନ ବେତନଟୀ ତହସିଲ୍‌ଦାରଙ୍କ ଗିରଫ ଦାବି ତେଜିଲା

ଅଛନ୍ତି। ତେବେ ପୂର୍ବତନ ବେତନଟୀ ତହସିଲଦାର ଦାସଙ୍କୁ ସରକାର ନିଲମ୍ବନ କରିଥିବା ବେଳେ ପୋଲିସ ତାଙ୍କୁ ଗିରଫ କରୁନାହିଁ। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ସହ ତହସିଲଦାରଙ୍କ ଗିରଫ ଦାବିରେ ଏହି ଧାରଣାରେ ଆରମ୍ଭ ହୋଇଛି। ବିଧାୟକଙ୍କ ସହ ଜିଲା ଭାଜପା ସଭାପତି କାନ୍ଡ୍ରା ସୋରେନ୍, ବୈଶିଙ୍ଗା ଜିଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ଜୋନ ଭାଜପା ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତ, ବେତନଟୀ ବ୍ଲକ ଅଧ୍ୟକ୍ଷ କାଳୀଚରଣ ସୋରେନ୍, ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରତିନିଧି ପ୍ରଦୀପ କୁମାର ପରିଡ଼ା, ବଡ଼ସାହି ଭାଜପା ମଣ୍ଡଳ ସଭାପତି ମାନସ କୁମାର ଗିରି, ରାସଗୋବିନ୍ଦପୁର ମଣ୍ଡଳ ସଭାପତି ପୁରୁଷୋତ୍ତମ ଦେ, ବେତନଟୀ ମଣ୍ଡଳ ସଭାପତି ରାଜ କିଶୋର ସାହା, ୩୭ ନଂ. ଜିଲା ପରିଷଦ ସଭ୍ୟା ସଂଯୁକ୍ତା ରାଉତ ଏବଂ ବହୁ ସଂଖ୍ୟକ ଯୁବମୋର୍ଚ୍ଚା କର୍ମକର୍ତ୍ତା ଏହି ଧାରଣାରେ ସାମିଲ ହୋଇଛନ୍ତି।

# ଦିଲ୍ଲୀରେ ୮.୩୬ ଟଙ୍କା କମିଲା ଡିଜେଲ

ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୭



- ୧୬.୭୫%କୁ ଖସାଇଲେ ଭାଟ୍
- ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ
- ଓଡ଼ିଶାରେ ଭାଟ୍ ହ୍ରାସ ନେଇ ଦାବି

କରୋନା କାଳରେ ପେଟ୍ରୋଲ ଡିଜେଲ ଦର ଉଚ୍ଚରେ ରହିବା ଯୋଗୁ ଏହାଦ୍ୱାରା ଲୋକମାନେ ଅତିଷ୍ଠ ହୋଇଯାଇଛନ୍ତି। ଉଭୟ ପେଟ୍ରୋଲ ଓ ଡିଜେଲରେ ଲଗାତର ଦର ବୃଦ୍ଧି ପରେ ପେଟ୍ରୋଲ ଦର ଗତ କିଛିଦିନ ହେବ ଅପରିବର୍ତ୍ତିତ ରହିଛି। ଅପରପକ୍ଷରେ ଡିଜେଲ ଦରରେ ବିରତି ଲାଗି ପାରିନାହିଁ। ମଝିରେ ମଝିରେ ଡିଜେଲ ଦରରେ ପରିବର୍ତ୍ତନ ଦେଖାଯାଉଛି। ନୂଆଦିଲ୍ଲୀରେ ଡିଜେଲ ରେକର୍ଡ ସ୍ତରରେ ରହିଥିବା ବେଳେ ବର୍ତ୍ତମାନ ସେଠାକାର ଲୋକଙ୍କୁ ଆଶ୍ୱସ୍ତି ମିଳିବ। ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଡିଜେଲ ଉପରେ ଭାଲ୍ୟୁ ଆଡେଡ୍ ଟାକ୍ସ(ଭାଟ୍)କୁ ୩୦%ରୁ ୧୬.୭୫%କୁ ହ୍ରାସ କରିଛନ୍ତି। ଫଳରେ ଏଠାରେ ଡିଜେଲ ଦର ୮.୩୬ ଟଙ୍କା ଶସ୍ତା ହୋଇଛି। ଏଭଳି ପଦକ୍ଷେପ ଦିଲ୍ଲୀର ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ଭର୍ଚୁଆଲ ଖବରଦାତା କାର୍ଯ୍ୟକ୍ରମରେ କେଜ୍‌ରିୱାଲ ସୂଚନା ଦେଇଛନ୍ତି। ଓଡ଼ିଶାରେ ମଧ୍ୟ ପେଟ୍ରୋଲ ଡିଜେଲ ଉପରେ ଉଚ୍ଚ ପରିମାଣର ଭାଟ୍ ଲାଗୁ ହେଉଥିବାରୁ ଏହା ସାଧାରଣ ଜନତା ଏବଂ ଶିଳ୍ପଜଗତ ଲାଗି ସମସ୍ୟା ସୃଷ୍ଟି କରୁଛି। ଫଳରେ ଭାଟ୍ ହ୍ରାସ କରିବା ଲାଗି ଦାବି ହୋଇଛି।

ଭାଟ୍ ହ୍ରାସ ସମ୍ପର୍କରେ କେଜ୍‌ରିୱାଲ କହିଛନ୍ତି ଯେ, ଦିଲ୍ଲୀ ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବାକୁ ବର୍ତ୍ତମାନ ବଡ ଚ୍ୟାଲେଞ୍ଜ ସାମ୍ନାକୁ ଆସିଛି। ଏଥିଲାଗି ଲୋକଙ୍କ ସହଯୋଗ ଆବଶ୍ୟକତା ରହିଛି। ଏଭଳି ନିଷ୍ପତ୍ତି ଦ୍ୱାରା ସେଠାରେ ଡିଜେଲ ଦର ଲିଟର ପିଛା ୮୨ ଟଙ୍କାରୁ ୭୩.୬୪ ଟଙ୍କାକୁ ହ୍ରାସ ଘଟିଛି। ବ୍ୟବସାୟୀ ଏବଂ ଶିଳ୍ପ ଜଗତ ପକ୍ଷରୁ ଡିଜେଲ ଦର ହ୍ରାସ ନେଇ ବାରମ୍ବାର ଦାବି ହୋଇ ଆସୁଥିଲା। ଏହି ଆଧାରରେ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଦିଲ୍ଲୀ ସରକାରଙ୍କ କ୍ୟାବିନେଟ ବୈଠକରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏଭଳି ପଦକ୍ଷେପକୁ ବଜାର ବିଶେଷଜ୍ଞମାନେ ପ୍ରଶଂସା କରିଛନ୍ତି।

ଏଭଳି ସ୍ଥିତିରେ ଓଡ଼ିଶାରେ ମଧ୍ୟ ଇନ୍ଧନ ଦର ଉପରେ ଉଚ୍ଚ ପରିମାଣର ଟିକସ ଲାଗୁ ହେଉଛି। ଗତ କିଛିଦିନ ମଧ୍ୟରେ ଲଗାତର ଇନ୍ଧନ ଦର ବୃଦ୍ଧି ଯୋଗୁ ପେଟ୍ରୋଲ ଏବଂ ଡିଜେଲ ଦର ଆକାଶଛୁଆଁ ହୋଇଛି। ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ ୮୧.୧ ଟଙ୍କା ଏବଂ ୮୦.୨ ଟଙ୍କା ରହିଛି। ଓଡ଼ିଶା ସରକାର ଯଦି ଭାଟ୍ କମାଇବା ଭଳି ପଦକ୍ଷେପ ଗ୍ରହଣ କରନ୍ତେ ତେବେ ଏହା ରାଜ୍ୟର ଅର୍ଥ ବ୍ୟବସ୍ଥା ଲାଗି ମଙ୍ଗଳକାରୀ ହୁଅନ୍ତା ବୋଲି ଶିଳ୍ପଜଗତର ଜଣେ ବିଶେଷଜ୍ଞ କହିଛନ୍ତି। ଇନ୍ଧନ ଦରରେ ଭାଟ୍ ହ୍ରାସ ହେଉ ବୋଲି ଦାବି ହୋଇଥିବା ଜଣାପଡିଛି। ସ୍ଥାନୀୟ ଟିକସ ଏବଂ ଭାଟ୍ ଯୋଗୁ ବିଭିନ୍ନ ରାଜ୍ୟରେ ତେଲ ଦରରେ ଭିନ୍ନତା ଦେଖାଯାଉଛି। ଓଡ଼ିଶାରେ ପେଟ୍ରୋଲ ଉପରେ ୨୫% ଭାଟ୍ (୧୮.୮୩ ଟଙ୍କା) ରାଜ୍ୟ ସରକାର ନେଉଛନ୍ତି। ସେହିଭଳି ଡିଜେଲ ଉପରେ ୨୮% ଭାଟ୍ (୧୭.୪ ଟଙ୍କା) ଲାଗୁଛି। ଅନ୍ୟ ରାଜ୍ୟଗୁଡିକ ଯେଉଁ ହାରରେ ଭାଟ୍ ବଢ଼ାଉଛନ୍ତି ସେହି ହାରରେ ଭାଟ୍ ହ୍ରାସ କରୁଛନ୍ତି। ମାତ୍ର ଓଡ଼ିଶାରେ ଏହାର ବ୍ୟତିକ୍ରମ ରହୁଛି ବୋଲି ତୈଳ ଉଦ୍ୟୋଗର ଜଣେ ପ୍ରତିନିଧି ମତ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟଗୁଡିକ କରୋନା ସହ ମୁକାବିଲା କରୁଛନ୍ତି। ଏଭଳି ସ୍ଥିତିରେ ଅର୍ଥ ବ୍ୟବସ୍ଥାକୁ ଗତି ଦେବା ଲାଗି ଓଡ଼ିଶା ଭାଟ୍ ହ୍ରାସ କରିବ କି ନାହିଁ ତାହା ଦେଖିବାକୁ ବାକି ରହିଲା। ସାରା ଦେଶରେ ଗତ ୪ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେବ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପକ୍ଷରୁ ସୂଚନା ରହିଛି। ଜୁନ୍ ୭ ପରଠାରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ତେଲ ଦର ପରିବର୍ତ୍ତନ କରିବା ପରେ ପେଟ୍ରୋଲ ଦର ୨୧ ଥର ବୃଦ୍ଧି ଘଟିଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ଲିଟର ପିଛା ଖାଉଟିଙ୍କୁ ୯.୧୭ ଟଙ୍କା ଅତିରିକ୍ତ ଦେୟ ଦେବାକୁ ପଡୁଛି। ଜୁଲାଇ ମାସରେ ଡିଜେଲ ଦର ଲଗାତର ବଢ଼ି ଚାଲିଛି। ଚଳିତ ମାସରେ ମୋଟ ୧୦ ଥର ଡିଜେଲ ଦର ବଢ଼ିଛି। ଜୁନ ୭ ପରଠାରୁ ଡିଜେଲ ଲିଟର ପିଛା ୧୨.୫୫ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡ଼ିଛି।

# ସିଡ୍‌ବି ଘୋଷଣା କଲା ଏମ୍‌ଏସ୍‌ଏମ୍‌ଇ 'ସକ୍ଷମ'

ଭୁବନେଶ୍ୱର,୩୦।୭

ଭାରତୀୟ କ୍ଷୁଦ୍ରଶିଳ୍ପ ବିକାଶ ବ୍ୟାଙ୍କ (ସିଡ୍‌ବି) ପକ୍ଷରୁ ଟ୍ରାନ୍ସୟୁନିୟନ ସିବିଲ ସହଯୋଗରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ପାଇଁ ଏକ ବ୍ୟାପକ ଆର୍ଥିକ ଶିକ୍ଷା ଓ ଜ୍ଞାନ ପ୍ଲାଟ୍‌ଫର୍ମ ଏମ୍‌ଏସ୍‌ଏମ୍‌ଇ 'ସକ୍ଷମ'କୁ ଉନ୍ମୋଚନ କରାଯାଇଛି। ନିରବଚ୍ଛିନ୍ନ ଭାବେ ସେବା ଯୋଗାଇବା ସହ ଶୀଘ୍ର ଫାଇନାନ୍ସ ପାଇବାକୁ ଚାହୁଁଥିବା ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ମାର୍ଗଦର୍ଶନ ପାଇଁ ଏହି ପୋର୍ଟାଲର ଉନ୍ମୋଚନ ହୋଇଛି। ଏକକ ସମାଧାନ ସୁବିଧା ଯାହା ଉଦ୍ୟୋଗୀଙ୍କ ଋଣ ଆବଶ୍ୟକତା ପରିଚାଳନା କରିବାରେ ନୂଆ ପଦକ୍ଷେପ ବିଶେଷ ସହାୟକ ହୋଇପାରିବ ବୋଲି କୁହାଯାଇଛି। ଏମ୍‌ଏସ୍‌ଏମ୍‌ଇ ସକ୍ଷମ ମାଧ୍ୟମରେ ବିଭିନ୍ନ ଏମ୍‌ଏସ୍‌ଏମ୍‌ଇକୁ ଋଣ ଆଣିବା, ବ୍ୟବସାୟ ଆରମ୍ଭ, ବ୍ୟବସାୟକୁ ଠିକ୍ ଭାବରେ ବଢ଼ାଇବା, ଋଣକୁ ନିରନ୍ତର ପରିଚାଳନା କରିବା, ବ୍ୟବସାୟ ଢାଞ୍ଚାକୁ ସୁଦୃଢ଼ କରିବା ଏବଂ ଋଣଚକ୍ରର ସମସ୍ତ ସ୍ତରରେ ମାର୍ଗଦର୍ଶନ କରିବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ଆର୍ଥିକ ଜ୍ଞାନ ଓ ଋଣ ହାସଲ ଭଳି ଦୁଇଟି ପ୍ରମୁଖ ବିଷୟ ଉପରେ ଅଧିକ ଧ୍ୟାନ ଦିଆଯାଇଛି। ସିଡ୍‌ବି ପାଖରେ ଥିବା ଏମ୍‌ଏସ୍‌ଏମ୍‌ଇର ବ୍ୟାପକ ନେଟ୍‌ୱାର୍କ ଓ ଟ୍ରାନ୍ସୟୁନିୟନ ସିବିଲର ଗଭୀରତା ଓ ଜ୍ଞାନକୁ ଏହା ବ୍ୟବହାର କରୁଛି ବୋଲି ସିଡ୍‌ବିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ମୁସ୍ତାଫା କହିଛନ୍ତି।

# ହୋଣ୍ଡା ସିବିଆର୍୧୦୦୦ ଆର୍‌ଆର୍‌ର ବୁକିଂ ଆରମ୍ଭ




ଭୁବନେଶ୍ୱର,୩୦।୭

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ୨ ନୂଆ ଭାରିଆଣ୍ଟ ବଜାରକୁ ଆସିଛି। ସିବିଆର୍ ୧୦୦୦ ଆର୍‌ଆର୍-ଆର୍ ଫାୟାରବ୍ଲେଡ୍ ଓ ଫାୟାରବ୍ଲେଡ୍ ଏସ୍‌ପିର ଭାରତ ବଜାରରେ ବୁକିଂ ଆରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସୁପର ସ୍ପୋର୍ଟସ ବର୍ଗର ଏହି ୨ ଶକ୍ତିଶାଳୀ ବାଇକକୁ କମ୍ପାନୀ ବଜାରକୁ ଆଣିଛି। କମ୍ପ୍ଲିଟ୍ ବିଲ୍ଟ-ଅପ୍ ରୁଟ୍‌ରେ ଏହି ୨ବାଇକ ଭାରତ ବଜାରରେ ଉପସ୍ଥାପନ କରାଯାଇଛି। ଗତ ବର୍ଷ ମିଲାନରେ ଆୟୋଜନ କରାଯାଇଥିବା ଇଆଇସିଏମ୍‌ଏ ଶୋ'ରେ ଏହାର ପ୍ରଦର୍ଶନ ସହ ଉନ୍ମୋଚନ କରାଯାଇଥିଲା। ଏହା ହେଉଛି କମ୍ପାନୀର ସବୁଠାରୁ ଶକ୍ତିଶାଳୀ ଫାୟାରବ୍ଲେଡ୍ ମଡେଲ। ଆର୍‌ସି୨୧୩ ଭି-ଏସ୍ ଷ୍ଟ୍ରିଟ୍ ଲିଗାଲ ମୋଟୋଜିପି ମେଶିନର ଇଞ୍ଜିନ ଓ ଚେସିସ୍ ପ୍ରଯୁକ୍ତି ଏବଂ ଆର୍‌ସି ୨୧୩ଭି ମୋଟୋଜିପି ମେଶିନର ଏରୋଡାଇନାମିକ୍‌ରୁ ଅନୁପ୍ରାଣିତ ହୋଇ ନୂଆ ଫାୟାରବ୍ଲେଡ୍‌ର ଡିଜାଇନ କରାଯାଇଛି। ଫାୟାରବ୍ଲେଡ୍ ଏସ୍‌ପିରେ ଦ୍ୱିତୀୟ ପିଢ଼ିର ଓହଲିନ୍ସ ସ୍ମାର୍ଟ ଇଲେକ୍‌ଟ୍ରୋନିକ କଣ୍ଟ୍ରୋଲ(ଏସ୍-ଇସି) ସସ୍‌ପେନ୍‌ସନର ରହିଛି। ନୂଆ ବ୍ରେମ୍ବୋ ଷ୍ଟାଇଲେମା ବ୍ରେକ୍ କାଲିପର୍ସ-୩୩୦ ଏମ୍‌ଏମ୍ ଡିସ୍କ ସହ ୨ସ୍ତରୀୟ ଏବିଏସ୍ ଓ ତ୍ୱରିତ ସିଫଟା ରହିଛି। ଏହି ମଡେଲ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ,ସଭାପତି ଓ ସିଇଓ ଆତସୁସି ଓଗାତ କହିଛନ୍ତି, ହୋଣ୍ଡାର ବିଶ୍ୱସ୍ତରୀୟ ଉତ୍ପାଦରୁ ଶ୍ରେଷ୍ଠ ଉତ୍ପାଦକୁ ଉପସ୍ଥାପନ କରି ଭାରତରେ ରେସିଂ ଡିଏନ୍‌ଏକୁ ପରବର୍ତ୍ତୀ ସ୍ତରକୁ ନେବା ଲାଗି ଚେଷ୍ଟା କରିଛୁ। ବିଗତ ୨୮ବର୍ଷ ହେବ ଏକ ସନ୍ତୁଳନ ପରିଚାଳନରେ କାର୍ଯ୍ୟକରି ଆସୁଛୁ।

# ଏଲ୍‌ଆଇସିର ଆର୍ଥିକ ଫଳାଫଳ

ନୂଆଦିଲ୍ଲୀ,୩୦।୭

ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଲ୍‌ଆଇସି) ପକ୍ଷରୁ ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀ ନୂଆ ବାଣିଜ୍ୟ ପର୍‌ଫରମାନ୍ସରେ ଅଭିବୃଦ୍ଧି କରିଛି। ପ୍ରଥମ ବର୍ଷ ପ୍ରିମିୟମରେ ଏହା ୨୫.୧୭% ଅଭିବୃଦ୍ଧି କରିବା ସହ ରେକର୍ଡ ୧.୭୭ ଲକ୍ଷ କୋଟି ଟଙ୍କା ହାସଲ କରିଛି। ପେନ୍‌ସନ ଏବଂ ଗ୍ରୁପ୍ ସୁପରଆନୁଏଶନ ବାଣିଜ୍ୟରେ ଏହା ନୂଆ ଇତିହାସ ସୃଷ୍ଟି ସହ ୧.୨୬ ଲକ୍ଷ କୋଟି ଟଙ୍କା ନିୟୁ ବିଜ୍‌ନେସ ପ୍ରିମିୟମ ସଂଗ୍ରହ କରିଛି। ଗତ ବର୍ଷ ଏହି ବର୍ଗରେ ପ୍ରିମିୟମ ସଂଗ୍ରହ ୯୦,୮୪୮ କୋଟି ଟଙ୍କା ଥିଲା। ଏଥିରେ ୩୯.୪୬% ଅଭିବୃଦ୍ଧି ଘଟିଛି। ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଏହାର ମୋଟ ପ୍ରିମିୟମ ଆୟ ୩.୭୯ ଲକ୍ଷ କୋଟି ଟଙ୍କା ରହିଛି। ଏଥିରେ ୧୨.୪୨% ଅଭିବୃଦ୍ଧି ଘଟିଛି। ଗତ ବର୍ଷ ଏହି ବର୍ଗରେ ଆୟ ୩.୩୭ ଲକ୍ଷ କୋଟି ଟଙ୍କା ରହିଥିଲା। ମୋଟ ପଲିସି ପେଆଉଟ୍‌ରେ ୧.୩୧% ଅଭିବୃଦ୍ଧି ସହ ଏହା ୨.୫୪ ଲକ୍ଷ କୋଟି ଟଙ୍କା ରହିଛି। ନିଗମର ମୋଟ ଆୟ ୯.୮୩% ବଢି ୬.୧୫ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ଗତ ବର୍ଷ ୫.୬୦ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିଭଳି ଏଲ୍‌ଆଇସିର ମୋଟ ସମ୍ପତ୍ତି ୭.୭୧% ବଢି ୩୧.୯୬ ଲକ୍ଷ କୋଟି ଛୁଇଁଛି। କରୋନା ସମୟରେ ୫୬୧ ବୀମା ଦାବିକୁ ଫଇସଲା କରିଥିବା ଏହା ସୂଚନା ଦେଇଛି।

# ଜିଓର ନିଟ୍ ଲାଭ ୧୮୩% ବଢ଼ିଲା

ମୁମ୍ବାଇ,୩୦।୭

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଏହାର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରଥମ ତ୍ରୈମାସରେ ରିଲାଏନ୍ସର ନିଟ୍ ଲାଭ ଗତ ବର୍ଷ ତୁଳନାରେ ୩୦.୬% ବୃଦ୍ଧି ଘଟି ୧୩,୨୪୮ କୋଟି ଛୁଇଁଛି। ଏହି ସମୟରେ ରିଲାଏନ୍ସ ଜିଓର ନିଟ୍ ଲାଭ ୧୮୩% ବଢିଥିବା ଜଣାପଡିଛି। ଗତ ବର୍ଷ ସମାନ ତ୍ରୈମାସରେ ଜିଓ ୮୯୧ କୋଟି ଟଙ୍କା ନିଟ୍ ଲାଭ ହାସଲ କରିଥଲା। ଚଳିତ ବର୍ଷ ଏପ୍ରିଲ-ଜୁନ ସମୟରେ ଏହା ୨୫୨୦ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଜିଓର ପରିଚାଳନାଗତ ରାଜସ୍ୱ ୩୩.୭% ବଢ଼ି ୧୬,୫୫୭ କୋଟି ଟଙ୍କା ରହିଛି। ବର୍ତ୍ତମାନ କମ୍ପାନୀ ନିକଟରେ ୩୯.୮୩ କୋଟି ଗ୍ରାହକ ରହିଛନ୍ତି। ଏହି ତ୍ରୈମାସରେ କମ୍ପାନୀ ୯୯ ଲକ୍ଷ ଗ୍ରାହକ ଯୋଡିଛି। ଏକ ଦୃଢ ଏବଂ ସୁରକ୍ଷିତ ୱେରଲେସ ଡିଜିଟାଲ ନେଟ୍‌ୱର୍କ ନିର୍ମାଣ କରି ଭାରତୀୟଙ୍କୁ ଡିଜିଟାଲ ସଂଯୋଗର ସୁଫଳ ପହଞ୍ଚାଇବା ଲକ୍ଷ୍ୟ ରହିଛି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି।

# ଆକାଶ ପକ୍ଷରୁ ଡିଜିଟାଇଜ୍ ପ୍ଲାଟଫର୍ମ

ନୂଆଦିଲ୍ଲୀ,୩୦।୭

କରୋନା ମହାମାରୀ ସମୟରେ ପିଲାଙ୍କୁ ଶିକ୍ଷା ଯୋଗାଇ ଦେବା ପାଇଁ ଆକାଶ ଏଡୁକେସନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ) ପକ୍ଷରୁ ଡିଜିଟାଲ ପ୍ଲାଟଫର୍ମ ଗ୍ରହଣ କରାଯାଇଛି। ଏହି ପ୍ଲାଟଫର୍ମ ଗୁଡିକ ମାଧ୍ୟମରେ ପିଲାମାନେ ନିଜକୁ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇ ପାରୁଛନ୍ତି। ବିଭିନ୍ନ ଟେଷ୍ଟ ପ୍ରସ୍ତୁତି ସେବା କ୍ଷେତ୍ରରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଏସ୍‌ଏପିଏସ, ୪ଏଚ୍‌ଏଏନ୍‌ଏ ବର୍ତ୍ତମାନ ଡିଜିଟାଲ ରୂପାନ୍ତରଣରେ ପ୍ରବେଶ କରିଛି। ଏହି ଆପ୍ ଗ୍ରହଣ ମାଧ୍ୟମରେ ଏଇଏସ୍‌ଏଏଲ୍‌ର ଛାତ୍ରଛାତ୍ରୀମାନେ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ସହଜ ଶିକ୍ଷା ଗ୍ରହଣ କରିପାରିବେ। ଏହି ଆପ୍ ପିଲାଙ୍କ ଆଭ୍ୟନ୍ତରଣ ଦକ୍ଷତା ବୃଦ୍ଧି ସହ ଶିକ୍ଷାର ଉନ୍ନତିକୁ ଗୁରୁତ୍ୱ ଦେଇଥାଏ। ଉକ୍ତ ଆପ୍ ହେଉଛି ଏକ ଇଣ୍ଟେଲିଜେଣ୍ଟ, ଇଣ୍ଟିଗ୍ରେଟେଡ ଇଆର୍‌ପି ସିଷ୍ଟମ ଯାହାକି ଇଣ୍ଟେଲିଜେଣ୍ଟ ଅଟୋମେସନ ସହାୟତାରେ ବ୍ୟାପକ ଉନ୍ନତି ଆଣିଥାଏ। ଏହି ସୁବିଧା ଓ ପ୍ଲାଟଫର୍ମ ବିଷୟରେ ଏଇଏସ୍‌ଏଲ୍‌ର ଡାଇରେକ୍ଟର ଓ ସିଇଓ ଆକାଶ ଚୌଧୁରୀ କହିଛନ୍ତି ଯେ, ଆମେ ସମଗ୍ର ବିଜିନେସ୍ ମଡେଲ ଓ ସିଷ୍ଟମକୁ ଡିଜିଟାଇଜ କରିବା ପାଇଁ ବିଭିନ୍ନ ଟେକ୍ନୋଲୋଜିରେ ନିବେଶ ବଢାଉଛୁ। ଏହା ଦ୍ୱାରା ଆମର ପରବର୍ତ୍ତୀ ପିଢୀଙ୍କୁ ଭଲ ଭାବେ ପ୍ରସ୍ତୁତ କରିପାରିବୁ। ସମୟ ସହ ନିଜକୁ ଖାପ ଖୁଆଇ ଆଗକୁ ବଢିବା ପାଇଁ ପଦକ୍ଷେପ ଗ୍ରହଣ କରିପାରିବୁ।

# କ୍ଷତିପୂରଣ ଲାଗି ବଢ଼ିପାରେ ଜିଏସ୍‌ଟି

ନୂଆଦିଲ୍ଲୀ,୩୦।୭




- ରାଜ୍ୟଗୁଡ଼ିକର ରାଜସ୍ୱ କମୁଛି
- ଜିଏସ୍‌ଟି କ୍ଷତିପୂରଣ ସେସ୍ ସଂଗ୍ରହ ହ୍ରାସ

କରୋନା ଦେଶର ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି। ସରକାରଙ୍କ ଟିକସ ଜନିତ ଆୟ ବର୍ତ୍ତମାନ କମିଛି। ଫଳରେ ରାଜ୍ୟଗୁଡିକର ଅଂଶ ପ୍ରଦାନ କରିବା ଦିଗରେ ବର୍ତ୍ତମାନ କଷ୍ଟକର ହେଉଛି। ମହାରାଷ୍ଟ୍ର ଏବଂ ଗୁଜରାଟ ଭଳି ବଡ ବଡ ରାଜ୍ୟକୁ ବାଦ୍ ଦେଲେ ଅଧିକାଂଶ ରାଜ୍ୟଗୁଡ଼ିକର ଆୟ କେନ୍ଦ୍ରଠାରୁ ମିଳୁଥିବା ଜିଏସ୍‌ଟି ଉପରେ ନିର୍ଭର କରିଥାଏ। ଲକ୍‌ଡାଉନ ଯୋଗୁ ଜିଏସ୍‌ଟି ଆଦାୟ ଉପରେ ନକାରାତ୍ମକ ପ୍ରଭାବ ପଡିଛି। ଏଭଳି ସ୍ଥିତିରେ କେନ୍ଦ୍ର ସମ୍ପୂର୍ଣ୍ଣ ହାତ ଟେକି ଦେଇଥିବା ଜଣାପଡିଛି।

କେନ୍ଦ୍ର ଚାହୁଁଛି ଯେ, ରାଜ୍ୟଗୁଡ଼ିକ ବଜାରରୁ ଋଣ ଉଠାନ୍ତୁ। ରାଜସ୍ୱ ମାମଲାରେ ବର୍ତ୍ତମାନ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଆଇନଗତ ଲଢ଼େଇ ଆରମ୍ଭ ହୋଇଯାଇଛି। ବଜାରରୁ ଋଣ ଉଠାଇବା ଲାଗି ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ଯେଉଁ ପ୍ରସ୍ତାବ ଦେଇଛନ୍ତି କେରଳ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟ ତାକୁ ବିରୋଧ କରୁଛନ୍ତି। କେନ୍ଦ୍ର ନିଜର ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରୁ ବୋଲି ରାଜ୍ୟଗୁଡ଼ିକ ଯୁକ୍ତି ବାଢିଛନ୍ତି। କେନ୍ଦ୍ର ବଜାରରୁ ଋଣ କରୁ ଏବଂ ରାଜ୍ୟଗୁଡ଼ିକ ଯେଉଁ ରାଜସ୍ୱରେ ଯେଉଁ କ୍ଷତି ସହୁଛନ୍ତି ତା'ର ଭରଣା କରୁ ବୋଲି ରାଜ୍ୟଗୁଡ଼ିକ ଯୁକ୍ତିରେ କହିଛନ୍ତି।

୨୦୧୭ରେ ଜିଏସ୍‌ଟି କାର୍ଯ୍ୟକାରୀ କରାଯିବା ସମୟରେ କେନ୍ଦ୍ର ସରକାର କହିଥିଲେ ଯେ, ରାଜ୍ୟଗୁଡ଼ିକର ରାଜସ୍ୱ ହ୍ରାସକୁ କେନ୍ଦ୍ର ଭରଣା କରିବ। ଆଗାମୀ ୫ ବର୍ଷ ଯାଏ ଏଭଳି ଭରଣା କେନ୍ଦ୍ର ଦେବ। ରାଜ୍ୟ ସରକାରଗୁଡ଼ିକ ଏହି ପ୍ରସଙ୍ଗକୁ ବର୍ତ୍ତମାନ ଧରି ବସିଛନ୍ତି। ରାଜ୍ୟଗୁଡ଼ିକର ଏହି ଦଲିଲକୁ ନେଇ ଆର୍ଟର୍ନି ଜେନେରାଲ ଆଇନଗତ ପକ୍ଷ ସାମ୍ନାରେ ରଖିଛନ୍ତି। ରାଜସ୍ୱ ହ୍ରାସ ଭରଣା ଲାଗି ବଜାରରୁ ଋଣ ଉଠାଯିବ କିମ୍ବା ଅନ୍ୟ ବିକଳ୍ପ ଦିଗରେ ଜିଏସ୍‌ଟି ପରିଷଦ ନିଷ୍ପତ୍ତି ନେବ ବୋଲି ଆର୍ଟର୍ନି ଜେନେରାଲ କହିଛନ୍ତି। ଅଧିକ ରାଜସ୍ୱ ସଂଗ୍ରହ କରିବା ଲାଗି ଜିଏସ୍‌ଟି ହାରରେ ପରିବର୍ତ୍ତନ, କ୍ଷତି ପୂରଣ ସେସ୍ ହାର ବଢ଼ାଇବା କିମ୍ବା ଏହା ମଧ୍ୟରେ ଅଧିକ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରାଇବାର ବିକଳ୍ପ ଜିଏସ୍‌ଟି ପରିଷଦ ନିକଟରେ ରହିଛି। ଏହାବାଦ ଜିଏସ୍‌ଟି ସ୍ଲାବ୍‌ରେ ଆମୂଳଚୂଳ ପରିବର୍ତ୍ତନ କରିବା ପ୍ରସଙ୍ଗକୁ ମଧ୍ୟ ବିଚାର କରାଯାଇପାରେ। ଏହା ମଧ୍ୟ ହୋଇପାରେ ଯେ, ବର୍ତ୍ତମାନ ସ୍ଥିତିରେ ବଜାରରୁ ଋଣ ଉଠାଇବା ଲାଗି ଜିଏସ୍‌ଟି ପରିଷଦ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇପାରେ। ଆଗାମୀ ଦିନରେ ମିଳିବାକୁ ଥିବା କ୍ଷତିପୂରଣରୁ ଏହାର ଭରଣା କରିବା ଭଳି ପଦକ୍ଷେପ ରାଜ୍ୟ ନେଇପାରିବେ ବୋଲି କୁହାଯାଇପାରେ। ୨୦୧୯-୨୦ରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଭାବେ ୧.୬୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ସମୟ ଅବଧିରେ କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତିପୂରଣ ସେସ୍ ଭାବେ ୯୫୪୪୪ କୋଟି ଟଙ୍କା ସଂଗ୍ରହ କରିଛନ୍ତି।


# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

No. L-20

ଖରିଫ୍-୨୦୨୦

| କ୍ଲଷ୍ଟର | ଇନସୁରାନ୍ସ କମ୍ପାନୀ | ଜିଲ୍ଲା | ଫସଲ | କୃଷକଙ୍କ ଦ୍ୱାରା ଦେୟ ପ୍ରିମିୟମ୍ (%) | କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥା, ପ୍ରତିନିଧିଙ୍କ ନାମ ଓ ଠିକଣା |
|---|---|---|---|---|---|
| କ୍ଲଷ୍ଟର-୧ | ଏଚ.ଡି.ଏଫ୍.ସି.-ଏର୍‌ଗୋ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ୍ | ଦେବଗଡ଼ | ଧାନ | ୨.୦୦ | ସୁଶାନ୍ତ କୁମାର ଭୁୟାଁ, ପ୍ରବନ୍ଧକ ଏଚ୍.ଡି.ଏଫ୍.ସି.-ଏର୍‌ଗୋ ଲିମିଟେଡ୍ ତୃତୀୟ ମହଲା, ହୋଟେଲ ପାଲ୍ ରିଜେନ୍ସି ଲିମିଟେଡ୍, ଜେ-୭, ଜୟଦେବ ବିହାର ରୋଡ୍, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩ ମୋ- ୭୩୮୧୦୪୪୭୮୭ |
| | | | ଚିନାବାଦାମ | ୧.୬୦ | |
| | | | ମକା | ୧.୬୦ | |
| | | | ହରଡ଼ | ୧.୬୦ | |
| | | କେନ୍ଦ୍ରାପଡ଼ା | ଧାନ | ୨.୦୦ | |
| | | ମୟୂରଭଞ୍ଜ | ଧାନ | ୨.୦୦ | |
| | | | ମକା | ୨.୦୦ | |
| | | | ହରଡ଼ | ୧.୬୦ | |
| | | ନବରଙ୍ଗପୁର | ଧାନ | ୨.୦୦ | |
| | | | ମକା | ୨.୦୦ | |
| | | | ଚିନାବାଦାମ | ୨.୦୦ | |
| କ୍ଲଷ୍ଟର-୨ | ଏଗ୍ରିକଲଚର ଇନ୍‌ସୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ | ଗଞ୍ଜାମ | ଧାନ | ୨.୦୦ | ଶ୍ରୀ ଭାନୁପ୍ରକାଶ ଜେନା, କ୍ଷେତ୍ରୀୟ ପ୍ରବନ୍ଧକ, ଏ.ଆଇ.ସି. ଅଫ ଇଣ୍ଡିଆ କମ୍ପାନୀ ଲିମିଟେଡ୍ ପ୍ଲଟ ନଂ-୮୭, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ମୋ-୯୧୭୮୩୯୭୮୨୯ |
| | | | ଚିନାବାଦାମ | ୨.୦୦ | |
| | | | ମକା | ୨.୦୦ | |
| | | | ହରଡ଼ | ୨.୦୦ | |
| | | | ମାଣ୍ଡିଆ | ୨.୦୦ | |
| | | | କପା | ୫.୦୦ | |
| | | କଳାହାଣ୍ଡି | ଧାନ | ୨.୦୦ | |
| | | | ଚିନାବାଦାମ | ୨.୦୦ | |
| | | | ମକା | ୨.୦୦ | |
| | | | ହରଡ଼ | ୨.୦୦ | |
| | | | ମାଣ୍ଡିଆ | ୨.୦୦ | |
| | | | କପା | ୫.୦୦ | |
| | | ପୁରୀ | ଧାନ | ୨.୦୦ | |
| | | ସୁବର୍ଣ୍ଣପୁର | ଧାନ | ୨.୦୦ | |
| | | | କପା | ୫.୦୦ | |
| କ୍ଲଷ୍ଟର-୩ | ଏଚ.ଡି.ଏଫ୍.ସି.-ଏର୍‌ଗୋ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ୍ | ବରଗଡ଼ | ଧାନ | ୨.୦୦ | ସୁଶାନ୍ତ କୁମାର ଭୁୟାଁ, ପ୍ରବନ୍ଧକ ଏଚ୍.ଡି.ଏଫ୍.ସି.-ଏର୍‌ଗୋ ଲିମିଟେଡ୍ ତୃତୀୟ ମହଲା, ହୋଟେଲ ପାଲ୍ ରିଜେନ୍ସି ଲିମିଟେଡ୍, ଜେ-୭, ଜୟଦେବ ବିହାର ରୋଡ୍, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩ ମୋ- ୭୩୮୧୦୪୪୭୮୭ |
| | | | କପା | ୫.୦୦ | |
| | | | ଚିନାବାଦାମ | ୨.୦୦ | |
| | | ଭଦ୍ରକ | ଧାନ | ୨.୦୦ | |
| | | ଗଜପତି | ଧାନ | ୨.୦୦ | |
| | | | କପା | ୫.୦୦ | |
| | | | ମକା | ୨.୦୦ | |
| | | | ମାଣ୍ଡିଆ | ୧.୬୦ | |
| | | | ଚିନାବାଦାମ | ୨.୦୦ | |
| | | ଜଗତ୍‌ସିଂହପୁର | ଧାନ | ୨.୦୦ | |
| | | ଯାଜପୁର | ଧାନ | ୨.୦୦ | |
| କ୍ଲଷ୍ଟର-୪ | ରିଲାଏନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ୍ | ବୌଦ୍ଧ | ଧାନ | ୨.୦୦ | ପଙ୍କଜ କୁମାର ସହଯୋଗୀ ମୁଖ୍ୟ ସରକାରୀ ବ୍ୟବସାୟ ମୋ-୭୭୩୫୧୪୦୯୭୪ ରିଲାଏନ୍ସ ଜି.ଆଇ.ସି. କମ୍ପାନୀ ଲିମିଟେଡ୍, ଦ୍ୱିତୀୟ ମହଲା, ୫-ଜନପଥ, ୟୁନିଟ୍-୩, ଖାରବେଳନଗର, ଭୁବନେଶ୍ୱର-୭୫୧୦୦୧ |
| | | କନ୍ଧମାଳ (ଫୁଲବାଣୀ) | ଅଦା | ୧.୦୦ | |
| | | | ମକା | ୧.୦୦ | |
| | | | ଧାନ | ୨.୦୦ | |
| | | | ହଳଦୀ | ୧.୦୦ | |
| | | କୋରାପୁଟ | କପା | ୧.୦୦ | |
| | | | ଅଦା | ୨.୦୦ | |
| | | | ଚିନାବାଦାମ | ୧.୦୦ | |
| | | | ମକା | ୧.୦୦ | |
| | | | ଧାନ | ୨.୦୦ | |
| | | | ମାଣ୍ଡିଆ | ୧.୦୦ | |
| | | | ହରଡ଼ | ୧.୦୦ | |
| | | | ହଳଦୀ | ୧.୦୦ | |
| କ୍ଲଷ୍ଟର-୪ | ରିଲାଏନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ୍ | ନୂଆପଡ଼ା | କପା | ୫.୦୦ | ପଙ୍କଜ କୁମାର ସହଯୋଗୀ ମୁଖ୍ୟ ସରକାରୀ ବ୍ୟବସାୟ ମୋ-୭୭୩୫୧୪୦୯୭୪ ରିଲାଏନ୍ସ ଜି.ଆଇ.ସି. କମ୍ପାନୀ ଲିମିଟେଡ୍, ଦ୍ୱିତୀୟ ମହଲା, ୫-ଜନପଥ, ୟୁନିଟ୍-୩, ଖାରବେଳନଗର, ଭୁବନେଶ୍ୱର-୭୫୧୦୦୧ |
| | | | ଚିନାବାଦାମ | ୧.୦୦ | |
| | | | ମକା | ୧.୦୦ | |
| | | | ଧାନ | ୨.୦୦ | |
| | | | ମାଣ୍ଡିଆ | ୧.୦୦ | |
| | | | ହରଡ଼ | ୧.୦୦ | |
| | | ସମ୍ବଲପୁର | ଅଦା | ୧.୦୦ | |
| | | | ମକା | ୧.୦୦ | |
| | | | ଧାନ | ୨.୦୦ | |
| | | | ହରଡ଼ | ୧.୦୦ | |
| | | ସୁନ୍ଦରଗଡ଼ | ଚିନାବାଦାମ | ୧.୦୦ | |
| | | | ମକା | ୧.୦୦ | |
| | | | ଧାନ | ୨.୦୦ | |
| | | | ହରଡ଼ | ୧.୦୦ | |
| କ୍ଲଷ୍ଟର-୫ | ଏଗ୍ରିକଲଚର ଇନ୍‌ସୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ | ବାଲେଶ୍ୱର | ଅଦା | ୨.୫୦ | ଶ୍ରୀ ଭାନୁପ୍ରକାଶ ଜେନା, କ୍ଷେତ୍ରୀୟ ପ୍ରବନ୍ଧକ, ଏ.ଆଇ.ସି. ଅଫ ଇଣ୍ଡିଆ କମ୍ପାନୀ ଲିମିଟେଡ୍ ପ୍ଲଟ ନଂ-୮୭, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ମୋ-୯୧୭୮୩୯୭୮୨୯ |
| | | | ଧାନ | ୨.୦୦ | |
| | | ବଲାଙ୍ଗୀର | କପା | ୫.୦୦ | |
| | | | ଚିନାବାଦାମ | ୨.୦୦ | |
| | | | ମକା | ୨.୦୦ | |
| | | | ଧାନ | ୨.୦୦ | |
| | | | ହରଡ଼ | ୨.୦୦ | |
| | | ଢେଙ୍କାନାଳ | ଚିନାବାଦାମ | ୨.୦୦ | |
| | | | ଧାନ | ୨.୦୦ | |
| | | | ହଳଦୀ | ୪.୦୦ | |
| | | ମାଲକାନଗିରି | ଚିନାବାଦାମ | ୨.୦୦ | |
| | | | ମକା | ୨.୦୦ | |
| | | | ଧାନ | ୨.୦୦ | |
| | | | ହରଡ଼ | ୨.୦୦ | |
| | | ନୟାଗଡ଼ | ମକା | ୨.୦୦ | |
| | | | ଧାନ | ୨.୦୦ | |
| କ୍ଲଷ୍ଟର-୬ | ରିଲାଏନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ୍ | ଅନୁଗୋଳ | ଅଦା | ୧.୦୦ | ପଙ୍କଜ କୁମାର ସହଯୋଗୀ ମୁଖ୍ୟ ସରକାରୀ ବ୍ୟବସାୟ ମୋ-୭୭୩୫୧୪୦୯୭୪ ରିଲାଏନ୍ସ ଜି.ଆଇ.ସି. କମ୍ପାନୀ ଲିମିଟେଡ୍, ଦ୍ୱିତୀୟ ମହଲା, ୫-ଜନପଥ, ୟୁନିଟ୍-୩, ଖାରବେଳନଗର, ଭୁବନେଶ୍ୱର-୭୫୧୦୦୧ |
| | | | ଚିନାବାଦାମ | ୧.୦୦ | |
| | | | ମକା | ୧.୦୦ | |
| | | | ଧାନ | ୨.୦୦ | |
| | | | ହରଡ଼ | ୧.୦୦ | |
| | | | ହଳଦୀ | ୧.୦୦ | |
| | | କଟକ | ଚିନାବାଦାମ | ୧.୦୦ | |
| | | | ଧାନ | ୨.୦୦ | |
| | | | ଅଦା | ୧.୦୦ | |
| | | ଝାରସୁଗୁଡ଼ା | ଅଦା | ୧.୦୦ | |
| | | | ଚିନାବାଦାମ | ୧.୦୦ | |
| | | | ମକା | ୧.୦୦ | |
| | | | ଧାନ | ୨.୦୦ | |
| | | | ହରଡ଼ | ୧.୦୦ | |
| | | କେନ୍ଦୁଝର | ଅଦା | ୧.୦୦ | |
| | | | ଚିନାବାଦାମ | ୧.୦୦ | |
| | | | ମକା | ୧.୦୦ | |
| | | | ଧାନ | ୨.୦୦ | |
| | | | ହରଡ଼ | ୧.୦୦ | |
| | | | ହଳଦୀ | ୧.୦୦ | |
| | | ଖୋର୍ଦ୍ଧା | ଧାନ | ୨.୦୦ | |
| | | | ହରଡ଼ | ୧.୦୦ | |
| | | ରାୟଗଡ଼ା | କପା | ୨.୦୦ | |
| | | | ମକା | ୧.୦୦ | |
| | | | ଧାନ | ୨.୦୦ | |
| | | | ମାଣ୍ଡିଆ | ୧.୦୦ | |
| | | | ହରଡ଼ | ୧.୦୦ | |

ଚଳିତ ବର୍ଷ (ଖରିଫ୍-୨୦୨୦) ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକରଣ ପ୍ରକ୍ରିୟା ଚାଲୁ ରହିଅଛି। ଏହା ଉଭୟ ଋଣୀ ଏବଂ ଅଣଋଣୀ ଚାଷୀଙ୍କ ପାଇଁ ଇଚ୍ଛାଧୀନ ଅଟେ। ଏଥିନିମନ୍ତେ ବ୍ୟାଙ୍କ୍ ସହ ଯୋଗାଯୋଗ କରନ୍ତୁ। ଅଣଋଣୀ ଚାଷୀମାନେ ସାମାଜିକ ଦୂରତ୍ୱ ରକ୍ଷାକରି ନିକଟସ୍ଥ ବ୍ୟାଙ୍କ / ଜନସେବା କେନ୍ଦ୍ର / PACS/ ବୀମା କମ୍ପାନୀ ଏଜେଣ୍ଟ ମାଧ୍ୟମରେ ପଞ୍ଜୀକରଣ କରିବାକୁ ବିଶେଷ ଅନୁରୋଧ।

ଫସଲ ବୀମା ପଞ୍ଜୀକରଣ ଶେଷ ତାରିଖ

୩୧ ଜୁଲାଇ ୨୦୨୦

OIPR-01034/11/0007/2021

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

ଧରିତ୍ରୀ DHARITRI
ଶୁକ୍ରବାର, ୩୧ ଜୁଲାଇ, ୨୦୨୦



ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ରହସ୍ୟ ଧୀରେଧୀରେ ଅଡୁଆ ସୂତା ଭଳି ଜଟିଳ ହେବାରେ ଲାଗିଛି। ଏବେ ସୁଶାନ୍ତଙ୍କ ଭଉଣୀ ନୀତୁ ଗର୍ଲଫ୍ରେଣ୍ଡ ରିୟା ଚକ୍ରବର୍ତ୍ତୀଙ୍କ ଆଡ଼କୁ ଅଙ୍ଗୁଳି ଦେଖାଇଛନ୍ତି। ରିୟା ଭୂତ କଥା କହି ସୁଶାନ୍ତଙ୍କୁ ଭୟଭୀତ କରାଉଥିଲେ ବୋଲି ସେ କହିଛନ୍ତି। ଫଳରେ ସୁଶାନ୍ତ ପୂର୍ବରୁ ରହୁଥିବା ଘର ପରିବର୍ତ୍ତନ କରି ନୂଆ ଘରକୁ ଆସିଥିଲେ।



# ୯ ଦିନ ପରେ ଆକ୍ରାନ୍ତଙ୍କଠାରୁ ହୁଏନା ସଂକ୍ରମଣ

ଲଣ୍ଡନ: କରୋନା ମହାମାରୀ ସଂକ୍ରମଣ ନେଇ ପୃଥିବୀରେ ସଙ୍କଟ ଦେଖାଦେଇଛି। ଏପରିସ୍ଥଳେ ଆକ୍ରାନ୍ତଙ୍କଠାରୁ ସଂକ୍ରମଣ କେତେ ଦିନ ପର୍ଯ୍ୟନ୍ତ ହୋଇଥାଏ ସେ ସମ୍ପର୍କରେ ନୂଆ ଗବେଷଣା ରିପୋର୍ଟ ପ୍ରକାଶ ପାଇଛି। ୯ ଦିନ ପରେ ଆକ୍ରାନ୍ତଙ୍କଠାରୁ ଅନ୍ୟଙ୍କୁ କୌଣସି ସଂକ୍ରମଣ ହୋଇ ନ ଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସମୟ ମଧ୍ୟରେ



କରୋନା ଭୂତାଣୁ ଆକ୍ରାନ୍ତଙ୍କ ନାକରେ ପ୍ରବେଶ କରି ଗଳାରେ ସଂକ୍ରମଣ କରିବା ଆରମ୍ଭ କରିଥିଲେ ମଧ୍ୟ ଅନ୍ୟ କାହା ପ୍ରତି ସଂକ୍ରମଣର ଭୟ ନ ଥାଏ। ବ୍ରିଟେନରେ ଗବେଷକ ୭୯ ଦିନ ଧରି ଆକ୍ରାନ୍ତଙ୍କ ଉପରେ ପରୀକ୍ଷା ନିରୀକ୍ଷା କରିବା ପରେ ଏହାର ରିପୋର୍ଟ ପ୍ରକାଶ କରିଛନ୍ତି। ୯ ଦିନ ପରେ କରୋନା ଭୂତାଣୁ ଆକ୍ରାନ୍ତଙ୍କ ହାର୍ଟ ଏବଂ ନର୍ଭ ସିଷ୍ଟମ୍ ଉପରେ ପ୍ରଭାବ ପକାଇଥାଏ। କରୋନା ଭୂତାଣୁ ସଂକ୍ରମଣ ହେବାର ୧୭ରୁ ୮୩ ଦିନ ମଧ୍ୟରେ ଆକ୍ରାନ୍ତଙ୍କ ଗଳାରେ ପହଞ୍ଚିଥାଏ। ପରବର୍ତ୍ତୀ ସମୟରେ ଏହା ଶରୀରର ଅନ୍ୟ ଅଂଶରେ ପହଞ୍ଚେ ବୋଲି ଗବେଷକ କହିଛନ୍ତି। ଗବେଷକ ପ୍ରଫେସର ମୁଗେ କୋବିକ୍ ଏବଂ ଏଣ୍ଟୋନିଆ ହୋଙ୍କ ଅନୁସାରେ ସଂକ୍ରମଣ ହେବାର ପ୍ରଥମ ସପ୍ତାହ ମଧ୍ୟରେ ଆକ୍ରାନ୍ତଙ୍କଠାରେ ଲକ୍ଷଣ ପ୍ରକାଶ ପାଇବା ଆରମ୍ଭ କରିଥାଏ। ଏହାପରେ ତାଙ୍କର ନମୁନା ପରୀକ୍ଷା ହୋଇଥାଏ। ଅର୍ଥାତ୍ ନମୁନା ପରୀକ୍ଷା ହେବା ପୂର୍ବରୁ ଆକ୍ରାନ୍ତମାନେ ଭୟଙ୍କର ସ୍ଥିତି ସମୟକୁ ଅତିକ୍ରମ କରି ସାରିଥାନ୍ତି। ସଂକ୍ରମଣ ହେବା ପରେପରେ ଆକ୍ରାନ୍ତଙ୍କଠାରୁ ଅନ୍ୟମାନଙ୍କୁ କରୋନା ବ୍ୟାପିବାର ଅଧିକ ଆଶଙ୍କା ରହିଥିବା ରିପୋର୍ଟରେ ଦର୍ଶାଯାଇଛି।

# ଶେହନାଜ୍‌ଙ୍କ ହଟ୍ ଅବତାର



ଶେହନାଜ କୌର ଗିଲ

ମୁମ୍ବାଇ: ବିଗବସ୍ ସିଜନ୍ ୧୩କୁ ସରିବାର ୬ ମାସରୁ ଅଧିକ ହୋଇଯାଇଛି କିନ୍ତୁ ଏହା ସତ୍ତ୍ୱେ ଏହି ଶୋ'ରେ ଆସିଥିବା ପ୍ରତିଯୋଗୀମାନେ କୌଣସି ନା କୌଣସି କାରଣରୁ ଚର୍ଚ୍ଚାର ବିଷୟ ପାଲଟି ଯାଆନ୍ତି। ବିଗବସ୍‌ର ୧୩ତମ ସିଜନ ସିଦ୍ଧାର୍ଥ ଶୁକ୍ଳା ଜିତିଥିଲେ କିନ୍ତୁ ଦର୍ଶକଙ୍କ ହୃଦୟ ଜିଣିଥିଲେ ଶେହନାଜ କୌର ଗିଲ। ନିଜକୁ ପଞ୍ଜାବୀ କ୍ୟାଟ୍ରିନା କୈଫ କହୁଥିବା ଶେହନାଜ ହେଉଛନ୍ତି କିନ୍ତୁ ବହୁତ କ୍ୟୁଟ୍। ସେ ଅଧିକାଂଶ ସମୟରେ ନିଜର ସୁନ୍ଦର ସୁନ୍ଦର କଥା ଓ ଚୁଲବୁଲି ବ୍ୟବହାର ଯୋଗୁ ଲୋକଙ୍କ ହୃଦୟରେ ସ୍ଥାନ ଅଧିକାର କରିଛନ୍ତି । ବିଗ୍‌ବସ୍‌ରେ ତାଙ୍କୁ ସିଦ୍ଧାର୍ଥ ଶୁକ୍ଳା ଓ ପାରସ ଛାବଡ଼ାଙ୍କ ସହ ନିକଟ ସମ୍ପର୍କରେ ଦେଖାଯାଇଥିଲା। କିନ୍ତୁ ଏହି କ୍ୟୁଟ୍ ଶେହନାଜ୍‌ଙ୍କର ଅନ୍ଦାଜ୍‌ରେ ଆସିଛି ଚେଞ୍ଜ୍‌ସ। ତାଙ୍କୁ ହଟ୍ ଅବତାରରେ ଦେଖିବାକୁ ମିଳିଛି। ସେ ବର୍ତ୍ତମାନ ବହୁତ ଆକର୍ଷକ ଓ ମନମୋହକ ଲାଗୁଛନ୍ତି । ନିକଟରେ ତାଙ୍କର କିଛି ହଟ୍ ଫଟୋଶଟ୍‌ର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ ଶେହନାଜ ଖଟରେ ଶୋଇ ଥିବାର ଦେଖାଯାଉଛନ୍ତି । ଏହି ସମୟରେ ସେ ନିଜ ଉପରେ ଏକ ଚାଦର ମଧ୍ୟ ପକାଇଛନ୍ତି । ଏହା ସହିତ ସେ କ୍ୟାମେରା ଆଡ଼କୁ ଦେଖି ବଡ଼ ଆକର୍ଷକ ପୋଜ ଦେଉଛନ୍ତି । ଏହା ବୋଧହୁଏ ପ୍ରଥମ ଥର ହେବ ଯେତେବେଳେ ଶେହନାଜ କ୍ୟୁଟ୍ କମ୍ ହଟ୍ ଅଧିକ ଦେଖାଯାଉଛନ୍ତି। ଏହି ଫଟୋକୁ ଦେଖିବାପରେ ତାଙ୍କ ଫ୍ୟାନ୍‌ମାନେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଫ୍ୟାନମାନେ ଏତେ ଲାଇକ୍, କମେଣ୍ଟ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

Happy Birthday

Aakriti Sahu
Bhubaneswar
May the Lord continue to shower you with happiness, good future, prosperity and good health all the days of your life.
-:Best wishes from:-
Prasanna Sahu, Smruti, Ankita, Rashmi Rekha, Kanha, Kishan, Lipi, Rohan, Rakesh & Aja, Aai.
D-17850

# ମା'ଙ୍କ କଷ୍ଟ ଦେଖି ତିଆରି କଲେ ରୁଟି ମେକର

**ବେଙ୍ଗାଲୁରୁ**

କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି କର୍ନାଟକର ବୋମ୍ମଇ ଏନ୍. ବାସ୍ତୁ। ମା'ଙ୍କ କଷ୍ଟ ସହି ନ ପାରି ସେ ଏଭଳି ଏକ ରୁଟି ମେକର ତିଆରି କରିଦେଲେ, ଯାହା ମାତ୍ର ୧ ଘଣ୍ଟା ମଧ୍ୟରେ ୨୦୦ ରୁଟି ତିଆରି କରିପାରୁଛି।

ବୋମ୍ମଇ କର୍ନାଟକ ଚିତଦୁର୍ଗର ହେସାଦୁର୍ଗରେ ରହନ୍ତି। ସେ କହନ୍ତି, ତାଙ୍କ ମା'ଙ୍କୁ ରୁଟି କରୁଥିବାର ଦେଖୁଥିବାବେଳେ ତାଙ୍କୁ ବହୁତ କଷ୍ଟ ଲାଗୁଥିଲା। ସେ ସମୟରେ ତାଙ୍କୁ ମନେ ହୁଏ କି ତାଙ୍କ ମା' ବହୁତ ଥକିଯାଉଛନ୍ତି। ତେଣୁ ମା'ଙ୍କୁ ସାହାଯ୍ୟ କରିବା ପାଇଁ ସେ ଏକ ରୁଟି ତିଆରି ମେଶିନ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଉ ସେହିଦିନ ଠାରୁ ସେ ନିଜର ବୁଦ୍ଧି ପ୍ରୟୋଗ କରି ଶେଷରେ ରୁଟି ମେକର ତିଆରି କରିବାକୁ ସକ୍ଷମ ହୋଇପାରିଥିଲେ।

ତାଙ୍କ ରୁଟି ମେକରଟି ଉଭୟ ସୌର ଓ ବିଦ୍ୟୁତ୍ ଶକ୍ତିରେ ଚାଲିଥାଏ। ଏହାକୁ ଚଲାଇବା ବହତ ସହଜ ଏବଂ ଏହାର

**ଘଣ୍ଟାଏରେ ହେଉଛି ୨୦୦ ରୁଟି**



ଓଜନ ୬ କିଲୋଗ୍ରାମ୍। ଏହାକୁ ତିଆରି କରିବା ପାଇଁ ଖର୍ଚ୍ଚ ହୋଇଛି ୧୫ ହଜାର ଟଙ୍କା। ଇଣ୍ଡକ୍ସନ ଭଳି ଆକାରର ଏହି ମେଶିନଟି ଏକ ସମୟରେ ରୁଟି ତଆରି କରିବା ସହିତ ପ୍ରଦୂଷଣକୁ ବି କମ୍ କରିଥାଏ।

ବୋମ୍ମଇ ଯୁକ୍ତ ଦୁଇ ପାଠ୍ୟକ୍ରମ ପରେ ସେରିକଲ୍‌ଚର ଶିକ୍ଷା ନେଇଛନ୍ତି। କିନ୍ତୁ ଏହାପରେ ସେ ଚାକିରି କରିବା ବଦଳରେ ନିଜର ସ୍ୱତନ୍ତ୍ର ଉଦ୍ୟୋଗ କରି ଗାଁ ଲୋକଙ୍କୁ ସାହାଯ୍ୟ କରିବାକୁ ଚାହିଁଥିଲେ। ଗାଁର ଲୋକେ ଚାଷ କାମରେ ଭୋଗୁଥିବା ବିଭିନ୍ନ ଅସୁବିଧାକୁ ଦେଖି ସେ ବିଭିନ୍ନ ଯନ୍ତ୍ରପାତି ବି ତିଆରି କରିଛନ୍ତି। ଜମିରେ ହଳ କରିବା ପାଇଁ ସେ ଖୁବ୍ କମ୍ ଖର୍ଚ୍ଚରେ ୧୧୦ ସିସିର ପାୱାରଟିଲର ତିଆରି କରିଛନ୍ତି। ଏବେ ସେ ପାଣି ମିଶ୍ରିତ ପେଟ୍ରୋଲରେ ବାଇକ୍ ଚଲାଇବା ନେଇ କାମ କରୁଛନ୍ତି ଓ ଏଥିରେ ସେ ନିଶ୍ଚୟ ସଫଳ ହେବେ ବୋଲି ବିଶ୍ୱାସ ରଖିଛନ୍ତି।

# ପିପିଇ କିଟ୍ ପିନ୍ଧି ବାଇକ୍ ଚଲାଇଲେ କରୋନା ରୋଗୀ

**ଭୋପାଳ:** ମଧ୍ୟପ୍ରଦେଶର ସିହୋର ଜିଲାର ବୁଦ୍ଧନୀ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ନୀତି ସାମ୍ନାକୁ ଆସିଛି। ଜଣେ କରୋନା ରୋଗୀ ଆମ୍ବୁଲାନ୍ସ ଡାକିଥିଲେ ମଧ୍ୟ ତାହା ନ ଆସିବାରୁ ନିଜେ ବାଇକ୍ ଚଲାଇ ହସ୍ପିଟାଲରେ ପହଞ୍ଚିବା ଘଟଣା ବେଶ୍ ଚର୍ଚ୍ଚା ହେଉଛି। ହୋଶଙ୍ଗାବାଦ ଜିଲାର ଜଣେ ଯୁବକ କରୋନା ପରୀକ୍ଷା ବୁଦ୍ଧନୀରେ କରାଇଥିଲେ। ପରେ ତାଙ୍କର ପଜିଟିଭ୍ ଆସିଥିଲା। ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଆଣିବା ପାଇଁ କୋଭିଡ୍ ସେଣ୍ଟରକୁ ଯିବା ଲାଗି ତାଙ୍କୁ ପିପିଇ କିଟ୍ ଦିଆଯାଇଥିଲା।



ମାତ୍ର ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ତେଣୁ ଯୁବକ ଜଣକ ପିପିଇ କିଟ୍ ପିନ୍ଧି ନିଜର ବାଇକ୍ ଚଲାଇ ହସ୍ପିଟାଲ ପଳାଇଲେ। ଏହି ଘଟଣା ସିସିଟିଭିରେ କଏଦ ହେବା ପରେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭାଇରାଲ ହୋଇଥିବା ଭିଡିଓରେ ଯୁବକ ଜଣକ ପିପିଇ କିଟ୍ ପିନ୍ଧି ନିଜ ବାଇକ୍‌ରେ ଯାଉଥିବା ନଜର ଆସିଛନ୍ତି। ସୂଚନାଯୋଗ୍ୟ, ସିହୋର ଜିଲା ବୁଦ୍ଧନୀର ହୋଶଙ୍ଗାବାଦ ଜିଲାର ଆନନ୍ଦନଗର ନିକଟରେ ରହୁଥିବା ଯୁବକ ଜଣକ କରୋନା ଆକ୍ରାନ୍ତ ହୋଇଥିଲେ। ରବିବାର ତାଙ୍କର ନମୁନା ପରୀକ୍ଷା ପାଇଁ ଦେଇଥିଲେ। ମଙ୍ଗଳବାର ସକାଳେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା।

# ସ୍ୱାମୀଙ୍କୁ କାନ୍ଧରେ ବସାଇ ଗାଁ ବୁଲାଇଲେ

**ଝାବୁଆ(ମଧ୍ୟପ୍ରଦେଶ),୩୦।୭**

ଜଣେ ବିବାହିତା ମହିଳାଙ୍କ ଅନ୍ୟ ଜଣେ ପୁରୁଷ ସହ ସମ୍ପର୍କକୁ ନେଇ ପଞ୍ଚାୟତରେ କଡ଼ା ଦଣ୍ଡବିଧାନ କରାଯାଇଛି। ପଞ୍ଚାୟତ ନିଷ୍ପତ୍ତି ଅନୁଯାୟୀ ମହିଳା ଜଣକ ନିଜ ସ୍ୱାମୀଙ୍କୁ କାନ୍ଧରେ ବୋହି ଗାଁ ଚାରିପଟେ ବୁଲିବାକୁ ବାଧ ହୋଇଛନ୍ତି। କଷ୍ଟ ଅନୁଭବ କରି ବାଟରେ ରହିଯାଉଥିଲେ ତାଙ୍କୁ ମାଡ଼ ମରାଯାଉଥିଲା। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପଞ୍ଚାୟତର ଏଭଳି ଦଣ୍ଡକୁ ନେଇ ଚାରିଆଡ଼େ ପ୍ରତିବାଦର ସ୍ୱର ଲମ୍ବିବାରେ ଲାଗିଛି। ମଧ୍ୟପ୍ରଦେଶର ଝାବୁଆ ଅନ୍ତର୍ଗତ ପାରା ପୋଲିସ ଷ୍ଟେଶନ ଅଞ୍ଚଳର ରନ୍‌ୱାସ ଗ୍ରାମରେ ଉକ୍ତ ମହିଳାଙ୍କ ଘର। ତାଙ୍କ ସ୍ୱାମୀଙ୍କ ଅଭିଯୋଗ ଅନୁଯାୟୀ, ଅନ୍ୟ ଜଣେ ପୁରୁଷଙ୍କ ସହ ସେ ଅବୈଧ୍ୟ ସମ୍ପର୍କ ରଖିଆସୁଛନ୍ତି। କଥା ପଞ୍ଚାୟତକୁ ଗଲା ଓ ମହିଳାଙ୍କୁ ଦଣ୍ଡ ମିଳିଲା। ସ୍ୱାମୀଙ୍କୁ ନିଜ କାନ୍ଧରେ ବସାଇ ମହିଳା ଗାଁ ଚାରିପଟେ ବୁଲିବାକୁ ନିର୍ଦ୍ଦେଶ ଦିଆଗଲା। ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳର ଏଭଳି ଘଟଣା ଜଣାପଡ଼ିବା ପରେ ପୋଲିସ ୭ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ କହିଥିବାବେଳେକାହାରିକୁଏପର୍ଯ୍ୟନ୍ତଗିରଫକରାଯାଇନଥିବାପ୍ରକାଶ।

**ପରକୀୟା ପ୍ରୀତି ଲାଗି ମହିଳାଙ୍କୁ ଦଣ୍ଡ**



# ପ୍ରତିରକ୍ଷା ବଜେଟଠାରୁ ସ୍ୱାସ୍ଥ୍ୟ ଖର୍ଚ୍ଚ ୧୦ଗୁଣା କମ୍

**ୱାଶିଂଟନ/ନୂଆଦିଲ୍ଲୀ**

ଭାରତରେ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଖର୍ଚ୍ଚ ହେଉଛି। ଅପରପକ୍ଷରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କରାଯାଉଥିବା ଖର୍ଚ୍ଚ କମ୍ ରହିଛି। ଦେଶରେ ସ୍ୱାସ୍ଥ୍ୟ ଖର୍ଚ୍ଚ ପ୍ରତିରକ୍ଷା ବଜେଟଠାରୁ ୮ରୁ ୧୦ଗୁଣା କମ୍ ରହିଛି। ଭାରତର ପଡ଼ୋଶୀ ଦେଶ ପାକିସ୍ତାନରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଖର୍ଚ୍ଚ କରାଯାଉଥିବା ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପୃଥିବୀରେ ଆମେରିକାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଖର୍ଚ୍ଚ ହେଉଥିବାବେଳେ ଇସ୍ରାଏଲ୍‌ରେ ପ୍ରତିରକ୍ଷା କ୍ଷେତ୍ରରେ ସର୍ବାଧିକ ଖର୍ଚ୍ଚ କରାଯାଇଥାଏ। ଗତ ୫ ବର୍ଷ ମଧ୍ୟରେ ଭାରତର ପ୍ରତିରକ୍ଷା ବଜେଟ ୨ଲକ୍ଷ ୮୫ ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ୨ ଲକ୍ଷ ୯୪ ହଜାର କୋଟିରେ ପହଞ୍ଚିଛି। ଅପରପକ୍ଷରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ପରିମାଣ ୩୫ ହଜାର କୋଟିରୁ କମି ୩୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ନିଜ କାର୍ଯ୍ୟକାଳର ପ୍ରଥମ ୫ ବର୍ଷରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୨ଲକ୍ଷ ୩ ହଜାର ୫୩୫ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ପ୍ରତିରକ୍ଷା କ୍ଷେତ୍ରରେ ୧୬ ଲକ୍ଷ ୮ ହଜାର ୮୪୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଅପରପକ୍ଷରେ ଆମେରିକା ଦେଶର ପ୍ରତି ନାଗରିକଙ୍କ ସ୍ୱାସ୍ଥ୍ୟ ପାଇଁ ହାରାହାରି ୬ ଲକ୍ଷ ୭୩ ହଜାର ଟଙ୍କା ଖର୍ଚ୍ଚ କରିଥାଏ। ଏହା ତଳକୁ ନରୱେ ଏବଂ ଜର୍ମାନୀ ଆଦି ଦେଶ ରହିଛନ୍ତି। ଆମେରିକା ନିଜ ଡିଜିପିର ୧୪.୩ ପ୍ରତିଶତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ କରିଥାଏ। ଭାରତରେ ଜିଡ଼ିପିର ୧.୨୮ ପ୍ରତିଶତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ହୋଇଥାଏ। ଭାରତ ଏହି ତାଲିକାରେ ୧୭୦ତମ ସ୍ଥାନରେ ରହିଥିବା ରିପୋର୍ଟରେ ଦର୍ଶାଯାଇଛି।



ବୋରିସ ଜନସନ୍

# ଭାରତୀୟ କମ୍ପାନୀର ସାଇକେଲ ଚଲାଇଲେ ବୋରିସ୍

ଲଣ୍ଡନ: ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନସନ୍ 'ମେଡ୍ ଇନ୍ ଇଣ୍ଡିଆ' ଅର୍ଥାତ୍ ଭାରତୀୟ କମ୍ପାନୀର ସାଇକେଲ ଚଲାଉଥିବା ନଜର ଆସିଛନ୍ତି। ଜନସନ କୋଭିଡ୍ -୧୯ ସହିତ ଲଢ଼ିବା ପାଇଁ ସାଇକେଲ ଚଲାଇବା ଏବଂ ମେଦବହୁଳତା ହ୍ରାସ କରିବା ପାଇଁ ଏହି ଉପାୟ ଆପଣାଇଛନ୍ତି। ସେ ଏହା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନାରେ ୨ ବିଲିୟନ ପାଉଣ୍ଡ ଅର୍ଥାତ୍ ୧୯,୩୯୭ କୋଟି ଖର୍ଚ୍ଚ ହେବ। ଯେଉଁଥିରେ ଲୋକମାନେ ସାଇକେଲ ପାଇଁ ଉତ୍ସାହିତ ହେବେ। ସାଇକେଲ ଷ୍ଟେଶନ ଏବଂ ରୁଟ୍ ମଧ୍ୟ ନିର୍ମାଣ ହେବ ବୋଲି ସେ କହିଛନ୍ତି। କରୋନା ମହାମାରୀ ଏବଂ ମେଦବହୁଳତା ଦୂର କରିବା ପାଇଁ ଜନ୍‌ସନ ଏହି ଯୋଜନା ଆରମ୍ଭ କରିଥିଲେ। ଏହି ସାଇକେଲକୁ ଭାରତୀୟ କମ୍ପାନୀ ହିରୋ ତିଆରି କରିଛି। ଜନ୍‌ସନ ହିରୋ ବାଇକିଂ ପ୍ରୋ ଚଲାଉଥିବା ଦେଖିବାକୁ ମିଳିଛି। ବୋରିସ୍ ଜନ୍‌ସନ କେନ୍ଦ୍ରୀୟ ଇଂଲଣ୍ଡର ନଟିଙ୍ଘମସ୍ଥିତ କେନାଲସାଇଡ ହେରିଟେଜ ସେଣ୍ଟର ଆଖପାଖରେ ସାଇକେଲ ଚଲାଉଥିବା ନଜର ଆସିଛନ୍ତି। ବୋରିସ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ହଜାର କିଲୋମିଟର ପର୍ଯ୍ୟନ୍ତ ସାଇକେଲ ଚଳାଇବା ପାଇଁ ଲନ୍ ତିଆରି କରାଯାଇଛି। ଯେଉଁଥିରେ ଲୋକମାନେ ସାଇକେଲ ଚଳାଇବା କିମ୍ବା ଚାଲିବା ଦ୍ୱାରା ସେମାନଙ୍କର ମେଦବହୁଳତା ହ୍ରାସ ହୋଇପାରିବ। ଏତଦ୍‌ବ୍ୟତୀତ କୋଭିଡ୍ -୧୯ ଏବଂ ଅନ୍ୟାନ୍ୟ ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରିବ ବୋଲି ଜନ୍‌ସନ କହିଛନ୍ତି।

# ଗର୍ଲଫ୍ରେଣ୍ଡଙ୍କ ପାଇଁ ଲଣ୍ଡା ହେଲେ

ନୂଆଦିଲ୍ଲୀ: ପ୍ରକୃତ ପ୍ରେମରେ ସାଥୀଟିଏ ସବୁକିଛି ତ୍ୟାଗ କରିପାରେ। ଏମିତି ଏକ ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହି ଭିଡିଓରେ ଜଣେ ବ୍ୟକ୍ତି ତାଙ୍କ ଗର୍ଲଫ୍ରେଣ୍ଡଙ୍କ ଚୁଟି କାଟି ତାଙ୍କୁ ଲଣ୍ଡା କରିବା ପରେ ସେ ନିଜେ ମଧ୍ୟ ଲଣ୍ଡା ହୋଇଛନ୍ତି। ପ୍ରକୃତରେ ସେହି ବ୍ୟକ୍ତିଙ୍କ ଗର୍ଲଫ୍ରେଣ୍ଡ ଜଣକ ଆଲୋପେସିଆ ନାମକ ଏକ ରୋଗରେ ପୀଡ଼ିତ ହୋଇଛନ୍ତି। ତେଣୁ ତାଙ୍କର ଏକ ସ୍ୱତନ୍ତ୍ର ପ୍ରକାରର ଟିସୁ ନଷ୍ଟ ହୋଇଯାଇଥିବାରୁ ସେ ହେୟାରଫଲ୍ ସମସ୍ୟା ଭୋଗୁଥିଲେ। ତେଣୁ ଗର୍ଲଫ୍ରେଣ୍ଡଙ୍କୁ ଲଣ୍ଡା କରିବା ପରେ ତାଙ୍କୁ ସମବେଦନା ଜଣାଇବା ପାଇଁ ସେ ନିଜେ ମଧ୍ୟ ଲଣ୍ଡା ହୋଇଛନ୍ତି। ଏଭଳି ଏକ ଭିଡିଓକୁ ଶେୟାର କରିଛନ୍ତି ପୂର୍ବତନ ବାସ୍କେଟବଲ୍ ଖେଳାଳି ରାକ୍ସ ଚାପ୍‌ମ୍ୟାନ୍। ଏଥିରେ କ୍ୟାପଶନ୍ ଲେଖି ସେ ଏହି ପ୍ରେମୀଯୁଗଳଙ୍କ ସମ୍ପର୍କରେ ଲେଖିଛନ୍ତି। ଏକ ମିନିଟ୍‌ର ଭିଡିଓଟି ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଏହି ଭିଡିଓ ଦେଖିବା ପରେ ଏବେ ଅନେକେ ନିଜ ନିଜର ଏଭଳି ଅନୁଭବ ଥିବା ମଧ୍ୟ ଶେୟାର କରିଛନ୍ତି। ଭିଡିଓରେ ଗର୍ଲଫ୍ରେଣ୍ଡଙ୍କ କେଶ କାଟି ସାରିବା ମାତ୍ରେ ତାଙ୍କ ବୟଫ୍ରେଣ୍ଡ ସଙ୍ଗେ ସଙ୍ଗେ ନିଜ ଚୁଟିକାଟି ଦେଉଛନ୍ତି।



# ଫୁଟ୍‌ବଲ ହବ୍ ପଥରେ ଭୁବନେଶ୍ୱର


କଳିଙ୍ଗ ଷ୍ଟାଡିୟମ

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଭୁବନେଶ୍ୱରରେ ୫ଟି ଗ୍ରାଉଣ୍ଡ ପ୍ରସ୍ତୁତ ହେଉଛି। ସମସ୍ତ ଗ୍ରାଉଣ୍ଡ ଫିଫା ଗାଇଡ୍‌ଲାଇନ୍ ଅନୁସାରେ ହେଉଥିବାରୁ ଦେଶର ଅଘୋଷିତ କ୍ରୀଡ଼ା ରାଜଧାନୀ ମାନ୍ୟତା ପାଉଥିବା ଭୁବନେଶ୍ୱର ଏବେ ଫୁଟ୍‌ବଲ ହବ୍‌ରେ ପରିଣତ ହେବାକୁ ଯାଉଛି...**

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ୨୦୨୧ ଫେବୃୟାରୀ ୧୭ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ଭାରତର ୫ଟି ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏହା ମଧ୍ୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଅନ୍ୟତମ। ଅନ୍ୟ ୪ଟି ଗ୍ରାଉଣ୍ଡ ହେଲା କୋଲକାତାର ସଲ୍ଟଲେକ୍, ଗୁଆହାଟୀର ଇନ୍ଦିରାଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମ, ଅହମ୍ମଦାବାଦର ଏକ୍କା ଆରେନା ଓ ନଭି ମୁମ୍ବାଇର ଡି.ୱାଇ. ପାଲିଟ ଷ୍ଟାଡିୟମ। ପ୍ରକୃତରେ ଏହି ପ୍ରତିଯୋଗିତା ୨୦୨୦ ନଭେମ୍ବର ୨ରୁ ୨୧ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କରୋନା ଭାଇରସ ସଂକ୍ରମଣଜନିତ କାରଣକୁ ଏହାକୁ ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଏବଂ ହକି ବିଶ୍ୱକପ ପରି ମେଗା ଇଭେଣ୍ଟକୁ ସଫଳତାର ସହ ଆୟୋଜନ କରି ସାରିଥିବା ଓଡ଼ିଶା ସରକାର ଆଗାମୀ ପ୍ରତିଯୋଗିତାକୁ ମଧ୍ୟ ସ୍ମରଣୀୟ କରିବା ଲକ୍ଷ୍ୟରେ ଅଛନ୍ତି।

ନିକଟରେ ଫିଫା ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ଭୁବନେଶ୍ୱରରେ ମୋଟ ୮ଟି ମ୍ୟାଚ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୬ଟି ଲିଗ୍ ମ୍ୟାଚ ଏବଂ ଗୋଟିଏ ଲେଖାଏ କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ସାମିଲ। ମାନଦଣ୍ଡ ଅନୁସାରେ କୌଣସି ଫିଫା ଟୁର୍ନାମେଣ୍ଟ ପାଇଁ ଗୋଟିଏ ମୁଖ୍ୟ ଗ୍ରାଉଣ୍ଡ ସହ ୪ଟି ପ୍ରାକ୍ଟିସ ପିଚ୍ ରହିବା ଜରୁରୀ। ପ୍ରାକ୍ଟିସ ପିଚ୍‌ଗୁଡ଼ିକ ମଧ୍ୟ ଫିଫା ଷ୍ଟାଣ୍ଡାର୍ଡର ହୋଇଥାଏ। କାରଣ ବିଶ୍ୱକପ ସମୟରେ ଟିମ୍‌ଗୁଡ଼ିକ ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାଉଣ୍ଡରେ ଅଭ୍ୟାସ କରିବାକୁ ପସନ୍ଦ କରିଥାନ୍ତି। ସେମାନେ ଆଇସୋଲେଟ୍ ଟ୍ରେନିଂ କରନ୍ତି ଯେପରି କି ତାଙ୍କ ଟ୍ରେନିଂକୁ କେହି ଦେଖିପାରନ୍ତି ନାହିଁ। ପରିବେଶ ସହିତ ଖାପ ଖୁଆଇବା ପାଇଁ କୌଣସି ଦଳ ମାସେ କିମ୍ବା ୨ ମାସ ପୂର୍ବରୁ ବି ଆସିବାର ସମ୍ଭାବନା ଥାଏ। ତେଣୁ ଫିଫାର ଗାଇଡ୍‌ଲାଇନ ଅନୁସାରେ ତାଙ୍କ ପାଇଁ ଉତ୍ସର୍ଗୀକୃତ ଭାବେ ଗୋଟିଏ ଗ୍ରାଉଣ୍ଡ ରଖାଯାଏ। ସେହି ଅନୁସାରେ ଭୁବନେଶ୍ୱରରେ ଫୁଟବଲ ଭିତ୍ତିଭୂମି ବଢୁଛି। କଳିଙ୍ଗ ଷ୍ଟାଡିୟମରେ ୨ଟି ଗ୍ରାଉଣ୍ଡ ପ୍ରସ୍ତୁତ ହେଉଛି। ମ୍ୟାଚ ପାଇଁ ଗୋଟିଏ ମୁଖ୍ୟ ଗ୍ରାଉଣ୍ଡ ହୋଇଥିବାବେଳେ ଅନ୍ୟଟି ଅଭ୍ୟାସ ପାଇଁ ଉଦ୍ଦିଷ୍ଟ। ଏହା ବ୍ୟତୀତ ୭ମ ବାଟାଲିୟନରେ ୨ଟି ଏବଂ ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲରେ ଗୋଟିଏ ଗ୍ରାଉଣ୍ଡକୁ ଫିଫା ଷ୍ଟାଣ୍ଡାର୍ଡର କରାଯାଉଛି। ସେଥିରେ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯଥା ଡ୍ରେସିଂ ରୁମ୍, ଜିମ୍, ମିଡିଆ ବକ୍ସ, କନ୍‌ଫରେନ୍ସ ହଲ ଆଦି ରହିବ। ସେଣ୍ଡ ବେସ୍ ପିଚ୍, ପପ୍-ଅପ୍ ୱାଟରିଂ ସିଷ୍ଟମ କରାଯାଉଥିବାରୁ ତା'ର ମେଣ୍ଟେନାନ୍ସ ମଧ୍ୟ ସେପରି ହେବ। ମୁଖ୍ୟ ଗ୍ରାଉଣ୍ଡର କମ୍ପିଟିଶନ ଏରିଆ ସମ୍ପୂର୍ଣ୍ଣ ନୂଆ ଭାବେ ପ୍ରସ୍ତୁତ ହେଉଛି। ପୂର୍ବରୁ ୨ଟି ଡ୍ରେସିଂ ରୁମ୍ ଥିବାବେଳେ ଏବେ ଏହା ୪କୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ରେଫରି ରୁମ୍, ଫିଫା ଅଫିସ, ଲୋକାଲ ଅର୍ଗାନାଇଜର ରୁମ୍ ଆଦି ମଧ୍ୟ ରହିବ। ଅଭ୍ୟାସ ଗ୍ରାଉଣ୍ଡଗୁଡ଼ିକରେ ଫ୍ଲଡଲାଇଟ୍‌ର ବ୍ୟବସ୍ଥା କରାଯାଉଛି। ମୋଟାମୋଟି ଭାବେ କହିଲେ ଭୁବନେଶ୍ୱର ଏକ ଫୁଟବଲ ହବ୍‌ରେ ପରିଣତ ହେବା ପଥରେ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଭିତ୍ତିଭୂମି ଉପଲବ୍ଧ ପରେ ଏଠାରେ ଇଣ୍ଡିଆନ ସୁପରଲିଗ୍(ଆଇଏସଏଲ) ଦଳ ଓଡ଼ିଶା ଏଫସି ଏବଂ ଏଆଇଏଫଏଫର ଗ୍ରାସ୍‌ରୁଟ୍ ପ୍ରୋଗ୍ରାମ ଚାଲିବା ସମ୍ଭାବନା ରହିଛି। ୟୁଥ୍ ଟୁର୍ନାମେଣ୍ଟ, ସିନିୟର ନ୍ୟାଶନାଲ କିମ୍ବା ବିଭିନ୍ନ ଲିଗ୍ ମଧ୍ୟ ଏଠାରେ ହୋଇପାରିବ। ମିଳିଥିବା ସୂଚନା ଅନୁସାରେ ସବୁ ଗ୍ରାଉଣ୍ଡରେ ସିଡିଂ ସରିଯାଇଛି। ୭ମ ବାଟାଲିୟନର ଗୋଟିଏ ଗ୍ରାଉଣ୍ଡର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଯାଇଛି। କ୍ୟାପିଟାଲ ହାଇସ୍କୁଲ ଗ୍ରାଉଣ୍ଡ କାର୍ଯ୍ୟ ମଧ୍ୟ ଆଗେଇଛି। ଡ୍ରେସିଂ ରୁମ୍ କାର୍ଯ୍ୟ ଚାଲିଛି। ଅଗଷ୍ଟ ସୁଦ୍ଧା ସବୁ ଗ୍ରାଉଣ୍ଡ କାର୍ଯ୍ୟ ଶେଷ ହୋଇଯିବା ସମ୍ଭାବନା ରହିଛି।

ଭାରତୀୟ ଫୁଟବଲ ଦଳ ଆସନ୍ତା ଅକ୍ଟୋବର ଓ ନଭେମ୍ବରରେ କାତାର ଓ ଆଫଗାନିସ୍ତାନ ବିପକ୍ଷରେ ୨ଟି ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ଭାରତ-କାତାର ମ୍ୟାଚ ଅକ୍ଟୋବର ୮ରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଧାର୍ଯ୍ୟ କରାଯାଇଛି। କରୋନା ଭାଇରସ ସଂକ୍ରମଣଜନିତ ସ୍ଥିତି ଉପରେ ଏହା ସମ୍ପୂର୍ଣ୍ଣ ନିର୍ଭର କରୁଥିବାବେଳେ ଏଥିପାଇଁ ଭାରତୀୟ ଦଳର କ୍ୟାମ୍ପ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲି କିଛିଦିନ ତଳେ ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍(ବିସିସିଆଇ) ପକ୍ଷରୁ ଆୟୋଜିତ ୱେବିନାରରେ ଭାଗନେଇ ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଥିଲେ। ତେଣୁ ଫିଫା ଷ୍ଟାଣ୍ଡାର୍ଡରେ ପ୍ରସ୍ତୁତ ହେଉଥିବା ୪ଟି ଅଭ୍ୟାସ ଗ୍ରାଉଣ୍ଡରୁ ଏଥିପାଇଁ ଗୋଟିଏ ବ୍ୟବହୃତ ହେବା ସମ୍ଭାବନା ରହିଛି। କୋଭିଡ-୧୯ ପାଇଁ କିଛି ପରିମାଣରେ ଧିମେଇ ଯାଇଥିଲେ ହେଁ ପ୍ରସ୍ତୁତି କାର୍ଯ୍ୟ ଏବେ ପୂରା ଦମ୍‌ରେ ଚାଲିଛି। ଅଗଷ୍ଟ ୩୧ସୁଦ୍ଧା ଗ୍ରାଉଣ୍ଡ କାର୍ଯ୍ୟ ଏବଂ ସେପ୍ଟେମ୍ବର ସୁଦ୍ଧା ଡ୍ରେସିଂରୁମ୍ ଏବଂ ଅନ୍ୟ କାର୍ଯ୍ୟ ଶେଷ ହେବା ଲକ୍ଷ୍ୟ ରଖା ଯାଇଥିବା ଜଣାଯାଇଛି।

ପର୍ଯ୍ୟାପ୍ତ ପରିମାଣରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଜାତୀୟ/ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ପଥ ଉନ୍ମୁକ୍ତ ରହିବ। ଆଗାମୀ ଦିନରେ ଏଠାରେ ଏସିଆନ ମହିଳା କିମ୍ବା ପୁରୁଷ ଟୁର୍ନାମେଣ୍ଟ ଭଳି ବଡ଼ ପ୍ରତିଯୋଗିତା ଆୟୋଜନ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଫୁଟବଲକୁ କ୍ୟାରିୟର କରୁଥିବା ଖେଳାଳିଙ୍କର ବିଶ୍ୱକପ ଖେଳିବା ସ୍ୱପ୍ନ ରହିବା ସ୍ୱାଭାବିକ। ଏଥିପାଇଁ ଯୋଗ୍ୟତା ଅର୍ଜନ ସହଜ ନୁହେଁ, ମାତ୍ର ଆୟୋଜକ ହୋଇଥିବାରୁ ଏଥର ଭାରତୀୟ ଦଳ ଖେଳିବା ସୁଯୋଗ ପାଇବ। ଏହା ନିଶ୍ଚିତ ଖେଳାଳି ଏବଂ ଦେଶର ଫୁଟବଲ ପାଇଁ ନୂଆ ଅନୁଭୂତି ଆଣିବ। ବିଶେଷ କରି ଦେଶ ଏବଂ ରାଜ୍ୟର ବାଳିକା ଫୁଟବଲ ଖେଳାଳିମାନେ ଏଥିରୁ ଉପକୃତ ହେବେ। ବିଶ୍ୱକପ ପାଇଁ କ୍ୟାମ୍ପରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳିଙ୍କ ପାଇଁ ମଧ୍ୟ ଜାତୀୟ ଜର୍ସି ପିନ୍ଧିବାର ସୁଯୋଗ ରହିବ।

**ପ୍ରସ୍ତୁତି: ତପନ ସ୍ୱାଇଁ**
**ଫଟୋ: ବିକାଶ ନାୟକ**

### ପ୍ରସ୍ତୁତି ପଥରେ ୫ ଗ୍ରାଉଣ୍ଡ

କଳିଙ୍ଗ ଷ୍ଟାଡିୟମରେ ୧ ମୁଖ୍ୟ, ୧ ଅଭ୍ୟାସ
ସପ୍ତମ ବାଟାଲିୟନରେ ୨ ଅଭ୍ୟାସ ପଡ଼ିଆ
କ୍ୟାପିଟାଲ ହାଇସ୍କୁଲରେ ୧ ଅଭ୍ୟାସ ପଡ଼ିଆ

### ପୂର୍ବରୁ ଅନୁଷ୍ଠିତ ଫୁଟବଲ ପ୍ରତିଯୋଗିତା

ମହିଳା ଗୋଲ୍ଡ କପ୍: ୨୦୧୯ ଫେବୃୟାରୀ ୯ରୁ ୧୫
ଆଇ-ଲିଗ୍:୨୦୧୮-୧୯, ୨୦୧୯-୨୦
ଇଣ୍ଡିଆନ ସୁପର କପ୍: ୨୦୧୮, ୨୦୧୯
ଇଣ୍ଡିଆନ ସୁପରଲିଗ୍: ୨୦୧୭-୧୮, ୨୦୧୯-୨୦

**ହେବାକୁଥିବା ଟୁର୍ନାମେଣ୍ଟ/ମ୍ୟାଚ**

ଭାରତ ବନାମ କାତାର (ଫିଫା କ୍ୱାଲିଫାୟର ଦ୍ୱିତୀୟ ରାଉଣ୍ଡ): ୨୦୨୦ ଅକ୍ଟୋବର ୮
୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ: ୨୦୨୧ ଫେବୃୟାରୀ ୧୭ରୁ ମାର୍ଚ୍ଚ ୭

## ଆର୍ଟିଫିସିଆଲ ପିଚ୍

ସୂଚନା ଅନୁସାରେ ୟୁନିଟ-୧ ହାଇସ୍କୁଲ ଗ୍ରାଉଣ୍ଡରେ ଏକ ଆର୍ଟିଫିସିଆଲ ପିଚ୍ ପ୍ରସ୍ତୁତ କରିବା ସରକାରଙ୍କ ଯୋଜନା ରହିଛି। ଫଳରେ ବର୍ଷା ଆଦି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏଠାରେ ଖେଳିବା ସୁଯୋଗ ରହିବ। ଆର୍ଟିଫିସିଆଲ ଗ୍ରାଉଣ୍ଡ ଅଧିକ ବ୍ୟବହାର ହେଲେ ମଧ୍ୟ ନଷ୍ଟ ହେବନାହିଁ। ବର୍ଷା ହେଲେ ମଧ୍ୟ ସେଠାରେ ଅଭ୍ୟାସ ହୋଇପାରିବ। କାରଣ ତାହାର ଡ୍ରେନେଜ ସିଷ୍ଟମ ସେପରି ରହିବ। ସିନ୍ଥେଟିକ୍ ଗ୍ରାଉଣ୍ଡ ୧୫ରୁ ୨୦ ବର୍ଷ ପର୍ଯ୍ୟନ୍ତ ଖରାପ ହୋଇ ନ ଥାଏ। ତେଣୁ ବିଶେଷ ସମସ୍ୟା ରହିବ ନାହିଁ। ଏଠାରେ ଭବିଷ୍ୟତରେ ଭୁବନେଶ୍ୱର ଲିଗ୍ କିମ୍ବା ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇ ପାରିବ। ଇନ୍ଦିରା ମଇଦାନ ମଧ୍ୟ ସରକାରଙ୍କ ନଜରରେ ରହିଥିବା ଜଣାଯାଇଛି।


ପ୍ରସ୍ତୁତି ପଥେ କ୍ୟାପିଟାଲ ହାଇସ୍କୁଲ ଗ୍ରାଉଣ୍ଡ

## ଖେଳ ଖବର

## ପୁତ୍ର ସନ୍ତାନର ଜନକ ହେଲେ ପାଣ୍ଡ୍ୟା

**ନୂଆଦିଲ୍ଲୀ,୩୦।୭**

ଭାରତୀୟ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପିତା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପତ୍ନୀ ନାତାଶା ଷ୍ଟାଙ୍କୋଭିକ୍ ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ୨୬ ବର୍ଷୀୟ ପାଣ୍ଡ୍ୟା ଏ ନେଇ ଟୁଇଟ୍ କରି ଘୋଷଣା କରିଛନ୍ତି। ଆମେ ଏକ ପୁତ୍ର ସନ୍ତାନର ମାତାପିତା ହେବାର ସୌଭାଗ୍ୟ ଲାଭ କରିଛୁ। ସେ ମଧ୍ୟ ଶିଶୁର ଫଟୋ ଅପ୍‌ଲୋଡ କରିଛନ୍ତି। ଏଥିରେ ଶିଶୁର ହାତ ଦେଖା ଯାଉଛି। ଭଦୋଦାରାରେ ପିଲା ଜନ୍ମ ହୋଇଥିଲା। କୋଭିଡ୍-୧୯ କାରଣରୁ ସାରା ଦେଶରେ ଲକ୍‌ଡାଉନ ଜାରି କରାଯାଇଥିବା ବେଳେ ଦୁହେଁ ବିବାହ କରିଥିଲେ। ଏହା ପରେ ମେ ମାସରେ ପାଣ୍ଡ୍ୟା ଓ ନାତାଶା ସନ୍ତାନ ଜନ୍ମ ହେବା ସମ୍ପର୍କରେ ସୂଚନା ଦେଇଥିଲେ।

ପିତା ହେବା ପରେ ପାଣ୍ଡ୍ୟାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଅଧିନାୟକ ବିରାଟ କୋହଲି ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତୁମ ଦୁହିଁଙ୍କୁ ଅଭିନନ୍ଦନ ବୋଲି ସେ ଟୁଇଟ୍ କରିଛନ୍ତି। ସେହିପରି ଭାରତୀୟ ହେଡ୍ କୋଚ୍ ରବି ଶାସ୍ତ୍ରୀ, ତାରକା ଓପନର ଲୋକେଶ ରାହୁଲ, ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ମଧ୍ୟ ଏହି ଦୁଇଜଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଥାଉ କି, ଚଳିତ ବର୍ଷ ପ୍ରାରମ୍ଭରେ ନାତାଶାଙ୍କ ସହ ନିଜ ନିର୍ବନ୍ଧ କଥା ପାଣ୍ଡ୍ୟା ଘୋଷଣା କରିଥିଲେ ଓ ଏହା ସାଥୀ ଖେଳାଳିଙ୍କ ସମେତ ସବୁ ପ୍ରଶଂସକଙ୍କୁ ଚକିତ କରିଥିଲା।


ସ୍ତ୍ରୀ ନାତାଶାଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା

## ସକାରାତ୍ମକ ମନୋଭାବ ଉପରେ ଗୁର୍‌ପ୍ରୀତଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୩୦।୭**
**(ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜିରେ ଯୋଗଦେଇଥିବା ନୂଆ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ୍ ପରିଚୟ କାର୍ଯ୍ୟକ୍ରମରେ ଭାରତୀୟ ଫୁଟବଲ ଦଳର ଗୋଲକିପର ତଥା ରେଡ୍ ବୁଲ୍ କ୍ରୀଡ଼ାବିତ୍ ଗୁର୍‌ପ୍ରୀତ ସିଂହ ସାନ୍ଧୁ ଯୋଗଦେଇ ସମସ୍ତଙ୍କୁ ଚକିତ କରିଛନ୍ତି। ତାଙ୍କ ଯୋଗଦାନରେ ଛାତ୍ରୀଛାତ୍ରୀମାନେ ସ୍ୱାଭାବିକ ଉତ୍ସାହିତ ହୋଇଥିଲେ। କରୋନା ଭାଇରସ୍ ସଂକ୍ରମଣ ଜନିତ କଠିନ ସମୟରେ ସକାରାତ୍ମକ ମନୋଭାବ ରଖିବା ଏବଂ ଆବେଗିକ ଓ ମାନସିକ ଦୃଢ଼ତାର ଗୁରୁତ୍ୱ ବିଷୟରେ ସେ ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରିଥିଲେ। ନିଜର ଖେଳ, ଦୈନନ୍ଦିନ ଜୀବନଶୈଳୀ ଓ ୟୁରୋପା କପ୍‌ର ଅନୁଭୂତିକୁ ନେଇ ସେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

## ଶୁଟିଂ କୋଚ୍ କରୋନା ପଜିଟିଭ୍

**ନୂଆଦିଲ୍ଲୀ, ୩୦।୭ (ପି.ଟି.)**

କୋଭିଡ୍-୧୯ ପାଇଁ ହୋଇଥିବା ଟେଷ୍ଟରେ ଜଣେ ଶୁଟିଂ କୋଚ୍‌ଙ୍କ ଫଳାଫଳ ପଜିଟିଭ୍ ଆସିଛି। ଏହସତ୍ତ୍ୱେ ସ୍ଥାନୀୟ କାର୍ନି ସିଂ ରେଞ୍ଜ୍‌ରେ ଅଲିମ୍ପିକ କୋର୍ ଗ୍ରୁପ୍‌ର ୩୪ଜଣ ଭାରତୀୟ ଶୁଟରଙ୍କ ଟ୍ରେନିଂ କାର୍ଯ୍ୟ ଅଗଷ୍ଟ ୧ରୁ ଆରମ୍ଭ ହେବ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ତରଫରୁ ଏକ ପ୍ରେସ୍ ଇସ୍ତାହାରରେ ଏହି ସୂଚନା ଦିଆଯାଇଛି। ମହିଳା କୋଚ୍‌ଜଣଙ୍କୁ ଗୁରୁବାର ତାଙ୍କ ଫଳାଫଳ ଜଣାଇ ଦିଆଯାଇଛି। ସେ ଯେହେତୁ କୌଣସି ଶୁଟରଙ୍କ ସଂସ୍ପର୍ଶରେ ଆସି ନାହାନ୍ତି ଟ୍ରେନିଂ ପାଇଁ ଶୁଟିଂ ରେଞ୍ଜ ଖୋଲା ରହିବ। କାର୍ନି ସିଂ ରେଞ୍ଜ୍ ଜୁଲାଇ ୮ରୁ ବ୍ୟବହାର ପାଇଁ ଖୋଲାଯାଇଛି। କୋଚ୍ ଜଣଙ୍କ କେବଳ ଗତ ଜୁଲାଇ ୨୪ରେ ସେଣ୍ଟରର ପ୍ରଶାସନିକ ବିଭାଗକୁ ଆସିଥିଲେ। ସେ ଖେଳପଡ଼ିଆକୁ ଯାଇ ନାହାନ୍ତି କିମ୍ବା ସେଣ୍ଟରରେ ଟ୍ରେନିଂ ନେଉଥିବା କୌଣସି ଆଥଲେଟ୍‌ଙ୍କ ସହିତ କଥାବାର୍ତ୍ତା ହୋଇନାହାନ୍ତି। ପ୍ରୋଟୋକଲ୍ ଅନୁସାରେ ସମସ୍ତ ପଦକ୍ଷେପ ନିଆଯାଇଛି। ସେଣ୍ଟରକୁ ବିଶୋଧନର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଶୁଟରମାନଙ୍କ ଟ୍ରେନିଂ କାର୍ଯ୍ୟ ପ୍ରଭାବିତ ହେବ ନାହିଁ। ଅଗଷ୍ଟ ୧ରୁ ଟ୍ରେନିଂକୁ ଫେରିବା ଲାଗି ଅଲିମ୍ପିକ କୋର୍ ଗ୍ରୁପ୍‌ର ସମସ୍ତ ୩୪ ଭାରତୀୟ ଶୁଟରଙ୍କୁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ(ଏନ୍‌ଆର୍‌ଆଇଏ) ନିର୍ଦ୍ଦେଶ ଦେଇଛି। କରୋନା ଭାଇରସ୍ ପାଇଁ ଅଲିମ୍ପିକ ଗେମ୍ସକୁ ଆସନ୍ତାବର୍ଷକୁ ଘୁଞ୍ଚାଇ ଦିଆଯାଇଛି।



## ଗ୍ଲାମର ଇନ୍ ହକି

**ନେଦରଲାଣ୍ଡ ମହିଳା ହକି ତାରକା ଫାତିମା ମୋରେଇରା ଡି ମେଲୋ ଜଣେ ବହୁବିଧ ପ୍ରତିଭାର ଅଧିକାରୀ। ବିଶ୍ୱକପ୍, ଅଲିମ୍ପିକ୍ସ, ଚାମ୍ପିୟନ୍ସ ଟ୍ରଫିରେ ସବୁ ପ୍ରକାର ସଫଳତା ହାସଲ କରିଥିବା ସୁନ୍ଦରୀ ଫାତିମା ଜଣେ ଉଚ୍ଚକୋଟୀର ଗାୟିକା ମଧ୍ୟ। ଟେଲିଭିଜନରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେ ବେଶ୍ ଲୋକପ୍ରିୟ ହୋଇଥିଲେ...**


ଫାତିମା

ବିଶ୍ୱର ପ୍ରାୟ ସବୁ କ୍ରୀଡ଼ାରେ ସୁନ୍ଦରୀ ମହିଳା ଖେଳାଳିମାନଙ୍କ ଚମକ ଦେଖିବାକୁ ମିଳିଥାଏ। ଟେନସ୍, ଫୁଟବଲ, ସ୍କ୍ୱାଶ୍ ଓ ଅନ୍ୟ କ୍ରୀଡ଼ାରେ ସୁନ୍ଦରୀ ମହିଳା ଖେଳାଳିମାନେ ସଫଳତାର ଶୀର୍ଷକୁ ଛୁଇଁ ଥିବାର ଲକ୍ଷ୍ୟ କରାଯାଇଛି। ହକି ମଧ୍ୟ ଏଥିରେ ପଛରେ ପଡିନାହିଁ।

ନେଦରଲାଣ୍ଡର ମହିଳା ହକି ଖେଳାଳି ଫାତିମା ମୋରେଇରା ଡି ମେଲୋଙ୍କୁ ନେଇ ବିଶ୍ୱ ହକିରେ ପ୍ରାୟ ସବୁବେଳେ ଚର୍ଚ୍ଚା ହୋଇଥାଏ। ଏହି ଡଚ୍ ମହିଳା ହକି ଖେଳାଳିଙ୍କୁ ସୁନ୍ଦରତା, ବୁଦ୍ଧି ଓ ହକିର ଜଣେ ଅସାଧାରଣ ତଥା ଅପୂର୍ବ ସଂଯୋଗ ବୋଲି କୁହାଯାଇଥାଏ। ଫାତିମାଙ୍କୁ ବିଶ୍ୱର ସବୁଠାରୁ ସୁନ୍ଦରୀ ହକି ଖେଳାଳି ବୋଲି ବିବେଚନା କରାଯାଏ। ବିଭିନ୍ନ ଦୃଷ୍ଟିକୋଣରୁ ସେ ପ୍ରତିଭାରେ ଭରପୂର। ଆଥ୍‌ଲେଟିକ୍ସରେ ମଧ୍ୟ ସେ ନିଜର ପ୍ରତିଭା ପ୍ରମାଣିତ କରିଛନ୍ତି। ଜଣେ ଉଚ୍ଚକୋଟୀର ଗାୟିକା ହେବା ସହିତ ସେ ଆଇନ୍‌ରେ ଜଣେ ମାଷ୍ଟର ଡିଗ୍ରୀ (ଏଲ୍‌ଏଲ୍‌ଏମ୍) ହାସଲ କରିଥିବା କଥା ବହୁତ କମ୍ ଲୋକେ ଜାଣିଥିବେ। ନେଦରଲାଣ୍ଡର ପ୍ରମୁଖ ଷ୍ଟ୍ରାଇକରମାନଙ୍କ ମଧ୍ୟରୁ ସେ ଅନ୍ୟତମ।

୧୯୯୭ରେ ଫାତିମା ଜର୍ମାନୀ ବିପକ୍ଷରେ ପଦାର୍ପଣ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ସେ ନିଜ ଦଳକୁ ବିଜୟୀ କରାଇଥିଲେ। ଏହି ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୨-୧ ଗୋଲରେ ବିଜୟ ହାସଲ କରିଥିଲା। ଏହା ପରେ ତାଙ୍କୁ ଦଳର ତାରକା ଖେଳାଳି ବୋଲି ବିବେଚନା କରାଯାଇଥିଲା। ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ପୁରସ୍କାର ହାସଲ କରିଥିଲେ। ଜଣେ ପେସାଦାର ହକି ଖେଳାଳି ଭାବେ ପ୍ରସିଦ୍ଧି ଲାଭ କରିବା ସହିତ ସେ କିଛି ସ୍ଥାନୀୟ ଓ ରାଷ୍ଟ୍ରୀୟ ଟିଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଜଣେ ଗାୟିକା ହିସାବରେ ତାଙ୍କର କ୍ୟାରିୟର ମଧ୍ୟ ବେଶ୍ ସଫଳ ରହିଛି। ୧୯୭୮ରେ ରୋଟେରଡାମ୍‌ରେ ଜନ୍ମଗ୍ରହଣ କରିଥିବା ଏହି ତାରକା ଖେଳାଳି ୨୦୦୬ ମହିଳା ହକି ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ୨୦୦୭ରେ ଚାମ୍ପିୟନ୍ସ ଟ୍ରଫିରେ ସେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦଳକୁ ଚାମ୍ପିୟନ କରାଇଥିଲେ। ସେହିପରି ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫାଇନାଲରେ ନେଦରଲାଣ୍ଡ୍ସ ୨-୦ ଗୋଲରେ ଚାଇନାକୁ ହରାଇ ବାଜିମାରିଥିଲା। ଅଲିମ୍ପିକ୍ସରେ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ (୨୦୦୪, ଏଥେନ୍ସ) ଓ ବ୍ରୋଞ୍ଜ୍ (୨୦୦୦, ସିଡନୀ) ପଦକ ହାସଲ କରିଥିଲେ। ସେହିପରି ବିଶ୍ୱକପ୍‌ରେ ସେ ଗୋଟିଏ ସ୍ୱର୍ଣ୍ଣ (୨୦୦୬, ମାଡ୍ରିଡ୍), ଦୁଇଟି ଲେଖାଏ ରୌପ୍ୟ (୨୦୦୮ ଓ ୨୦୦୨) ପଦକ ହାସଲ କରିଥିଲେ। ଚାମ୍ପିୟନ୍ସ ଟ୍ରଫିରେ ସେ ସବୁଠାରୁ ଅଧିକ ସଫଳତା ହାସଲ କରିଥିଲେ। ଚାମ୍ପିୟନ୍ସ ଟ୍ରଫିରେ ସେ ୨୦୦୦, ୨୦୦୪, ୨୦୦୫ ଓ ୨୦୦୭ରେ ସ୍ୱର୍ଣ୍ଣ ପଦକ ହାଲ କରିଥିଲେ। ୧୯୯୯ ଓ ୨୦୦୧ରେ ସେ ରୌପ୍ୟ, ୨୦୦୨ ଓ ୨୦୦୬ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ହକିରେ ସଫଳତାର ଶୀର୍ଷକୁ ଛୁଇଁଥିବା ଫାତିମାଙ୍କୁ ବିଭିନ୍ନ ଦୃଷ୍ଟିକୋଣରୁ ଏକ ବିରଳ ସଂଯୋଗ ବୋଲି କୁହାଯାଇପାରେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ୩୧ ଜୁଲାଇ, ୨୦୨୦ Balasore, Friday, July 31/2020

## ଫ୍ରାନ୍ସିସ୍କୋ ଇଷ୍ଟବେଙ୍ଗଲର ନୂଆ କୋଚ୍


ଫ୍ରାନ୍ସିସ୍କୋ ଜୋସ୍ ବୁଟୋ ଡା କୋଷ୍ଟା

**କୋଲକାତା, ୩୦।୭(ପି.ଟି.)**

ଫ୍ରାନ୍ସିସ୍କୋ ଜୋସ୍ ବୁଟୋ ଡା କୋଷ୍ଟା ଇଷ୍ଟବେଙ୍ଗଲ ଫୁଟବଲ ଦଳର ନୂଆ କୋଚ୍ ନିଯୁକ୍ତ ହୋଇଛନ୍ତି। ଅାଗାମୀ ସିଜନରେ ତାଙ୍କ ପ୍ରଶିକ୍ଷଣରେ ରେଡ୍ ଆଣ୍ଡ ଗୋଲ୍ଡ ବ୍ରିଗେଡ ଦଳ ପଡ଼ିଆକୁ ଓହ୍ଲାଇବ ବୋଲି କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି। ଗୋଆର ଫ୍ରାନ୍ସିସ୍କୋ ସ୍ପାନିଶ୍ କୋଚ୍ ମାରିଓ ରିଭେରାଙ୍କ ସ୍ଥାନ ନେଇଛନ୍ତି। ରିଭେରାଙ୍କ ପ୍ରଶିକ୍ଷଣରେ ଇଷ୍ଟବେଙ୍ଗଲ ଗତ ଆଇ-ଲିଗ୍ ସିଜନରେ ରନର୍ସଅପ୍ ହୋଇଥିଲା। ୨୦୧୬ ଇଣ୍ଡିଆନ ସୁପରଲିଗ୍‌ରେ ଫ୍ରାନ୍ସିସ୍କୋ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଦଳର ସହକାରୀ କୋଚ୍ ଥିଲେ। ୨୦ ବର୍ଷ ବୟସରେ ସେ ପ୍ରଥମେ ସଲସେଟ ଏଫସିର କୋଚ୍ ନିଯୁକ୍ତ ହୋଇଥିଲେ। ପରେ ସେ ସାଲଗାଓଁକର ୟୁଥ୍ ଡେଭଲପମେଣ୍ଟ ସେଟ୍‌ଅପ୍‌ରେ ସାମିଲ ହୋଇଥିଲେ। ଏହା ବ୍ୟତୀତ ସେ ଭାରତୀୟ ୧୪, ୧୭ ଓ ୧୯ ବର୍ଷରୁ କମ୍ ଦଳର କୋଚ୍ ଏବଂ ଏଆଇଏଫ୍ଏଫ୍ ଏଲିଟ୍ ଏକାଡେମୀର କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ସେ ୨୦୦୮ରେ ଜାମସେଦପୁରରେ ଏଏଫସି 'ଏ' ଲାଇସେନ୍ସ ପ୍ରାପ୍ତ ହୋଇଥିଲେ। ଫ୍ରାନ୍ସିସ୍କୋ ଏଏଫ୍‌ସି ପ୍ରୋ ଲାଇସେନ୍ସ ମଧ୍ୟ ପ୍ରାପ୍ତ ହୋଇଛନ୍ତି।

# ପ୍ରଥମ ଦିନିକିଆ: ୱିଲିଙ୍କ ୫ ଉଇକେଟ୍

**ସାଉଥାମ୍ପଟନ,୩୦।୭(ପି.ଟି.)**

ସ୍ଥାନୀୟ ରୋଜ୍ ବାଓଲ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଇଂଲଣ୍ଡ ଦମ୍‌ଦାର ବୋଲିଂ ପ୍ରଦର୍ଶନ କରିଛି। ଫଳରେ ଆୟର୍ଲାଣ୍ଡ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛି। ଟସ୍ ଜିତି ଇଂଲଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ୪୪.୪ ଓଭରରେ ୧୭୨ ରନ ସଂଗ୍ରହ କରି ଅଲଆଉଟ ହୋଇଛି।

ମାତ୍ର ୨୮ ରନରେ ମୂଲ୍ୟବାନ୍ ୫ ଉଇକେଟ ହରାଇ ଆୟର୍ଲାଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଏହାପରେ ଷଷ୍ଠ ଉଇକେଟ ଯୋଡିରେ କେଭିନ୍ ଓ'ବ୍ରାଏନ ଓ କର୍ଟିସ୍ କ୍ୟାମ୍ଫର ୫୧ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ସେହିପରି ଅଷ୍ଟମ ଉଇକେଟ ଯୋଡିରେ କ୍ୟାମ୍ଫର ଓ ଆଣ୍ଡି ମ୍ୟାକ୍‌ବ୍ରାଏନ ମୂଲ୍ୟବାନ ୬୬ ରନ ସଂଗ୍ରହ କରିଥିଲେ। କ୍ୟାମ୍ଫର ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଅନ୍ୟ ବ୍ୟାଟ୍ସମ୍ୟାନ ତାଙ୍କୁ ସହଯୋଗ କରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ


ଇଂଲଣ୍ଡ ବୋଲର ଡେଭିଡ୍ ୱିଲି

ମ୍ୟାକ୍‌ବ୍ରାଏନ ୪୦, ଓ'ବ୍ରାଏନ୍ ୨୨, ଓପନର ଗ୍ୟାରେଥ ଡେଲାନି ୨୨, ଟେଲ୍ ଏଣ୍ଡର କ୍ରେଗ୍ ୟଙ୍ଗ୍ ୧୧ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଅବଶିଷ୍ଟ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଓପନର ପଲ୍ ଷ୍ଟିର୍ଲିଂ ୨, ଅଧିନାୟକ ଆଣ୍ଡି ବାଲବିର୍ନି ୩, ବେରୀ ମ୍ୟାକ୍‌କାର୍ଥୀ ୩ ରନ କରି ଆଉଟ ହୋଇଥିଲେ। ତେବେ ହ୍ୟାରୀ ଟେକ୍‌ଟର, ଉଇକେଟକିପର ବ୍ୟାଟ୍ସମ୍ୟାନ ଲୋର୍କାନ ଟକର ଓ ସିମି ସିଂ ଖାତା ଖୋଲିପାରି ନ ଥିଲେ।

ବୋଲିଂରେ ଇଂଲଣ୍ଡ ତରଫରୁ ବାମହାତୀ ଦ୍ରୁତ ବୋଲର ଡେଭିଡ୍ ୱିଲି ସର୍ବାଧିକ ୫ ଉଇକେଟ ଅକ୍ତିଆର କରି ଆୟର୍ଲାଣ୍ଡର ବିପର୍ଯ୍ୟୟ ଘଟାଇଥିଲେ। ୱିଲି ଟପ୍ ଅର୍ଡରର ପ୍ରଥମ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏଥିସହିତ ୱିଲି ଦିନିକିଆରେ ତାଙ୍କର ପ୍ରଥମ ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାକିବ୍ ମେହମୁଦ ୨, ଆଦିଲ ରସିଦ ଓ ଟମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଇଂଲଣ୍ଡ ଦଳର ନେତୃତ୍ୱ ନେଉଛନ୍ତି ଜନି ବେୟାରଷ୍ଟୋ। ଉଲ୍ଲେଖଥାଉ କି, ଏହା ପୂର୍ବରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ବିଜୟୀ ହୋଇଥିଲା।

## ରେସ୍‌ଲର ବବିତାଙ୍କୁ ନିଯୁକ୍ତି

**ଚଣ୍ଡିଗଡ଼, ୩୦।୭ (ପି.ଟି.)**


ବବିତା ଫୋଗଟ୍

ହରିୟାଣା ସରକାର ରେସ୍‌ଲର ବବିତା ଫୋଗଟ୍ ଓ କବାଡ଼ି ଖେଳାଳି କବିତା ଦେବୀଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ଉପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛନ୍ତି। ନିଯୁକ୍ତିରେ ରହିଥିବା ସର୍ତ୍ତାବଳୀ ଅନୁସାରେ ଉଭୟେ ଏଣିକି କୌଣସି ବ୍ୟବସାୟିକ ବିଜ୍ଞାପନ ପାଇଁ ଚୁକ୍ତି କରି ପାରିବେ ନାହିଁ। କବିତା ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟା ଥିଲେ। ଅନ୍ତର୍ଜାତୀୟ ରେସ୍‌ଲର ବବିତା ହେଉଛନ୍ତି ବିଶିଷ୍ଟ ରେସ୍‌ଲିଂ କୋଚ୍ ମହାବୀର ଫୋଗଟ୍‌ଙ୍କ ଝିଅ। ଫୋଗଟ୍ ଭଉଣୀ ଦ୍ୱୟଙ୍କ ଜୀବନୀ ଉପରେ ନିର୍ମିତ ହିନ୍ଦୀ ଫିଲ୍ମ 'ଦଙ୍ଗଲ'ର ସଫଳତା ପରେ ସେମାନେ ଦେଶର ଘରେ ଘରେ ପରିଚିତ। ଫୋଗଟ ପୂର୍ବରୁ ହରିୟାଣା ପୋଲିସ୍‌ରେ ଜଣେ ପୋଲିସ୍ ସବ୍‌ଇନ୍ସପେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ଇସ୍ତଫା ଦେଇ ସେ ଭାଜପା ରେ ଯୋଗ ଦେଇଥିଲେ। ୨୦୧୯ରେ ଦାଦ୍ରି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁ ପରାଜିତ ହୋଇଥିଲେ।

# ବିଳମ୍ବ ହୋଇପାରେ ଜାତୀୟ କ୍ରୀଡ଼ା ପୁରସ୍କାର

**ନୂଆଦିଲ୍ଲୀ, ୩୦।୭(ପି.ଟି.):** କରୋନା ଭାଇରସ୍ ସଂକ୍ରମଣ ଜନିତ କାରଣରୁ ଚଳିତ ବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ମାସେ କିମ୍ବା ୨ ମାସ ବିଳମ୍ବ ହୋଇପାରେ। ରାଷ୍ଟ୍ରପତି ଭବନରୁ ପରାମର୍ଶ ମିଳିବା ପରେ ଏ ସମ୍ପର୍କରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଷ୍ଟ୍ରପତି ରାଜୀବ ଗାନ୍ଧୀ ଖେଳରତ୍ନ, ଅର୍ଜୁନ, ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ଆଦି ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥାନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମଦିବସରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ। ମାତ୍ର ଚଳିତ ବର୍ଷ ଏଥିରେ ବିଳମ୍ବ ଘଟିପାରେ। ''ରାଷ୍ଟ୍ରପତି ଭବନରୁ ଏ ସମ୍ପର୍କରେ ଏପର୍ଯ୍ୟନ୍ତ କିଛି ସୂଚନା ଆସିନାହିଁ। ତେଣୁ ନିର୍ଦ୍ଧାରିତ ସମୟରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯିବ କି ନାହିଁ ତାହା କହିବା କଷ୍ଟସାଧ୍ୟ'' ବୋଲି ସେ କହିଛନ୍ତି। କୋଭିଡ୍-୧୯ ଯୋଗୁ ଏବେ ସାରା ଦେଶରେ ସାଧାରଣ ଲୋକ ଏକତ୍ରିତ ହେବା ଉପରେ କଟକଣା ଜାରି ରହିଛି। ରାଷ୍ଟ୍ରପତି ଭବନରେ କୌଣସି ଉତ୍ସବ ମଧ୍ୟ ହେଉନାହିଁ। ଅତୀତରେ ପୁରସ୍କାର ଉତ୍ସବ ବିଳମ୍ବରେ



ହେବାର ନଜିର ରହିଛି। ତେଣୁ ଏଥର ଅଗଷ୍ଟ ୨୯ରେ ହୋଇ ନ ପାରିଲେ ଆମେ ମାସେ କିମ୍ବା ୨ ମାସ ବିଳମ୍ବରେ ଦେବୁ। ବର୍ତ୍ତମାନ ପରିସ୍ଥିତିରେ ସମସ୍ତଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି ବୋଲି ଉକ୍ତ କର୍ମକର୍ତ୍ତା ଜଣକ ପ୍ରକାଶ କରିଛନ୍ତି।

କରୋନା ସଂକ୍ରମଣ ଯୋଗୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆବେଦନର ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ଏପରିକି ଯୋଗ୍ୟ ଆଥଲେଟ୍‌ମାନେ ନିଜେ ଆବେଦନ କରିପାରିବେ ବୋଲି ସୁଯୋଗ ଦିଆଯାଇଥିଲା। ଫଳରେ ଏଥର ବହୁ ପରିମାଣରେ ଆବେଦନ କରାଯାଇଥିବା ଜଣାଯାଇଛି। ଜାତୀୟ କ୍ରୀଡ଼ା ଦିବସକୁ ଆଉ ମାସେରୁ କମ୍ ସମୟ ଥିବାବେଳେ ବିଜେତା ଚୟନ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ କମିଟି ଗଠନ କରିନାହିଁ। ଏପରିକି ଆବେଦନ ଗୁଡ଼ିକ ସ୍କ୍ରିନିଂ ମଧ୍ୟ କରାଯାଇନାହିଁ। ତେଣୁ ଏଥିରେ ବିଳମ୍ବ ହେବା ସ୍ୱାଭାବିକ ମନେ ହେଉଛି।




## ରାଜ୍ୟ ଖବର

# ଜଙ୍ଗଲରୁ ନାବାଳିକା, ୨ ଯୁବକଙ୍କ ମୃତଦେହ ଉଦ୍ଧାର

- ଦୁଇଟି ଗଛରେ ଗଳିତ ଅବସ୍ଥାରେ ଝୁଲୁଥିଲା
- ପ୍ରେମିକା, ପ୍ରେମିକ ଓ ବନ୍ଧୁ ହୋଇଥିବା ସୂଚନା
- ସାଇଣ୍ଟିଫିକ୍ ଟିମ୍ ସହ ପୋଲିସର ତଦନ୍ତ

**ଛେଣ୍ଡିପଦା,୩୦।୭(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟା ପଞ୍ଚାୟତର ବାଲିକୁଦିଆ ଜଙ୍ଗଲରୁ ଗୁରୁବାର ପୋଲିସ ଜଣେ ନାବାଳିକା ଓ ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କ ପ୍ରେମିକ ଓ ଅନ୍ୟ ଜଣେ ବନ୍ଧୁ ହୋଇଥିବା କୁହାଯାଉଛି। ଦୁଇଟି ଗଛରେ ଏହି ୩ଟି ମୃତଦେହ ଝୁଲୁଥିବା ଦେଖି ବୁଧବାର ରାତିରେ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଗୁରୁବାର ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଛେଣ୍ଡିପଦା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ସେଠାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ୩ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୧୧/୨୦, ୧୨/୨୦, ୧୩/୨୦ରେ ୩ଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ କହିଛି, ପଳାଶବଣିଆ ଗ୍ରାମର ଦାମୋଦର ମାଝିଙ୍କ ପୁଅ ଶମ୍ଭୁ ଓରଫ ସୁଶାନ୍ତ ମାଝି(୨୨)ଙ୍କ ସହ ସମ୍ପୃକ୍ତା ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିଲା। ଏହାକୁ ନେଇ ଅତୀତରେ ସୁଶାନ୍ତଙ୍କ ନାମରେ ଛେଣ୍ଡିପଦା ଥାନାରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ମୃତ ଅନ୍ୟତମ ଯୁବକ ପ୍ରେମିକ ସୁଶାନ୍ତ ଓ ନାବାଳିକାଙ୍କ ମଧ୍ୟରେ ମଧ୍ୟସ୍ଥତା କରୁଥିଲେ। ସୁଶାନ୍ତ ପେସାରେ ଗାଡି ଚାଳକ। ସେ ୭ ଦିନ ତଳେ ଗାଁକୁ ଆସିଥିଲେ ଏବଂ ଟିକରପଡ଼ା ଯାଉଥିବା କହି ଘରୁ ବାହାରି ଯାଇଥିଲେ। ହେଲେ ସୁଶାନ୍ତଙ୍କ ମୃତଦେହ ବାଲିକୁଦିଆ ଜଙ୍ଗଲରୁ ଉଦ୍ଧାର ସମ୍ପର୍କରେ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ନାବାଳିକା ଓ ମୃତ ଅନ୍ୟତମ ଯୁବକଙ୍କ ପରିବାର ପକ୍ଷରୁ ମଧ୍ୟ ଥାନାରେ ଅଭିଯୋଗ କରାଯାଇଛି।




# ମହାନଦୀ ପାଇଁ କଟକକୁ ଭୂକମ୍ପ ଭୟ

- ବର୍ତ୍ତମାନ ଜୋନ୍-୩ରେ ରହିଛି ଏହି ସହର
- ନୂତନ ପଦ୍ଧତିରେ କେନ୍ଦ୍ର କରିବ ଅଧ୍ୟୟନ

**କଟକ ଅଫିସ,୩୦।୭**

ଦେଶର ଯେଉଁ ୩୦ଟି ସହରକୁ ଭୂକମ୍ପ ଭୟ ରହିଛି, ସେହି ତାଲିକାରେ କଟକର ନାମ ସ୍ଥାନ ପାଇଛି। ମହାନଦୀର ତ୍ରିକୋଣ ଭୂମିରେ କଟକ ସହର ରହିଥିବାରୁ ଭୂକମ୍ପ ବିପଦ ରହିଛି। ଏହି ସହର ଉପରେ ଭୂକମ୍ପର ପ୍ରଭାବ କେମିତି ରହିବ, ତାହାକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଅଧ୍ୟୟନ କରାଯିବ। କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରଣାଳୟ ତରଫରୁ ଏ ନେଇ ଘୋଷଣା କରାଯାଇଛି। ୨୦୨୨ ସୁଦ୍ଧା ଅଧ୍ୟୟନ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ୨୦୨୪ରେ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରକାଶ ପାଇବ ବୋଲି କେନ୍ଦ୍ର ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଭୂକମ୍ପରୁ ପ୍ରମୁଖ ସହରଗୁଡ଼ିକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ପାଇଁ ଚିନ୍ତା କରୁଛନ୍ତି। ଏହି ତାଲିକାରେ କଟକ ସମେତ ବିଜୟୱାଡ଼ା, ପାଟନା, ସୁରଟ, ଭଦୋଦରା, ଶ୍ରୀନଗର, ଜମ୍ମୁ, ଧାନବାଦ୍, କୋଚି, ଇନ୍ଦୋର, ନାସିକ, ପୁଣେ, ଅମ୍ରିତସର, ଚେନ୍ନାଇ,



କୋଏମ୍ବାଟୁର, ଆଗ୍ରା, ବାରାଣସୀ, ମିରଟ୍, ବରେଲି ଏବଂ କୋଲକାତା ସମେତ ମୋଟ ୩୦ଟି ସହର ରହିଛି। ଭୂକମ୍ପର ପ୍ରଭାବ ଅନୁଯାୟୀ ସହରଗୁଡ଼ିକୁ ୩ଟି ଜୋନ୍ ଯଥା ଜୋନ୍-୩, ଜୋନ୍-୪ ଏବଂ ଜୋନ୍-୫ରେ ବିଭକ୍ତ କରାଯିବ। ଜାତୀୟ ଭୂକମ୍ପ ବିଜ୍ଞାନ (ଏନ୍‌ସିଏସ୍)ର ସହଯୋଗରେ କେନ୍ଦ୍ର ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଅଧ୍ୟୟନ କରିବା ପାଇଁ ସ୍ଥିର କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଭୂପୃଷ୍ଠର ଗତି ଅନୁଯାୟୀ ବିଶ୍ୱ ଏବଂ ଆଞ୍ଚଳିକ ସ୍ତରରେ ଭୂକମ୍ପ ପ୍ରବଣ ଅଞ୍ଚଳ ଚିହ୍ନଟ ହେଉଛି। କିନ୍ତୁ ଏହା ଯଥେଷ୍ଟ ହେଉ ନ ଥିବାରୁ ନୂଆ ପଦ୍ଧତି ଆପଣାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପଦ୍ଧତି ଅନୁଯାୟୀ ଭୂକମ୍ପ ବିଜ୍ଞାନ, ଭୂ-ପଦାର୍ଥ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନରେ ଥିବା ବିଭିନ୍ନ ପ୍ରକାର କୌଶଳକୁ ବ୍ୟବହାର କରାଯିବ। ଏଥିସହ ତରଙ୍ଗର ବେଗ, ତରଳ ପଦାର୍ଥର ସମ୍ଭାବନା ସୂଚକାଙ୍କ, ଭୂପୃଷ୍ଠର କଠିନତା ସହ ସ୍ତରଗୁଡ଼ିକର ଗଭୀରତାକୁ ନେଇ ଅଧ୍ୟୟନ ହେବ। ମିଳିଥିବା ନମୁନାଗୁଡ଼ିକୁ ନେଇ ମଲ୍‌ଟି-ଚ୍ୟାନେଲ୍ ଆନାଲିସିସ୍ ଅଫ୍ ସର୍ଫେସ୍ ୱେଭ୍ (ଏମ୍ଏଏସ୍‌ଡବ୍ଲ୍ୟୁ), ଷ୍ଟାଣ୍ଡାର୍ଡ ପେନେଟ୍ରେଶନ୍ ଟେଷ୍ଟ (ଏସ୍‌ପିଟି), କୋନ୍ ପେନିଟ୍ରେଶନ୍ ଟେଷ୍ଟ (ସିପିଟି) ଏବଂ ଡାଉନ୍‌ହୋଲ୍ ଟେଷ୍ଟ (ଡିଏଚ୍‌ଟି) ଆଦି ବିଭିନ୍ନ ପ୍ରକାର ପରୀକ୍ଷା ପରେ ବର୍ଗୀକରଣ କରାଯିବ। ଯାହାଫଳରେ ଭୂକମ୍ପ ପାଇଁ ଦାୟୀ ବିଭିନ୍ନ କାରଣଗୁଡ଼ିକ ସମ୍ପର୍କରେ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ମିଳିପାରିବ।

ଅଧ୍ୟୟନ ରିପୋର୍ଟକୁ ବିଶେଷଜ୍ଞମାନେ ସମୀକ୍ଷା କରିବା ପରେ ଭୂକମ୍ପ ବିପଦକୁ ପ୍ରତିରୋଧ ପାଇଁ କ'ଣ ପଦକ୍ଷେପ ନେବାର ଆବଶ୍ୟକତା ରହିଛି, ସେନେଇ ପରାମର୍ଶ ଦେବେ। ବିଶେଷକରି ଭୂକମ୍ପ ପ୍ରଭାବରୁ କୋଠାବାଡ଼ି ଆଦି ନିର୍ମାଣଗୁଡ଼ିକୁ କିପରି ସୁରକ୍ଷା ଦିଆଯାଇପାରିବ ଏବଂ ଭୂକମ୍ପ ପ୍ରଭାବ ହ୍ରାସ କରିବା ପାଇଁ ଯନ୍ତ୍ରୀମାନଙ୍କ ନିମନ୍ତେ କ'ଣ ନିର୍ଦ୍ଦେଶାବଳୀ ରହିବ ସେ ସମ୍ପର୍କରେ ଗାଇଡ୍‌ଲାଇନ୍ ଦିଆଯିବ। ଯାହାଫଳରେ ନୂତନ ନିର୍ମାଣ କାର୍ଯ୍ୟରେ ଉକ୍ତ କୌଶଳଗୁଡ଼ିକର ବ୍ୟବହାର କରାଯାଇ ଭୂକମ୍ପ ପ୍ରତିହତ କରିବା ଭଳି କୋଠାବାଡ଼ି ନିର୍ମାଣ କରାଯାଇପାରିବ। ଏତଦ୍‌ବ୍ୟତୀତ ପୌର କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, କେନ୍ଦ୍ର ଏବଂ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ମଧ୍ୟ ଭୂକମ୍ପ ପ୍ରତିରୋଧ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ କେତେକ ପ୍ରସ୍ତାବ ଦିଆଯିବ ଦେଶର ପ୍ରମୁଖ ସହରଗୁଡ଼ିକୁ ଭୂକମ୍ପରୁ ସୁରକ୍ଷା ପ୍ରଦାନ ଦିଗରେ ଏହି ଅଧ୍ୟୟନ ବେଶ୍ ଫଳପ୍ରଦ ହେବ ବୋଲି କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରଣାଳୟ ଆଶା ପ୍ରକାଶ କରିଛି।

ପୂର୍ବରୁ ହୋଇଥିବା ଅନେକ ଅଧ୍ୟୟନରେ କଟକକୁ ଭୂକମ୍ପ ପ୍ରବଣ ଜୋନ୍‌ରେ ରଖାଯାଇଛି। ୨୦୧୮ରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ (ଜିଏସ୍ଆଇ) ଅଧ୍ୟୟନରେ ପ୍ରଭାବିତ ଜୋନ୍‌ରେ କଟକ ସହର ରହିଥିଲା। ମହାନଦୀ ତ୍ରିକୋଣ ଭୂମିରେ କଟକ ସହର ରହିଥିବାରୁ ଭୂକମ୍ପ ବିପଦ ରହିଛି ବୋଲି ଅଧ୍ୟୟନରୁ ଜଣାପଡ଼ିଥିଲା। ଏଥିରେ କଟକକୁ ଜୋନ୍-୩ରେ ରଖାଯାଇଥିଲା। ସୂଚନାଯୋଗ୍ୟ, ଭୂକମ୍ପ ପ୍ରଭାବ ଅନୁଯାୟୀ, ୪ ପ୍ରକାର ଜୋନ୍ ରହିଛି। ଜୋନ୍-୨ରେ ଥିବା ଅଞ୍ଚଳଗୁଡ଼ିକରେ କମ୍ କ୍ଷତି ହେଉଥିବାବେଳେ ଜୋନ୍-୩ ଅଞ୍ଚଳରେ ମଧ୍ୟମ କ୍ଷତି, ଜୋନ୍-୪ ଅଞ୍ଚଳରେ ଅଧିକ କ୍ଷତି ଏବଂ ଜୋନ୍ -୫ ଅଞ୍ଚଳରେ ଅତ୍ୟଧିକ କ୍ଷତି ଘଟିଥାଏ। କଟକ ସହର ବର୍ତ୍ତମାନ ଜୋନ୍-୩ରେ ରହିଥିବାରୁ ଭୂକମ୍ପ ଆଶଙ୍କା ରହିଛି। କେନ୍ଦ୍ର ସରକାର ଏବେ ନୂତନ ଭାବେ ଅଧ୍ୟୟନ କରୁଥିବା ଯୋଗୁ ଏହା କଟକ ସହରକୁ ଭୂକମ୍ପରୁ ସୁରକ୍ଷିତ ରଖିବାରେ ସହାୟକ ହେବ ବୋଲି କୁହାଯାଉଛି।

## କ୍ଷତିକୁ ଏଡ଼ାଇ ଦିଆଯାଇ ନ ପାରେ



ଯେଉଁ ଅଞ୍ଚଳରେ ନଦୀ ପ୍ରବାହିତ ହୁଏ, ସେସବୁ ସ୍ଥାନରେ ଅଶ୍ମମଣ୍ଡଳର ଘନତା ସାଧାରଣତଃ କମ୍ ରହେ। କଟକକୁ ଚାରିପାର୍ଶ୍ୱରୁ ନଦୀ ଘେରି ରହିଛି। ଏହା ଏକ ତ୍ରିକୋଣଭୂମି ଅଞ୍ଚଳ। କଟକ ଭୂପୃଷ୍ଠ ଚାରିପାର୍ଶ୍ୱରେ ଫାଟ ମଧ୍ୟ ରହିଛି। ଏଗୁଡ଼ିକ ଯେ କୌଣସି ସମୟରେ ଚଳନ କରିପାରେ। ଏଣୁ ଯଦି ବଡ଼ ଧରଣର ଭୂକମ୍ପ ହୁଏ ତାହେଲେ କଟକର କ୍ଷତିକୁ ଏଡ଼ାଇ ଦିଆଯାଇ ନ ପାରେ। ଏହି ସହର ଜୋନ୍-୩ରେ ରହିଛି। ପୂର୍ବରୁ ଅଧ୍ୟୟନ କେବଳ ଉପରଠାଉରିଆ ଭାବେ କରାଯାଇଛି। ଏବେ ମାଇକ୍ରୋ ଅଧ୍ୟୟନର ଆବଶ୍ୟକତା ରହିଛି।

– ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ, ଭୂତତ୍ତ୍ୱବିତ୍




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ